
ବର୍ଷ-୨୪, ସଂଖ୍ୟା-୨୦୬
ଭୁବନେଶ୍ୱର
୨୬ ଅଗଷ୍ଟ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 206
Bhubaneswar
26 August, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ଓ ସାର୍ଟିଫିକେଟ୍ ପ୍ରଦାନ

ନୂଆଦିଲ୍ଲୀ, ୨୫।୮ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ଜଲଗାଓଁଠାରେ ଲକ୍ଷପତି ଦିଦି ସମ୍ମିଳନୀରେ ଯୋଗ ଦେଇଥିଲେ। ବର୍ତ୍ତମାନର ସରକାରଙ୍କ ତୃତୀୟ ପାଳିରେ ନିକଟରେ ଲକ୍ଷପତି ହୋଇଥିବା ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ସେ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଲକ୍ଷପତି ଦିଦିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଶ୍ରୀ ମୋଦୀ ୨,୫୦୦ କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଜାରି କରିଛନ୍ତି, ଯେଉଁଥିରେ ୪.୩ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ର ପ୍ରାୟ ୪୮ ଲକ୍ଷ ସଦସ୍ୟ ଉପକୃତ ହୋଇଛନ୍ତି। ସେ ୫୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ମଧ୍ୟ ପ୍ରଦାନ କରିଛନ୍ତି ଯାହା ଦ୍ୱାରା ୨.୩୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ୨୫.୮ ଲକ୍ଷ ସଦସ୍ୟ ଉପକୃତ ହେବେ। ଲକ୍ଷପତି ଦିଦି ଯୋଜନା ଆରମ୍ଭ ହେବା ପରଠାରୁ ୧ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରାଯାଇଛି ଏବଂ ସରକାର ୩ କୋଟି ଲକ୍ଷପତି ଦିଦିଙ୍କୁ ଟାର୍ଗେଟ କରିଛନ୍ତି।

ଏହି ଅବସରରେ ଉପସ୍ଥିତ ଥିବା ମା' ଓ ଭଉଣୀଙ୍କ ପ୍ରବଳ ଭିଡ଼ପ୍ରତି କୃତଜ୍ଞତା ଜ୍ଞାପନ କରି ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ। ଆଗକୁ ବଢ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନେପାଳର ତାନାହୁନରେ ଘଟିଥିବା ବସ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ଜଣାଇଥିଲେ। ସେ ସୂଚନା ଦେଇଛନ୍ତି ଯେ ଦୁର୍ଘଟଣା ଘଟିବା ମାତ୍ରେ କର୍ତ୍ତୃପକ୍ଷ ସେମାନଙ୍କ ନେପାଳୀ ପ୍ରତିପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ରକ୍ଷାତାଇ ଖଡ଼ସେଙ୍କୁ ନେପାଳ ପଠାଯାଇଥିଲା।ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ମୃତକଙ୍କ ମରଶରୀର ଅଣାଯାଇଛି ଏବଂ ଆହତଙ୍କ ଯତ୍ନ ନିଆଯାଉଛି ବୋଲି ସେ କହିଛନ୍ତି।ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଲକ୍ଷପତି ଦିଦି ସମ୍ମିଳନୀର ବିଶାଳ କାର୍ଯ୍ୟକ୍ରମରେ ମା' ଓ ଭଉଣୀଙ୍କ ବିପୁଳ ଜନସମାଗମରେ ଯୋଗ ଦେଇଥିବାରୁ ଖୁସି ବ୍ୟକ୍ତ କରି ଶ୍ରୀ ମୋଦୀ କହିଥିଲେ, ଆଜି ସମଗ୍ର ଭାରତରେ ଲକ୍ଷ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୬୦୦୦ କୋଟିରୁ ଅଧିକ ଟଙ୍କାର ପାଣ୍ଠି ବଣ୍ଟନ କରାଯାଇଛି।ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପାଣ୍ଠି ଅନେକ ମହିଳାଙ୍କୁ 'ଲକ୍ଷପତି ଦିଦି'ରେ ପରିଣତ କରିବା ପାଇଁ ପ୍ରୋତ୍ସାହିତ କରିବ। ମହାରାଷ୍ଟ୍ରର ମା' ଓ ଭଉଣୀମାନେ ରାଜ୍ୟର ଗୌରବମୟ ସଂସ୍କୃତି ଓ ପରମ୍ପରାର ଝଲକ ଦେଖନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।



ସମାଜ ଏବଂ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣରେ ଭାରତର ନାରୀ ଶକ୍ତିସର୍ବଦା ଅବଦାନ ରଖିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଆଜି ଯେତେବେଳେ ଭାରତ ବିକଶିତ ହେବା ପାଇଁ ପ୍ରୟାସ କରୁଛି, ସେତେବେଳେ ଆମର ନାରୀ ଶକ୍ତି ପୁଣି ଥରେ ଆଗେଇ ଆସୁଛି ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ମହାରାଷ୍ଟ୍ରର ମହିଳାମାନଙ୍କ ଉଦ୍ୟମକୁ ପ୍ରଶଂସା କରି ଶ୍ରୀ ମୋଦୀ କହିଛନ୍ତି ଯେ ମୁଁ ଆପଣ ମାନଙ୍କ ମଧ୍ୟରେ ରାଜମାତା ଜିଜାବାଇ ଏବଂ ସାବିତ୍ରୀବାଇ ଫୁଲେଙ୍କ ଛାପ ଦେଖୁଛି।

୨୦୨୪ ଲୋକସଭା ନିର୍ବାଚନ ସମୟରେ ଯେତେବେଳେ ପ୍ରଧାନମନ୍ତ୍ରୀ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେତେବେଳେ ତାଙ୍କ ମହାରାଷ୍ଟ୍ର ଗସ୍ତକୁ ମନେ ପକାଇ ଶ୍ରୀ ମୋଦୀ ସୂଚନା ଦେଇଥିଲେ ଯେ ଗତ ୧୦ ବର୍ଷ ମଧ୍ୟରେ ୧ କୋଟି ଲକ୍ଷପତି ଦିଦି ତିଆରି ହୋଇଥିବା ବେଳେ କେବଳ ଗତ ଦୁଇ ମାସ ମଧ୍ୟରେ ୧୧ ଲକ୍ଷ ନୂଆ ଲଖପତି ଦିଦି ସୃଷ୍ଟି ହୋଇଛି। ମହାରାଷ୍ଟ୍ରରେ ମଧ୍ୟ ୧ ଲକ୍ଷ ଲକ୍ଷପତି ଦିଦି ତିଆରି ହୋଇଛି। ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଏକାଧିକ ନୂତନ ଯୋଜନା ଏବଂ କାର୍ଯ୍ୟକ୍ରମ ଆରମ୍ଭ କରି ମହାରାଷ୍ଟ୍ରରେ ମହିଳାମାନଙ୍କୁ ସଶକ୍ତ ଏବଂ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସମଗ୍ର ଟିମ୍ ଏକାଠି ହୋଇଥିବା ଗୁରୁତ୍ୱାରୋପ କରିଥିଲେ।

ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ କରିବାରେ ମହିଳାଙ୍କ ଅବଦାନକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ ଅତୀତରେ ମହିଳାଙ୍କ ବିକାଶ ପ୍ରତି ଅବହେଳା ବିଷୟରେ ଉଲ୍ଲେଖ କରିଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ ଦେଶର କୋଟି କୋଟି ମହିଳାଙ୍କ ପାଖରେ କୌଣସି ସମ୍ପତ୍ତି ନାହିଁ ଯାହା କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବା ପାଇଁ ବ୍ୟାଙ୍କ ଋଣ ପାଇବାରେ ବଡ଼ ବାଧା ସୃଷ୍ଟି କରିଥିଲା। ତେଣୁ ମୁଁ ମହିଳାଙ୍କ ଉପରେ ବୋଝ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲି ଏବଂ ମୋଦି ସରକାର ଗୋଟିଏ ପରେ ଗୋଟିଏ ମହିଳାଙ୍କ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।ବର୍ତ୍ତମାନର ସରକାରର ୧୦ ବର୍ଷର ପୂର୍ବ ସରକାର ସହ ତୁଳନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନର ସରକାର ଅତୀତର ଅନ୍ୟ କୌଣସି ସରକାର ତୁଳନାରେ ମହିଳାଙ୍କ ସ୍ୱାର୍ଥ ପାଇଁ ଅଧିକ କାମ କରିଛନ୍ତି।

ସେ କହିଛନ୍ତି, ମହିଳାମାନଙ୍କ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମୁଁ ପୁଣିଥରେ ସବୁ ରାଜ୍ୟର ସରକାରମାନଙ୍କୁ କହିବାକୁ ଚାହେଁ ଯେ ମହିଳା ବିରୋଧୀ ଅପରାଧ ଅକ୍ଷମଣୀୟ। ଅପରାଧୀ ଯିଏ ବି ହେଉଥାଉ ନା କାହିଁକି, ସେମାନଙ୍କୁ ଆଦୌ ଛଡ଼ା ଯିବା କଥା ନୁହେଁ। ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ଅକ୍ଷୁଣ୍ଣ ରଖିବାର ଦାୟିତ୍ୱ ସମାଜ ଓ ସରକାରଙ୍କର। ଆମେ ମହିଳାଙ୍କ ବିରୋଧରେ ହିଂସା ଘଟାଉଥିବା ଅପରାଧୀଙ୍କ ପାଇଁ ଆଇନକୁ ସଶକ୍ତ କରିବା ସହ ନୂଆ କଠୋର ଆଇନ ପ୍ରଣୟନ କରିଛୁ।


ଆଇନ କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ମଧ୍ୟ ମୋଦି ଆଲୋକପାତ କରିଛନ୍ତି। ପ୍ରଚଳିତ ଆଇନରେ ସଂଶୋଧନ ଓ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ପାଇଁ ବ୍ୟବସ୍ଥାକୁ ଅଧିକ ସୁଗମ କରାଯାଇଥିବା ମୋଦି କହିଛନ୍ତି।

ସେ କହିଛନ୍ତି, ପୂର୍ବରୁ ଅଭିଯୋଗ ହେଉଥିଲା ଯେ ଏଫଆଇଆର ପଞ୍ଜୀକରଣ ହେଉନାହିଁ। ଆମେ ଭାରତୀୟ ନ୍ୟାୟ ସଂହିତା ଆଣିଛୁ ଓ ଅନେକ ସଂଶୋଧନ କରିଛୁ। ଯଦି କୌଣସି ମହିଳା ଅଭିଯୋଗ କରିବାକୁ ଥାନାକୁ ଯିବାକୁ ଚାହୁଁ ନାହାନ୍ତି, ତାହେଲେ ସେ ଇ- ଏଫଆଇଆର କରିପାରିବେ ଇ-ଏଫଆଇଆରକୁ କେହି ବି ବଦଳାଇ ପାରିବେ ନାହିଁ।

ବାହା ଘରେ ମହିଳାଙ୍କ ବିରୋଧରେ ଘଟୁଥିବା ହିଂସା ସମ୍ପର୍କରେ ମଧ୍ୟ ମୋଦି ମତ ରଖିଛନ୍ତି। ଏପରି ଘଟଣା ପାଇଁ ଭାରତୀୟ ନ୍ୟାୟ ସଂହିତାରେ ସ୍ୱତନ୍ତ୍ର ଭାବେ ସଂଶୋଧନ କରାଯାଇଛ।ମହିଳା ବିରୋଧୀ ଅପରାଧର ମୁକାବିଲା କରିବା ପାଇଁ ରାଜ୍ୟ ସରକାରଗୁଡ଼ିକ ସହ କେନ୍ଦ୍ର ସରକାର ଦୃଢ଼ ଭାବେ ଛିଡ଼ା ହୋଇଥିବା ସେ କହିଛନ୍ତି।

# 'ସୁଭଦ୍ରା' ପାଇଁ ସେପ୍ଟେମ୍ବର ୧୭ରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୫।୮ (ମହାଭାରତ):: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଜନ୍ମ ଦିନ ସେପ୍ଟେମ୍ବର ୧୭ ତାରିଖରେ ଓଡ଼ିଶା ଆସିବେ। ସେହି ଦିନ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏନେଇ ଆଜି ପୁରୀଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।ସେ କହିଛନ୍ତି, ଓଡ଼ିଶାର ମୁଖ୍ୟ ମୋହନ ଚରଣ ମାଝୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିବେ।



ସୂଚନାଯୋଗ୍ୟ, ରାଜ୍ୟରେ କ୍ଷମତାସୀନ ବିଜେପି ସରକାରଙ୍କ ବହୁ ଚର୍ଚ୍ଚିତ ସୁଭଦ୍ରା ଯୋଜନା ପାଇଁ ଏସ୍‌ଓପି ଜାରି ହୋଇଛି। ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏ ସଂପର୍କରେ ଘୋଷଣା କରିଛନ୍ତି। ୨୧-୬୦ବର୍ଷର ମହିଳାଙ୍କୁ ବାର୍ଷିକ ୨ଟି କିସ୍ତିରେ ୧୦ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ ଆସନ୍ତା ୫ବର୍ଷରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀ ମୋଟ ୫୦ହଜାର ଟଙ୍କା ପାଇବେ ନିଜ ଇଚ୍ଛାରେ ସେ ଏହି ଟଙ୍କା ଖର୍ଚ୍ଚ କରିପାରିବେ। ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଯୋଜନା ୨୦୨୪-୨୫ରୁ ଆରମ୍ଭ ହୋଇ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୫୫,୮୨୫ କୋଟି ଟଙ୍କା ଖର୍ଚ୍ଚ ହେବ। କୋଟିରୁ ଅଧିକ ମହିଳା ଏଥିରେ ଉପକୃତ ହେବେ ସମସ୍ତ ହିତାଧିକାରୀଙ୍କୁ ରାଖି ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସ(୮ ମାର୍ଚ୍ଚ)ରେ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ସହାୟତା ପ୍ରଦାନରେ ସ୍ୱଚ୍ଛତାକୁ ନିଶ୍ଚିତ କରିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ୍(ଏପିବିଏସ୍) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ ଏହାସହ ହିତାଧିକାରୀଙ୍କୁ ଏକ ସୁଭଦ୍ରା ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ।

# ଆଉ ଏକ ଲଘୁଚାପ

ଭୁବନେଶ୍ୱର : ଉତ୍ତର ବଙ୍ଗୋପସାଗରରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ୨୭ ତାରିଖ ଯାଏଁ ରାଜ୍ୟର କେତେକ ଜିଲାରେ ପ୍ରବଳ ଏବଂ ଅନ୍ୟ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବ ସମୁଦ୍ର ଉପକୂଳରେ ୪୦-୫୦ କି.ମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସକ୍ରିୟ ମୌସୁମୀ ସହିତ ଘୂର୍ଣ୍ଣିବଳୟ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି।

ବିଶେଷକରି ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇଛି ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ବର୍ଷା ହୋଇଛି ଆଜି(ରବିବାର)ଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

# ସନ୍ଦୀପ ଘୋଷଙ୍କ ଘରେ ସିବିଆଇ ଚଢାଉ

କୋଲକାତା: କୋଲକାତା ଆରଜି କର ମେଡିକାଲ କଲେଜରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସିବିଆଇ ଘନ ଘନ ଜେରା କରୁଛି। ସ୍କାନରରେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷ୍ ଆଜି ସିବିଆଇ ଟିମ୍ ତାଙ୍କ ଘରେ ଚଢାଉ କରିଛି। କୋଲକାତା ସ୍ଥିତ ବେଲେଘାଟରେ ଥିବା ତାଙ୍କ ଘରେ ଆଜି ଚଢାଉ ହୋଇଛି। ସନ୍ଦୀପଙ୍କ ଘରେ ଦୀର୍ଘ ୧୨ ଘଣ୍ଟା କାଳ ତଦନ୍ତ ତନ୍ନ ତନ୍ନ କରି ଯାଞ୍ଚ କରିଛି ସିବିଆଇ। ସିବିଆଇ ହାତରେ କିଛି ବଡ଼ ତଥ୍ୟା ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି।



ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ସଂଜୟ ରୟର ପଲିଗ୍ରାଫ ଟେଷ୍ଟ କରାଯାଇଛି। ସିବିଆଇର ଏକ ଟିମର ଉପସ୍ଥିତିରେ ସଂଜୟର ମିଛଧରା ପରୀକ୍ଷା କରାଯାଇଛ। ଅଧିକାରୀମାନେ ଏହି ମୁଖ୍ୟ ଅଭିଯୁକ୍ତକୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଛନ୍ତି। ସଂଜୟ ଥିବା କୋଲକାତାର ପ୍ରେସିଡେନ୍ସି ଜେଲ କୋଠରୀରେ ଏହି ମିଛ ଧରା ପରୀକ୍ଷା କରାଯାଇଛି। ଗତକାଲି ଆରଜି କଲେଜ ପୂର୍ବତନ ଅଧକ୍ଷ ସନ୍ଦୀପ ଘୋଷ, ୪ ଡାକ୍ତର, ଜଣେ ଭଲ୍ୟୁଂଟରଙ୍କ ପଲିଗ୍ରାଫ କରାଯାଇଥିଲା। ତେବେ ସଂଜୟର ପରୀକ୍ଷା କରାଯାଇପାରି ନଥିଲା।।

ସେପଟେ ଆରଜି କର ହସ୍ପିଟାଲ ଓ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଠୁ ସତ ଉଗାଳିବାକୁ ତଦନ୍ତକୁ ତ୍ୱରାନତ୍ୱ କରିଛି ସିବିଆଇ ସିବିଆଇ ସହ ଆଣ୍ଟି କରପସନ ବ୍ୟୁରୋ ମଧ୍ୟ ସନ୍ଦୀପର ଘର ଓ ଅନ୍ୟାନ୍ୟ ଠିକଣାରେ ଚଢ଼ାଉ କରିଛି। ପରିଚାଳନାରେ ଆର୍ଥିକ ଅନିୟମତତା ନେଇ ସନ୍ଦୀପଙ୍କ ବିରୋଧରେ ଅଭିଯୋଗ ଆସିଛି ସନ୍ଦୀପଙ୍କ ସହ ଆରଜି କଲେଜର ଫୋରନେସିକ ମେଡିସିନ ପ୍ରଫେସର ଡକ୍ଟର ଦେବାଶିଷ ସୋମଙ୍କ ଠିକଣାରେ ମଧ୍ୟ ଚଢ଼ାଉ ହୋଇଛି।

# ହତ୍ୟାକାଣ୍ଡ ନେଇ ତୁମୁଳକାଣ୍ଡ

**ଖୋର୍ଦ୍ଧା, ୨୫।୮ (ମହାଭାରତ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖୋର୍ଦ୍ଧା ଜିଲ୍ଲା ମୁକୁନ୍ଦପ୍ରସାଦ ଅଞ୍ଚଳରେ ବିଚ୍ ରାସ୍ତାରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯିବା ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍ଥିତିକୁ ଦେଖି ଡିଜିପି ଓ ଗୁଇନ୍ଦା ନିର୍ଦ୍ଦେଶକ ସେଠାକୁ ଯାଇଥିବା ବେଳେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଲାଗୁ କରାଯାଇଛି।

ଶିଙ୍ଗାଂଚଳ ଥାନା ଅନ୍ତର୍ଗତ ଜଟଣୀ ବାଇପାସ ନିକଟ ଏକ ନର୍ସରୀ ସମ୍ମୁଖରେ ଏହି ଘଟଣା ଘଟିଛି। ମୃତକ ହେଲେ ମୁକୁନ୍ଦପ୍ରସାଦ ର ମହମ୍ମଦ ସାଜିଦ(୩୦)। ସାଜିଦ ର ମୁଣ୍ଡ, ମୁହଁ, ହାତ, ପେଟ, ବେକ ଭଳି ଶରୀର ର ଅନେକ ସ୍ଥାନରେ ଗଭୀର କ୍ଷତ ହୋଇଛି। ସାଜିଦକୁ ଯୁବକମାନେ ଯୋଜନାବଦ୍ଧ ଭାବେ ଆକ୍ରମଣ କରି ମାରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମୁକୁନ୍ଦପ୍ରସାଦ ଛକରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୁକୁନ୍ଦପ୍ରସାଦ ଛକରେ ଶବ ରଖି ଟାୟର ଜାଳି ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ଜିଲ୍ଲାପାଳ ଚଂଚଳ ରାଣା, ଆଇଜି ସଞ୍ଜୟ କୁମାର, ଏସପି ଅବିନାଶ କୁମାର, ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ପ୍ରତିଶ୍ରୁତି ପରେ ଶବ ଉଠିଥିଲା। ତେବେ ପରିସ୍ଥିତି ଉତ୍ତେଜନାମୂଳକ ରହିଛି। ମୃତକଙ୍କ ସମ୍ପର୍କୀୟ ଓ ସହଯୋଗୀମାନେ ରାସ୍ତାରୋକ ପୂର୍ବରୁ ଦଧିବାମନସାହି, ମାଳିସାହି, ପୋଡାସାହି ପ୍ରଭୃତିରେ ପଶି ଗାଡି ଓ ଘର ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ରୋକିବାକୁ ୧୨ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ଘଟଣାସ୍ଥଳରେ ଡିଜିପି ୱାଇ.ବି.ଖୁରାନିଆ, ଗୁଇନ୍ଦା ମୁଖ୍ୟ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ପୁଲିସ ଅଧିକାରୀମାନେ ପହଁଚି ସ୍ଥିତି ଅନୁଧ୍ୟାନ କରିବା ସହ ମୁକୁନ୍ଦପ୍ରସାଦରେ ଶାନ୍ତି ଫେରାଇବା ଲାଗି ଫ୍ଲାଗମାର୍ଚ୍ଚ କରିଥିଲେ। କୌଣସି ପରିସ୍ଥିତିରେ ଆଇନକୁ ହାତକୁ ନନେବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଅଂଚଳରେ ଶାନ୍ତି ଫେରାଇ ଆଣିବାକୁ ସମସ୍ତଙ୍କ ସହଯୋଗ ପାଇଁ ଡିଜିପି ଅନୁରୋଧ କରିଥିଲେ। ପରିସ୍ଥିତି କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ମୁକୁନ୍ଦପ୍ରସାଦ ଅଂଚଳରେ ୧୬୩ଜାରି କରାଯାଇଛି। ଏଥିରେ ପୌରପରିଷଦ ର ୱାର୍ଡ ନଂ-୨, ୨୧, ୨୨ ଏବଂ ଏହି ୱାର୍ଡ ନିକଟବର୍ତ୍ତୀ ୧ ଓ ୩ନଂର କିଛି ଅଂଶକୁ ପ୍ରଶାସନ ପକ୍ଷରୁ ସାମିଲ କରିଛି।



# ୧୦୦୦ରୁ ଅଧିକ ରକେଟ ଲଞ୍ଚର ଧ୍ୱଂସ କଲା ଇସ୍ରାଏଲ

ଜେରୁଜେଲମ୍, ୨୫।୮ (ମହାଭାରତ):: ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଯାଇଛି ଯୁଦ୍ଧ। ଇସ୍ରାଏଲ ଏବଂ ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହେଜବୁଲ୍ଲା ମଧ୍ୟରେ ରବିବାର ଭୋରରୁ ଲଢ଼େଇ ଆରମ୍ଭ ହୋଇଯାଇଛି। ଲେବାନନରୁ ହେଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରେ ସକାଳୁ ୩୦୦ରୁ ଅଧିକ ରକେଟ ମାଡ଼ କରାଯାଇଛି। ଏହାର କଡ଼ା ଜବାବ ଦେଇଛି ଇସ୍ରାଏଲ। ହେଜବୁଲ୍ଲାର ରକେଟ୍ ମାଡ଼କୁ ପ୍ରତିହତ କରିବା ଲାଗି ଇସ୍ରାଏଲ ବାୟୁସେନା ପକ୍ଷରୁ ଏୟାରଷ୍ଟ୍ରାଇକ କରାଯାଇଛି। ୧୦୦ରୁ ଅଧିକ ଯୁଦ୍ଧ ବିମାନ ଆକାଶମାର୍ଗରୁ ହେଜବୁଲ୍ଲା ରକେଟ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି।

ଭୋର ସମୟରେ ହେଜବୁଲ୍ଲା ପକ୍ଷରୁ ଲେବାନନରୁ ପ୍ରଥମେ ଇସ୍ରାଏଲ ଉପରେ ରକେଟ୍ ମାଡ଼ କରାଯାଇଥିଲା। ଏହା ପରେ ଇସ୍ରାଏଲ ଦକ୍ଷିଣ ଲେବାନନ ଉପରେ ଏୟାରଷ୍ଟ୍ରାଇକ କରିଥିଲା। ଏହି ଅଞ୍ଚଳରୁ ଆତଙ୍କବାଦ କାର୍ଯ୍ୟକଳାପ ବିସ୍ତାର କରୁଥିବା ହେଜବୁଲ୍ଲାର ୧ ହଜାରରୁ ଅଧିକ ରକେଟ ଲଞ୍ଚରକୁ ଇସ୍ରାଏଲି ଯୁଦ୍ଧ ବିମାନ ଧ୍ୱଂସ କରିଦେଇଥିଲେ ବୋଲି ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି।



ଏହି ଛୋଟିଆ ଆକ୍ରମଣ ଆଗକୁ ବଡ଼ ଯୁଦ୍ଧର ରୂପ ନେବା ଆଶଙ୍କା ପ୍ରକାଶ ପାଇଛି। ଗତ ମାସରେ ଇରାନରେ ହେଜବୁଲ୍ଲା କମାଣ୍ଡରଙ୍କୁ ହତ୍ୟା କରାଯିବା ପରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି।ଅଗଷ୍ଟ ପ୍ରଥମ ସପ୍ତାହରେ ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ଇରାନ ଏହାର ସେନାକୁ ନିର୍ଦ୍ଦେଶ ଦେଇଥିଲା ତେବେ ଏହା ମଧ୍ୟରେ ହେଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ ହୋଇଯାଇଛି।ସେପଟେ ହମାନ ଆତଙ୍କବାଦୀ ସଂଗଠନ ବି ଇସ୍ରାଏଲକୁ ଟାର୍ଗେଟ କରିଆସୁଛି ହେଜବୁଲ୍ଲା ଏବଂ ହମାସ ଆତଙ୍କୀ ସଂଗଠନ ଇରାନ ସମର୍ଥନରେ ପରିଚାଳିତ ହେଉଥିବାରୁ ଇରାନ ଯୁଦ୍ଧକୁ ଓହ୍ଲାଇପାରେ। ଏହା ହେଲେ ଇସ୍ରାଏଲ ସମର୍ଥନରେ ଆମେରିକା ଯୁଦ୍ଧ କ୍ଷେତ୍ରକୁ ଆସିଲେ ପରିସ୍ଥିତି ଭୟାବହ ହେବାର ଆଶଙ୍କା ପ୍ରକାଶ ପାଇଛି।

# ଆଇଏଲ୍‌ଏସ୍ ବୈଜ୍ଞାନିକଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର, ୨୫।୮ (ମହାଭାରତ):** ଆଇଏଲ୍‌ଏସ୍ ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଆଜି ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସ୍ତନ କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ଉଲ୍ଲେଖନୀୟ ଥିଲା। ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ମୃତଦେହକୁ ନିଆଯାଇଛି। ଆଇଏଲଏସ୍ ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। କେଏଫସିରୁ ଖାଦ୍ୟ ମଗାଇ ଖାଇଥିଲେ ସନ୍ଦୀପ। ତେବେ ଅସୁସ୍ଥ ଅନୁଭବ କରିବାରୁ ହସ୍ପିଟାଲ ନେଇଥିଲେ ପରିବାର ଲୋକ। ଝାଡ଼ା, ବାନ୍ତିର ଚିକିତ୍ସା ପରେ ଘରକୁ ଫେରିଆସିଥିଲେ। ହେଲେ ବିଳମ୍ବିତ ରାତିରେ ପୁଣି ଗୁରୁତର ହୋଇପଡ଼ିଥିଲେ।

# ବିଜେପିର କୋର କମିଟି ବୈଠକ

ଭୁବନେଶ୍ୱର, ୨୫।୮ (ମହାଭାରତ): ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପିର କୋର କମିଟିର ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଚାଲିଛି। ମିଳିଥିବା ଖବର ଅନୁଯାୟୀ, ଦଳର କ୍ଷମତାକୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ହେବାକୁ ଥିବା ରାଜନୈତିକ କାର୍ଯ୍ୟକ୍ରମ ଏବଂ ଏକ କୋଟି ସଦସ୍ୟତା ସୃଷ୍ଟି ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା।

ଓଡିଶା ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମର କହିଛନ୍ତି ଯେ, ଆମେ ଦଳ ପାଇଁ ଏକ ରେକର୍ଡ ସଦସ୍ୟତା ସୃଷ୍ଟି କରିବାକୁ ଯୋଜନା କରୁଛୁ। ଦଳକୁ ମଜବୁତ କରିବା ପାଇଁ ଯୋଜନା ମଧ୍ୟ ଆସିଛି। ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଭବିଷ୍ୟତର ରଣନୀତି ଏବଂ ଯୋଜନା ପ୍ରସ୍ତୁତ କରାଯାଇଛି। ସଦସ୍ୟତା ଅଭିଯାନରେ ଏକ କୋଟି ଲୋକଙ୍କ ସହ ଯୋଡ଼ିହେବା ଆମର ପ୍ରମୁଖ ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେହିପରି ବୈଠକରେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଓଡିଶାର ଜନସାଧାରଣଙ୍କୁ କେନ୍ଦ୍ରୀୟ ଯୋଜନା ବିଷୟରେ ବୁଝାଇବା ସହ ଏହାର ସୁଫଳ କିଭଳି ପାଇପାରିବେ ସେ ନେଇ ବିଚାରବିମର୍ଷ କରାଯାଇଥିଲା। ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବା ନେଇ ଏକ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ଯୋଜନାରେ ଲୋକମାନଙ୍କ ମଧ୍ୟରେ ଯେପରି କୌଣସି ଦ୍ୱନ୍ଦ୍ୱ ନ ରୁହେ ସେ ନେଇ ଲୋକଙ୍କୁ ବୁଝାଯିବ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ପ୍ରତାପ ଷଡଙ୍ଗୀ, ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ବିଜେପିର ସହ ପ୍ରଭାରୀ ଲତା ଉଷେଣ୍ଡି, ବିଜେପିର ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା ଓ ଅନ୍ୟ ବରିଷ୍ଠ ନେତା ମାନେ ଉପସ୍ଥିତ ଅଛନ୍ତି।

# ପିପିଲିରେ କୁକୁଡା ଚାଷୀ ଆତଙ୍କିତ

ପିପିଲି, ୨୫।୮: ବାର୍ଡ-ଫ୍ଲୁ ପ୍ରଭାବିତ ପୁରୀ ଜିଲାର ପିପିଲି ଅଞ୍ଚଳରେ ୨୪ ତାରିଖଠାରୁ କୁକୁଡା ମରା ଅଭିଯାନ ଆରମ୍ଭ ହୋଇଥିବା ବେଳେ ରବିବାର ଦିନ ୩ଟି ସଂକ୍ରମିତ ଫାର୍ମରୁ ୪୭୪୯ କୁକୁଡାଙ୍କୁ ମରାଯାଇ ମାଟିରେ ପୋତାଯାଇଛି।ଏହି କୁକୁଡା ମରା ଅଭିଯାନରେ ରାଜ୍ୟର ୪ଟି ଜିଲାରୁ ୧୩ଟି ରାପିଡ୍ ରେସ୍‌ପନ୍ସ ଟିମ୍ (ଆରଆରଟି)ର ୬୫ଜଣ ସଦସ୍ୟ ସାମିଲ ଥିବା ସୂଚନା ମିଳିଛି।

ପିପିଲି ଅଞ୍ଚଳରେ ଥିବା କେତେକ ବ୍ରଏଲର କୁକୁଡା ଫାର୍ମରେ ଗତ କିଛିଦିନ ହେଲା ଲଗାତର ଭାବେ ଦୈନିକ ଶହ ଶହ ସଂଖ୍ୟାରେ କୁକୁଡା ମଡକ ହୋଇଥିଲା ଫୁଲନଖରାସ୍ଥିତ ପ୍ରାଣୀସଂପଦ ରୋଗ ଅନୁସନ୍ଧାନ କେନ୍ଦ୍ରର (ଏଡିଆରଆଇ) ବିଶେଷଜ୍ଞମାନେ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ଆବଲପୁର ଗ୍ରାମର ଏକ କୁକୁଡା ଫାର୍ମରୁ ୧୭ ତାରିଖରେ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭେଲୋରସ୍ଥିତ ପରୀକ୍ଷାଗାରକୁ ପଠାଇଥିଲେ।

# ପୁରୀରେ ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସର୍ଟର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

ପୁରୀ/ଭୁବନେଶ୍ୱର, ୨୫।୮ (ମହାଭାରତ): ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ଆତିଥେୟତା ଶିଳ୍ପ, ଅନୁକୂଳ ବ୍ୟବସାୟିକ ଓ ସାମାଜିକ ବାତାବରଣକୁ ବଢାଇବା ପାଇଁ ହେବ ପାରଦର୍ଶୀତାର ସହଓ୍ୱେଲେଥ୍ କ୍ରିଏସନ ନ କଲେ ସମାଜରେ ନୂଆ ନିଯୁକ୍ତି ସୃଷ୍ଟି ହେବ ନାହିଁ ବୋଲି ରବିବାର ପୁରୀ ଠାରେ ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସର୍ଟର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି ଯେ, ଓଡ଼ିଶାରେ ପର୍ଯ୍ୟଟନର ଅପାର ସମ୍ଭାବନା ଅଛି ମାତ୍ର ବ୍ୟବସାୟିକ ବାତାବରଣ ଏବଂ ସଠିକ୍ ରଣନୈତିକ ଯୋଜନା ନଥିବାରୁ ଆମେ ଓଡ଼ିଶାକୁ ରାଜସ୍ଥାନ ଭଳି ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିପାରୁନାହୁଁ। ଆମକୁ ଯୋଜନାଭିତ୍ତିକ ଭାବରେ ବ୍ୟବସାୟର ଏକ ପରିସଂସ୍ଥାନ ତିଆରି କରିବା ପାଇଁ ହେବ। ହୋଟେଲ୍ ସ୍ୱସ୍ତି ହେଉ କିମ୍ବା ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ



ଥିବା ବେଲଗାଡିଆ ପ୍ୟାଲେସ ହେଉ, ଏ ସବୁକୁ ଦେଖିଲେ ଓଡ଼ିଆ ଲୋକମାନେ ଓଡ଼ିଆ ଲୋକମାନେ ପର୍ଯ୍ୟଟନଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ଦେବାର ବଡ ଯୋଜନା ତିଆରି କରିପାରିବେ ବୋଲି ମନରେ ଆକାଂକ୍ଷା ଜାତ ହୋଇଥାଏ। ସେହିପରି ଯେଉଁ ଅଞ୍ଚଳ ସ୍ୱଚ୍ଛ ହେବ ନାହିଁ। ସେଠାରେ ଯେତେ ଭିତ୍ତିଭୂମି ତିଆରି କଲେ ମଧ୍ୟ କାମରେ ଆସିବ ନାହିଁ ପର୍ଯ୍ୟଟନ ଭିତ୍ତିଭୂମି ସୃଷ୍ଟି ପାଇଁ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଜରୁରୀ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଚଳିତ ବଜେଟରେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପକୁ ମଜଭୁ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ପୂର୍ବୋଦୟ କଳ୍ପନାରେ ଓଡ଼ିଶାର ବିକାଶ ସହ ବହୁ ପ୍ରତିକ୍ଷୀତ କୋଷ୍ଟାଲ ହାଇଓ୍ୱେରେ କାମ ଖୁବ ଶୀଘ୍ର ଆରମ୍ଭ କରିବା ନେଇ ମୋଦୀ ସରକାର ଯୋଜନା କରୁଛନ୍ତି। କୋଷ୍ଟାଲ ହାଇଓ୍ୱେ ନୂଆ ଓଡ଼ିଶାର ଜୀବନରେଖା ହେବ। ବର୍ତ୍ତମାନ ସମୟରେ ଆମକୁ ରାଜପଥ, ଜଳପଥ, ବନ୍ଦର, ବିମାନବନ୍ଦର ଭିତ୍ତିଭୂମିକୁ ବଢାଇ ନିଯୁକ୍ତି ଓ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ହେବ। ଆତିଥେୟତା ଏବଂ ସେବା ଶିଳ୍ପ ମାଧ୍ୟମରେ ପର୍ଯ୍ୟଟନ ଶିଳ୍ପକୁ ତ୍ୱରାନ୍ୱିତ କରାଇବା ପାଇଁ ପଡିବ। ଓଡ଼ିଶାରେ ଆତିଥେୟତା ଶିଳ୍ପକୁ ବଢାଇବା ପାଇଁ ବିଜେପି ସରକାର ପ୍ରାଥମିକତା ଦେବ। ଆତିଥେୟତା ଶିଳ୍ପ ରୋଜଗାର ସୃଷ୍ଟି କରିବାର ବଡ ମାଧ୍ୟମ। ରାଜ୍ୟର ଭୌଗୋଳିକ ସ୍ଥିତିର ସୁଯୋଗକୁ ବ୍ୟବହାର କରି ଯେପରି ଆମେ ସମସ୍ତେ ନୂଆ ଓଡ଼ିଶା ଗଠନରେ ସାମୂହିକ ଦାୟିତ୍ୱ ନେବା, ତାହା ଆମର ସଂକଳ୍ପ ହେଉ।

ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସର୍ଟର ଉଦଘାଟନ ଅବସରରେ ସ୍ୱସ୍ତି ଗ୍ରୁପକୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶାର କଳା ଏବଂ ଐତିହ୍ୟର ଛାପ ଥିବା ଏହି ହୋଟେଲ୍ ପୁରୀର ଆତିଥେୟତା ଓ ସେବା ଶିଳ୍ପ କ୍ଷେତ୍ରରେ ନୂଆ ପରିଚୟ ତିଆରି କରିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କେଭି ସିଂହଦେଓ, ରାଜ୍ୟ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ସମ୍ବିତ ପାତ୍ର ଏବଂ ପୁରୀ, ବ୍ରହ୍ମଗିରି ଓ ଏକାମ୍ର ଭୁବନେଶ୍ୱରର ବିଧାୟକ ଯୋଗଦେଇଥିଲେ।

# କାଜୁ ପନିର



ଆାବଶ୍ୟକ ସାମଗ୍ରୀ: ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛାଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମୋଟା ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରି ଲଙ୍କା ପାଉଡର, ଏକ ବଡ଼ ଚାଁମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟକୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀର ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

ଖବର

# ରିଲିଜର ନବମ ଦିନରେ ୩୦୦ କୋଟି ଟଙ୍କା ପାର୍ କଲା 'ସ୍ତ୍ରୀ ୨



ହାଉସ୍ ଫୁଲ୍ ସହ ସଫଳତାପୂର୍ବକ ଆଗେଇ ଚାଲିଛି 'ସ୍ତ୍ରୀ ୨'। ଶ୍ରଦ୍ଧା କପୁର ଏବଂ ରାଜକୁମାର ରାଓଙ୍କ ଅଭିନୀତ ଏହି ସିନେମାକୁ ଦର୍ଶକଙ୍କ ଭଲ ରେସ୍ପନ୍ସ ମିଳିଛି। ରିଲିଜ୍ ହେବାର ସପ୍ତାହେ ମଧ୍ୟରେ 'ସ୍ତ୍ରୀ ୨'ର ବକ୍ସ ଅଫିସ୍ କଲେକ୍ସନ ୩୦୦ କୋଟି ଟଙ୍କା ପାର୍ କରିଛି। 'ସ୍ତ୍ରୀ ୨' ରିଲିଜର ପ୍ରଥମ ଦିନରେ ୫୧.୮ କୋଟି ଟଙ୍କା ସହ ଓପନିଂ କରିଥିଲା।ବୁଧବାର (ଅଗଷ୍ଟ ୨୧) ପେଡ୍ ପ୍ରିଭ୍ୟୁ ସହ ଘରୋଇ ବକ୍ସ ଅଫିସରେ ୩୦୮ କୋଟି ଟଙ୍କା ଆୟ କରିଥିଲା। ସେହିପରି ନବମ ଦିନରେ ମୋଟ୍ ୩୨୭ କୋଟି ଟଙ୍କା (ନେଟ୍) ଆୟ କରିଛି। ରିପୋର୍ଟ ଅନୁସାରେ, ସମଗ୍ର ବିଶ୍ୱରେ 'ସ୍ତ୍ରୀ ୨'ର ଆୟ ୪୫୬ କୋଟି ଟଙ୍କା ରହିଛି। ଅଗଷ୍ଟ ୧୫ରେ ରିଲିଜ୍ ହୋଇଥିବା ଏହି ସିନେମା ଅନ୍ୟ ଦୁଇ ହିନ୍ଦି ସିନେମା ଅକ୍ଷୟ କୁମାର ଏବଂ ତାପସୀ ପନ୍ନୁଙ୍କ ଖେଲ ଖେଲ ମେଁ ଏବଂ ଜନ୍ ଅବ୍ରାହମଙ୍କ ଫିଲ୍ମ ବେଦାକୁ କଡା ଟକ୍କର ଦେଇଥିଲା। କିନ୍ତୁ ଦର୍ଶକ ଶ୍ରଦ୍ଧା ଓ ରାଜକୁମାରଙ୍କ ଏହି ହରର୍ ଏବଂ କମେଡି ସିନେମାକୁ ଖୁବ୍ ପସନ୍ଦ କରିଥିବା ସ୍ପଷ୍ଟ ହୋଇଛି। ଖୁବ୍ କମ୍ ଦିନରେ ୫୦୦ କୋଟି ଟଙ୍କା କ୍ଲବରେ ପହଞ୍ଚିବା ନେଇ ଆଶା କରାଯାଉଛି। ଯଦି ସିନେମା କଥା କହିବା, ତେବେ ୨୦୧୮ରେ ରିଲିଜ୍ ହୋଇଥିବା 'ସ୍ତ୍ରୀ'ର ସିକ୍ୱେଲ ହେଉଛି 'ସ୍ତ୍ରୀ ୨'। ମୁଖ୍ୟ ଭୂମିକାରେ ଥିବା ଶ୍ରଦ୍ଧା କପୁର ଏବଂ ରାଜକୁମାର ରାଓ ପୂର୍ବ କାହାଣୀର ଚରିତ୍ରରେ ନଜର ଆସିଛନ୍ତି। ସିନେମାର ଏକ ଗୀତରେ ବରୁଣ ଧାବନଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଶ୍ରଦ୍ଧା ଓ ରାଜକୁମାରଙ୍କ ବ୍ୟତୀତ ଅପାରଶକ୍ତି ଖୁରାନା, ଅଭିଷେକ ବାନାର୍ଜୀ ଏବଂ ପଙ୍କଜ ତ୍ରିପାଠୀ ନଜର ଆସିଛନ୍ତି।

# ଶରୀର ପାଇଁ ଖୁବ ଉପକାରୀ ଗୋଲମରିଚ



ଆମ ରୋଷେଇ ଘରେ ଥିବା ଏକ ମସଲା ହେଉଛି ଗୋଲ ମରିଚ। ଏହା ପାଟିକୁ ରାଗ ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବିଶେଷଜ୍ଞଙ୍କ କହିବା ଅନୁସାରେ ଗୋଲମରିଚ ଖାଇଲେ ଆୟୁଷ ବଢିଥାଏ। ଗୋଲମରିଚରେ ଆଇରନ୍,ପୋଟାସିୟମ୍, ଫସଫରସ୍, ମାଙ୍ଗାନିଜ୍, ଜିଙ୍କ୍, କ୍ରୋମିୟମ୍, ଭିଟାମିନ୍-ଏ ଓ 'ସି'ଭଳି ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଖୁବ ଉପକାରୀ। ଗବେଷଣା ଅନୁସାରେ ଯେଉଁ ବ୍ୟକ୍ତି ନିଜ ଖାଦ୍ୟରେ ଗୋଲମରିଚକୁ ସାମିଲ କରନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନଙ୍କ ବୟସ ୮.୨ ବର୍ଷ ବଢିଯାଇଥାଏ । ଗୋଲମରିଚ ଦେହ ପାଇଁ ଭଲ, କିନ୍ତୁ ବିଶେଷଜ୍ଞଙ୍କ ମତରେ ଏହାକୁ ଗରମ କରି ଖାଇଲେ ଅଧିକ ସୁଫଳ ମିଳିଥାଏ । ଗୋଲମରିଚରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କ୍ୟାନସର ଓ କାର୍ଡିଓଭାସ୍କୁଲାର ରୋଗ ସହିତ ଲଢେଇ କରିଥାଏ । ତେଣୁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ । ସେଥିପାଇଁ ପ୍ରତ୍ୟେକ ଦିନ ନିଜ ଡାଏଟରେ ଗୋଲମରିଚକୁ ସାମିଲ କରିବା ପାଇଁ ଆୟୁର୍ବେଦିକ ଡାକ୍ତର ପରାମର୍ଶ ଦେଇଥାନ୍ତି । ଯଦି ଭୋକ ଲାଗୁନାହିଁ,ତେବେ ଗୋଲମରିଚକୁ ଉଷୁମ ପାଣିରେ ପକାଇ ପିଇବା ଦ୍ୱାରା ଭୋକ ବଢିଥାଏ। ସେହିପରି ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣାକୁ ମ୍ କରିବା ପାଇଁ ଗୋଲମରିଚ ସବୁଠୁ ଭଲ । ଏହି ସମୟରେ ଗୋଲମରିଚ ଓ ସୁଣ୍ଠିକୁ ଉଷୁମ ପାଣି ସହିତ ପିଇଲେ ପେଟ ଯନ୍ତ୍ରଣା କମ୍ ହୋଇଥାଏ । ଗ୍ୟାସ, ଅଜୀର୍ଣ୍ଣ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଗୋଲମରିଚ ମୁକ୍ତି ଦେଇଥାଏ । ଗୋଲମରିଚ ଶରୀରରେ ପାଚନ କ୍ରିୟାକୁ ସନ୍ତୁଳିତ ରଖିଥାଏ ।

# ଖୁବ୍ ଶୁଭ ଏ ବର୍ଷର ଜନ୍ମାଷ୍ଟମୀର ଯୋଗ, ପୂରଣ ହେବା ମନସ୍କାମନା


ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଭାଦ୍ରବ ମାସ କୃଷ୍ଣ ପକ୍ଷର ଅଷ୍ଟମୀ ତିଥିରେ ପାଳନ କରାଯାଏ । ସାରା ଦେଶରେ ଏହାକୁ ଖୁବ୍ ଧୂମଧାମରେ ପାଳନ କରାଯାଏ । ଚଳିତ ବର୍ଷ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ବ ୨୬ ଅଗଷ୍ଟ ସୋମବାର ଦିନ ପାଳନ କରାଯିବ । ଏହି ଦିନ ଅତ୍ୟନ୍ତ ଶୁଭ ଯୋଗ ସୃଷ୍ଟି ହେବାକୁ ଯାଉଛି । ଚଳିତ ବର୍ଷ ସେହିପରି ଯୋଗ ସୃଷ୍ଟି ହେବାକୁ ଯାଉଛି, ଯାହା ପ୍ରଭୁଙ୍କ ଜନ୍ମ ସମୟରେ ସୃଷ୍ଟି ହୋଇଥିଲା । ମାନ୍ୟତା ଅନୁଯାୟୀ ଏହି ସମୟରେ ପୂଜାର୍ଚ୍ଚନା ଓ ବ୍ରତ ପାଳନ ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇଥାଏ। ପଞ୍ଜାଙ୍ଗ ଅନୁସାରେ ଚଳିତ ବର୍ଷ ଅଷ୍ଟମୀ ତିଥି ସୋମବାର ସକାଳେ ୩ଟା ୪୦ରେ ରୁ ଆରମ୍ଭ ହୋଇ ପରଦିନ ରାତି ୨ଟା ୨୦ ପର୍ଯ୍ୟନ୍ତ ରହିବ। ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଦିନ ରୋହିଣୀ ନକ୍ଷତ୍ର ଦିନ ୩ଟା ୫୫ ରୁ ଆରମ୍ଭ ହୋଇ ୨୭ ଅଗଷ୍ଟ ସକାଳ ପର୍ଯ୍ୟନ୍ତ ରହିବ।ଚଳିତ ବର୍ଷ ଜନ୍ମାଷ୍ଟମୀରେ ଚନ୍ଦ୍ରମା ବୃଷ ରାଶିରେ ରହିବେ। ଏହି ସମୟ ପ୍ରଭୁ କୃଷ୍ଣଙ୍କ ଜନ୍ମ ସମୟରେ ହୋଇଥିଲା । ରୋହିଣୀ ନକ୍ଷତ୍ର ଓ ଚନ୍ଦ୍ରମାଙ୍କର ବୃଷ ରାଶିରେ ରହିବା ଅତ୍ୟନ୍ତ ଶୁଭଫଳ ପ୍ରଦାନ କରିଥାଏ । ଏହାସହ ଜନ୍ମାଷ୍ଟମୀ ସୋମବାର କିମ୍ବା ବୁଧବାରରେ ପଡିଲେ ଏହା ଏକ ଦୁର୍ଲ୍ଲଭ ଯୋଗ ସୃଷ୍ଟି କରିଥାଏ । ଏହି ୨ ବାରରେ ଜନ୍ମାଷ୍ଟମୀ ପଡିଲେ ଜୟନ୍ତୀ ଯୋଗ ସୃଷ୍ଟି ହୋଇଥାଏ । ଏହା





ଖୁବ୍ ଶୁଭ । କୁହାଯାଏ ବୁଧବାର ପ୍ରଭୁ କୃଷ୍ଣଙ୍କ ଜନ୍ମ ହୋଇଥିବା ବେଳେ ସୋମବାର ପ୍ରଭୁଙ୍କ ନାମ କରଣ ହୋଇଥିଲା।ଭଗବାନ କୃଷ୍ଣଙ୍କ ଜନ୍ମୋତ୍ସବରେ ଯେକୌଣସି ସମୟରେ ପୂଜା କରି ପାରିବେ । ମାତ୍ର ଏହି ଦିନ ୩ଟି ଶୁଭ ମୁହର୍ତ୍ତ ମଧ୍ୟ ସୃଷ୍ଟି ହେଉଛି। ଏହି ସମୟରେ ପୂଜା କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ମାନ୍ୟତା ରହିଛି । ପ୍ରଥମ ମୁହୂର୍ତ୍ତ ଭୋର ୫ଟା ୫୬ ରୁ ସକାଳ ୭ଟା ୩୭ ପର୍ଯ୍ୟନ୍ତ ଉତମ । ଏହା ପରେ ଦିନ ୩ଟା ୩୬ ରୁ ସନ୍ଧ୍ୟା ୬ଟା ୪୯ ପର୍ଯ୍ୟନ୍ତ ୟ ଏହାପରେ ରାତି ୧୨ଟା ୦୧ରୁ ୧୨ଟା ୪୫ ପର୍ଯ୍ୟନ୍ତ ପୂଜା ପାଇଁ ଉତମ ସମୟ ରହିଛି।


# ଘରେ ମୟୂର ପୂଚ୍ଛ ରଖିଲେ ଖୋଲିଯାଏ ଭାଗ୍ୟ



ହିନ୍ଦୁ ଧର୍ମରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ୱ ରହିଛି । ବାସ୍ତୁଶାସ୍ତ୍ର ଅନୁସାରେ ମୟୂର ପୂଚ୍ଛକୁ ବହୁତ ଶୁଭ ହୋଇଥାଏ। ମହୁର ପୂଚ୍ଛ ଭଗବାନ ଶ୍ରୀକୃଷ୍ଣଙ୍କୁ ବହୁତ ପ୍ରିୟ। ସେଥିପାଇଁ ତାକୁ ବହୁତ ଶୁଭ ବୋଲି କୁହାଯାଏ। ଘରେ ମୟୂର ପୂଚ୍ଛ ରଖିଲେ ଧନଧାନ୍ୟ ବୃଦ୍ଧି ହୋଇଥାଏ ବୋଲି କୁହାଯାଏ। ସେଥିପାଇଁ ଲୋକେ ଘରେ ମୟୂର ପୂଚ୍ଛ ରଖନ୍ତି । ଅନେକଳକ ଠାକୁର ଘରେ ରଖି ଏହାକୁ ପୂଜା ବି କରନ୍ତି । ଘରେ ମୟୂର ପୂଚ୍ଛ ରଖିବାର ଅନେକ ଲାଭ ରହିଛି। କିନ୍ତୁ ଏହାକୁ ସଠିକ ଦିଗରେ ଓ ସଠିକ ସ୍ଥାନରେ ରଖିବା ଉଚିତ। ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ମୟୂର ପୂଚ୍ଛ ରଖିଲେ ଅମଙ୍ଗଳ ଟଳି ଯାଇଥାଏ ଓ ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ଘରେ ସୁଖ ଶାନ୍ତି ବଜାୟ ରହେ। ମୟୂର ପୂଚ୍ଛ ଆପଣ ଠାକୁର ଘରେ ବା ପୂଜା ଘରେ ରଖିପାରିବେ। ବୈବାହିକ ଜୀବନରେ ଅଶାନ୍ତି ଲାଗି ରହିଥିଲେ ଶୟନକକ୍ଷରେ ମୟୂର ପୂଚ୍ଛ ରଖିବା ଉଚିତ। ଏହା ଦ୍ୱାରା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମ୍ପର୍କ ମଧୁର ହୋଇଥାଏ ଏବଂ ପ୍ରେମ ବଢିଥାଏ। ବାସ୍ତୁ ଅନୁସାରେ ପିଲାଙ୍କ ପଢା ଘରେ ମୟୂର ପୂଚ୍ଛ ରଖିବା ଉଚିତ। ଏହା ଦ୍ୱାରା ପାଠ ପଢାରେ ପିଲାଙ୍କ ମନ ଲାଗିଥାଏ। ଏହାସହ ବୁଦ୍ଧି ବିକାଶ ମଧ୍ୟ ହୋଇଥାଏ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରିୟ ମୟୂର ପୂଚ୍ଛ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ଯଦି ଆପଣଙ୍କୁ କୌଣସି କାମରେ ସଫଳତା ମିଳୁନି ତାହେଲେ ଆପଣ ପାଖରେ ମୟୂର ପୂଚ୍ଛ ରଖିବା ଉଚିତ। ଏହା ଦ୍ୱାରା ଆପଣଙ୍କ ହେଉନଥିବା କାମ ବି ହେବ। ଆର୍ଥିକ ସ୍ଥିତି ମଜବୁତ କରିବାକୁ ଅଫିସ କିମ୍ବା ଟ୍ରେଜେରିରେ ମୟୂର ପୂଚ୍ଛ ରଖନ୍ତୁ। ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନାଭାବ ଦୂର ହେବାସହ ଆର୍ଥିକ ସ୍ଥିତି ମଧ୍ୟ ମଜବୁତ ହେବ। ମୟୂର ପୂଚ୍ଛରୁ ସକାରାତ୍ମକ ଶକ୍ତି ପ୍ରାପ୍ତ ହୋଇଥାଏ। ସେଥିପାଇଁ ପାଖରେ ମୟୂର ପୂଚ୍ଛ ରଖିବା ଉଚିତ। ଏହା ଦ୍ୱାରା ଶତ୍ରୁଙ୍କ ସହ ଥିବା କଟୁ ସମ୍ବନ୍ଧ ସୁଧୁରି ଯାଇଥାଏ। ଘରର ମୁଖ୍ୟ ଦ୍ୱାରରେ ମୟୂର ପୂଚ୍ଛ ଲଗାଇବା ଉଚିତ। ଏହା ଦ୍ୱାରା ବାସ୍ତୁ ଦୋଷ କଟିଯାଇଥାଏ। ଭଗବାନ ଗଣେଶଙ୍କ ପ୍ରତିମା ସହ ବି ମୟୂର ପୂଚ୍ଛ ରଖିପାରିବେ। ଯଦି ଆପଣଙ୍କ ଘରେ ମୟୂର ପୂଚ୍ଛ ଅଛି ତାହେଲେ ଆପଣଙ୍କ ଘରକୁ କୌଣସି ଖରାପ ଶକ୍ତି ପ୍ରବେଶ କରିପାରିବନି । ଏହା ଘରକୁ ନକାରାତ୍ମକ ଶକ୍ତିକୁ ଆସିବାକୁ ଦେଇନଥାଏ ଏବଂ ସକାରାତ୍ମକ ଶକ୍ତି ବଜାୟ ରଖିଥାଏ।

# ବୈଜ୍ଞାନିକ ସିଦ୍ଧାନ୍ତ ଓ ଶ୍ରୀହରିଙ୍କ ଦଶାବତାର

ଭାରତୀୟ ପୌରାଣିକ ଗ୍ରନ୍ଥରେ ଏପରି କେତେକ ଆଖ୍ୟାନ ବର୍ଣ୍ଣିତ, ଯାହାସବୁ ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ଆଧାରିତ । ପୌରାଣିକ କାହାଣୀ ସିଦ୍ଧ କରିଥାଏ ଯେ ବୈଦିକ କାଳରେ ବିଜ୍ଞାନ ଅତ୍ୟନ୍ତ ସମୃଦ୍ଧ



ଥିଲା। ଏହି ବୈଜ୍ଞାନିକ ଆଧାର ହିଁ ସାମାଜିକ ପରିବର୍ତ୍ତନର କାରଣ ସାଜିଥିବା ଦେଖିବାକୁ ମିଳିଥାଏ । ବିଶିଷ୍ଟ ବୈଜ୍ଞାନିକ ଚାର୍ଲସ୍ ଡାରଓ୍ୱିନ୍ଙ୍କ 'ବିବର୍ତ୍ତନବାଦ' ବିଷୟରେ ଗଭୀର ଭାବେ ଅଧ୍ୟୟନ କଲେ ଏଥିରେ ଭାରତୀୟ ପୌରାଣିକ କାହାଣୀଗୁଡ଼ିକ ସହ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ମନୁଷ୍ୟର କ୍ରମ ବିକାଶ ଜଟିଳ ଜୀବିତ ପ୍ରାଣୀଙ୍କ ଠାରୁ ହୋଇଛି । ଜଳଚର, ସ୍ଥଳଚର ଉଭୟଚର ଆଦି ପ୍ରାଣୀଙ୍କ ସୃଷ୍ଟି ତଥା ବିବର୍ତ୍ତନ ଏକ ପ୍ରାକୃତିକ ତଥା କ୍ରମିକ ପ୍ରକ୍ରିୟା ବୋଲି ଡାରଓ୍ୱିନ୍ କହିଛନ୍ତି । ଭଗବାନ ବିଷ୍ଣୁଙ୍କ ଦଶ ଅବତାର କଥା ନିଆଯାଉ । ସମଗ୍ର ସୃଷ୍ଟି ଜଳମଗ୍ନ ଥିବା ସମୟରେ ଶ୍ରୀହରି ପ୍ରଥମ ଅବତାର ନେଇଥିଲେ । ସେ ପ୍ରଥମେ ମତ୍ସ୍ୟ ଅବତାର ଧାରଣ କରିଥିଲେ। ସେତେବେଳକୁ ପୃଥିବୀ ନଷ୍ଟ ହୋଇସାରିଥିଲା। କିନ୍ତୁ ସେ ମନୁ ଏବଂ ଜୀବ ଓ ପାଦପ ଜଗତର କେତେକ ବିଶେଷ ବସ୍ତୁ ବଞ୍ଚାଇ ରଖିଥିଲେ । ଠିକ୍ ସେହିପରି ଶ୍ରୀହରିଙ୍କ ଅନ୍ତିମ ଅବତାର କଳ୍କି ହେବ । ସେ ଜନ୍ମ ନେବା ବେଳକୁ ସବୁକିଛି ନଷ୍ଟ ହୋଇସାରିଥିବ । ଶ୍ରୀହରି କ୍ରମଶଃ ମତ୍ସ୍ୟ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ଶ୍ରୀରାମ, ଶ୍ରୀକୃଷ୍ଣ ଅବତାର ଧାରଣ କରିଥିଲେ। ସେ କଳ୍କୀ ଅବତାର ନେଲେ କଳିଯୁଗର ଅନ୍ତ ହୋଇଯିବ । ଭଗବାନ ବିଷ୍ଣୁଙ୍କ ଏହି ଅବତାର ସହିତ ଜୀବଜଗତର କ୍ରମବିକାଶ ନେଇ ରହିଥିବା ବୈଜ୍ଞାନିକ ଧାରଣା ସହିତ ମେଳ ଖାଇଯାଇଥାଏ ।

### ବିଜେଡିର ନବନିର୍ବାଚିତ ବିଧାୟକ ମାନଙ୍କ ପ୍ରଶିକ୍ଷଣ ଶିବିରରେ ନବୀନଙ୍କ ମନ୍ତ୍ର

## ଓଡିଶା ବାସୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଲଢେଇ ଜାରି ରଖ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଶଙ୍ଖ ଭବନ ରେ ଆଜି ଅନୁଷ୍ଠିତ ହୋଇଛି ବିଜେଡି ର ନବନିର୍ବାଚିତ ବିଧାୟକ ମାନଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର। ନବ ନିର୍ବାଚିତ ବିଧାୟକ ଙ୍କ ସହ ବିଜେଡି ର ସମସ୍ତ ବିଧାୟକ ପୂର୍ବତନ ବିଧାୟକ ସାଂସଦ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି ।




ଆଜି ପୂର୍ବାହ୍ନ ରେ କାର୍ଯ୍ୟକ୍ରମ କୁ ଉଦଘାଟନ କରି ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଓଡିଶା ତଥା ଓଡିଶା ବାସୀଙ୍କ ସ୍ୱାର୍ଥ ର ସୁରକ୍ଷା ପାଇଁ ଲଢେଇ ଜାରି ରଖିବାକୁ ଦଳ ର ବିଧାୟକ ମାନଙ୍କୁ ଆହ୍ୱାନ ଜଣାଇଛନ୍ତି. ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗଣତନ୍ତ୍ର ରେ ସରକାର ଙ୍କ ର ଯେତିକି ଦାୟିତ୍ୱ ରହିଛି ବିରୋଧୀ ଦଳ ର ତା ଠାରୁ ଅଧିକ ଦାୟିତ୍ୱ ରହିଛି.ବିରୋଧୀ ଦଳ ହିଁ ଗଣତନ୍ତ୍ର ର ଶ୍ରେଷ୍ଠ ସୁରକ୍ଷା କାରୀ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇ ଲୋକ ଙ୍କ ସ୍ୱାର୍ଥ ଜଡିତ ବିଷୟକୁ ପ୍ରାଥମିକତା ଦେଇ ବିଧାନସଭା ରେ ଉଠାଇବାକୁ ବିଧାୟକ ମାନଙ୍କୁ ସେ ପରାମର୍ଶ ଦେଇଥିଲେ.ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆମର ନୂଆ ବିଧାୟକ ମାନଙ୍କୁ ବିଧାନସଭା ର ନୀତି ନିୟମ ଏବଂ କାର୍ଯ୍ୟ ପରିଚାଳନା ବିଷୟ ରେ ସମ୍ୟକ ଜ୍ଞାନ ଦେବା ଏ ତାଲିମ ଶିବିର ର ମୁଖ୍ୟ ଉଦେଶ୍ୟ. କେବଳ ଗୃହ ପରିଚାଳନା ନୁହେଁ ସରକାର ଙ୍କୁ ଉତ୍ତରଦାୟୀ କରିବାରେ ମଧ୍ୟ ଗୃହ ର ନୀତି ନିୟମ ହେଉଛି ଅସ୍ତ୍ର. ତେଣୁ ବିଧାୟକ ଭାବରେ ନିଜ ଦାୟିତ୍ୱ କୁ ନିର୍ବାହ କରିବାପାଇଁ ଗୃହ ର ନୀତି ନିୟମ ସହ ବିଭିନ୍ନ ସଂସଦୀୟ ପରମ୍ପରା ଆଦି ଉପରେ ବିଶେଷ ଧ୍ୟାନ ଦେବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ।

ମୁଲତବି ପ୍ରସ୍ତାବ, ଦୃଷ୍ଟିଆକର୍ଷଣ କାରୀ ପ୍ରସ୍ତାବ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଆଦି ଜରିଆରେ ରେ ସରକାରଙ୍କୁ ଉତ୍ତରଦାୟୀ କରିବା ସହ ବିଭିନ୍ନ କମିଟି କାର୍ଯ୍ୟ ରେ ମଧ୍ୟ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ.ଏହା ସହିତ ନୂଆ ବିଧାୟକ ମାନଙ୍କୁ ମାର୍ଗ ଦର୍ଶନ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବରିଷ୍ଠ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ.ସଂସଦୀୟ ଶାସନ ବ୍ୟବସ୍ଥା ସମ୍ପର୍କ ରେ ଆମ ସମ୍ବିଧାନ ର ଜନକ ଡ଼କ୍ଟର ବି ଆର ଆମ୍ବେଦକର ଙ୍କ ମତ ଉଦ୍ଧୃତ କରି ବିରୋଧୀ ଦଳ ନେତା କହିଥିଲେ ଯେ ସଂସଦୀୟ ଶାସନ ବ୍ୟବସ୍ଥା ଉତ୍ତରଦାୟୀ ହୋଇଥିବାରୁ ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଠାରୁ ଏହା ଉତ୍ତମ।

୫୧ ବିଧାୟକ ଙ୍କୁ ନେଇ ବିଜେଡି ଆଜି ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବରେ କାର୍ଯ୍ୟ କରୁଛି ତେଣୁ ସରକାର ଙ୍କୁ ଉତ୍ତର ଦାୟୀ କରିବା ପାଇଁ କୋଣସି ସୁଯୋଗ ଆମେ ହାତଛଡା ନ କରିବାକୁ ଶ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଜଣାଇଥିଲେ.ରାଜ୍ୟ ସ୍ତରୀୟ କମିଟି ର ଅଧକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ. ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ପ୍ରମୁଖ ଶିବିର ର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ.ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ବିଜୁ ବାବୁ ଓ ଡ଼କ୍ଟର ବି.ଆର ଆମ୍ବେଦକର ଙ୍କ ଫଟୋ ଚିତ୍ର ରେ ବିରୋଧୀ ଦଳ ନେତା ମାଲ୍ୟାର୍ପଣ କରିଥିଲେ. ନବ ନିର୍ବାଚିତ ବିଧାୟକ ମାନଙ୍କ ତାଲିମ ପାଇଁ ଦଶ ଗୋଟି ଟେକ୍ନିକାଲ ର ଆୟୋଜନ କରାଯାଇଛି।

## ଅସାମାଜିକ ତତ୍ୱଙ୍କ କବଜାରେ ପୁରୀର ମଠ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଶ୍ରୀକ୍ଷେତ୍ର ପୁରୀରରେ ଥିବା ଅନେକ ମଠର ସୁରକ୍ଷାକୁ ପ୍ରଶ୍ନବାଚି ସୃଷ୍ଟି ହୋଇଚି । ଏନେଇ ଆଜି ପୁରିର ବିଭିନ୍ନ ମଠର ମହନ୍ତ ଓ ମଠାଧିଶମାନେ ରାଜଧାନୀରେ ଏକାଠି ସରକାର ମଠ ଓ ମହନ୍ତଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି ।

ଆଜି ଉତ୍କଳ ସାମ୍ବାଦିକ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ପାଗ ମଠର ମହନ୍ତ ମଣ୍ଡଳେଶ୍ୱର ରାମକୃଷ୍ଣ ଦାସ କହିଚନ୍ତି ପୁରିରେ ଥିବା ମଠ ଗୁଡିକୁ ସେଠାରେ ଥିବା ଅସମାଜିକ ତତ୍ୱମାନେ ବେଆଇନ ଓ ବଳପୂର୍ବକ ଭାବେ ଦଖଲ କରିବାକୁ ଚେଷ୍ଟା କରୁଛନ୍ତି । ଏହାକୁ ମଠର ମହନ୍ତ କିମ୍ବା ମଠରେ ରହୁଥିବା ସାଧୁସନ୍ଥ ପ୍ରତିବାଦ କରିବାରୁ ତାଙ୍କୁ ହତ୍ୟା ଧମକ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରାଯାଉଚି । ଯହା ସମଗ୍ର ସନାତନ ପ୍ରେମୀ ଓ ହିନ୍ଦୁ ଧର୍ମାଲମ୍ବୀଙ୍କୁ କୁଠାରଘାତ କରିଛି । ଏ ଘଟଣା ନେଇ ସ୍ଥାନୀୟ ଥାନାରେ ଅଭିଯୋଗକରିବା ସତ୍ୱେ ମଧ ଅସାମାଜିକ ତତ୍ୱ ଥାନାରେ ଅଖଣ୍ଡ ପ୍ରଭାବ ବିସ୍ତାର କରି ମାମଲାକୁ ଚପାଇ ଦେଉଛନ୍ତି । ଯଦି ପୁରି ଭଳି ପବିତ୍ର ସ୍ଥାନରେ ସାଧୁମାନେ ନିଜକୁ ଅସୁରକ୍ଷିତ ମନେ କରିବେ ଏହା ଠାରୁ ବଡ ବିଡମ୍ବନା କିଛି ନହୋଇପାରେ ବୋଲି କହି ମହନ୍ତ ରାମକୃଷ୍ଣ ମହାରାଜ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି । ତେଣୁ ରାଜ୍ୟ ସରକାର ଏ ଘ

ଣାରେ ତୁରନ୍ତ ହସ୍ତକ୍ଷେପ କରି ମଠ ଗୁଡିକର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ସର୍କୁଲାର ଜାରି କରନ୍ତୁ ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୁର ଉତ୍ତରପାର୍ଶ୍ୱ ମଠର ସାଧୁ ନାରାୟଣ ରାମାନୁଜ ଦାସ,କଟକୀ ମଠର ମହନ୍ତ ବିଜୟ ରାମାନୁଜ,ରାଧାବଲ୍ଲବ ମଠର ରାମକୃଷ୍ଣ ଦାସଙ୍କ ବହୁ ମଠର ମହନ୍ତ ଉପସ୍ଥିତ ଥିଲେ ।

## ଛାତ୍ର ସଂସଦ ନିର୍ବାଚନ ଦାବି ତେଜିଲା

**ଭୁବନେଶ୍ୱର,୨୫।୮ (ମହାଭାରତ):** ଏବର୍ଷ ନୁହେଁ, ଆସନ୍ତା ବର୍ଷ ଛାତ୍ର ସଂସଦ ର୍ନିବାଚନ ହେବ ବୋଲି ଆଇନ ମନ୍ତ୍ରୀ କହିବା ପରେ ରାଜ୍ୟରେ ଛାତ୍ର ସଙ୍ଗଠନଗୁଡ଼ିକ ଏହା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଚଳିତ ବର୍ଷ ଛାତ୍ର ସଂସଦ ର୍ନିବାଚନ ଦାବି କରି ଗୁରୁବାରଠାରୁ ଏବିଭିପି ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଦସ୍ତଖତ ଅଭିଯାନ ସହ ପ୍ରତିବାଦ ଆରମ୍ଭ ହୋଇଥିବାବେଳେ ଶନିବାର ଅଖିଳ ଭାରତ ଛାତ୍ର ସଙ୍ଗଠନ(ଏଆଇଏସ୍ଏଫ୍) ପକ୍ଷରୁ ପ୍ରତିବାଦ ଦିବସ ପାଳନ କରିବା ପାଇଁ ଡାକରା ଦିଆଯାଇଛି ।

ଚଳିତବର୍ଷ ର୍ନିବାଚନ କରିବା ପାଇଁ ଏଆଇଏସ୍ଏଫ୍ ପକ୍ଷରୁ ଶନିବାର ସାରା ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପ୍ଲାକାର୍ଡ ପ୍ରଦର୍ଶନ କରାଯିବ ବୋଲି ସଂଘ ରାଜ୍ୟ ସଭାପତି ସଂଘମିତ୍ରା ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଯେଉଁ ଭାଜପା ଦଳ ବିରୋଧୀ ଦଳରେ ଥିବାବେଳେ ଛାତ୍ର ର୍ନିବାଚନ କରିବା ପାଇଁ ଆମ ସହିତ ସ୍ୱର ମିଶାଇ ଦାବି କରୁଥିଲେ, ସେମାନେ କ୍ଷମତାସୀନ ହେବା ପରେ ନିଜ କଥାରୁ ଓହରୁଛନ୍ତିଯ ତାହା ଗ୍ରହଣୀୟ ନୁହେଁ । ତେବେ ଏ ପର୍ଯ୍ୟନ୍ତ ଛାତ୍ର ସଂସଦ ର୍ନିବାଚନ ନେଇ ଶିକ୍ଷାମନ୍ତ୍ରୀ କାହିଁକି ଚୁପ୍ ବସିଛନ୍ତି, ତାହା ଆମକୁ ବ୍ୟଥିତ କରିଛି । ସରକାର ଜାଣିଶୁଣି ଚଳିତବର୍ଷ ର୍ନିବାଚନ ନ କରିବା ପାଇଁ ଯୋଜନା କରୁଛନ୍ତି । ତେଣୁ ଆମେ ପ୍ରତି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରୁଛୁ, ସେମାନେ ର୍ନିବାଚନ କରିବା ଦାବିରେ ନିଜ କଲେଜ ହେଉ କିମ୍ବା ବିଶ୍ୱବିଦ୍ୟାଳୟରେ ସମସ୍ୟା ଓ ଦାବି ଲେଖି ପ୍ଲାକାର୍ଡ ଧରି ପ୍ରତିବାଦ କରନ୍ତୁ ବୋଲି ସେ କହିଛନ୍ତି ।

ସେପଟେ ଏବିଭିପି ପକ୍ଷରୁ ମଧ୍ୟ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଫାଟକ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟ ସରକାର ଚଳିତ ବର୍ଷ ଛାତ୍ର ସଂସଦ ର୍ନିବାଚନକୁ ଉଚ୍ଚ ଶିକ୍ଷା ବିଭାଗ କ୍ୟାଲେଣ୍ଡରରେ ଯୋଡ଼ିବାକୁ ଦାବି କରାଯାଇଛି । ଏଥିସହ ଏହି ଦାବିରେ ଦସ୍ତଖତ ଅଭିଯାନ ମଧ୍ୟ ଚାଲିଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଧାମନଗର ମହାବିଦ୍ୟାଳୟ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀ, ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ଦେବରାୟ କଲେଜ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଗୋପାଳପୁର କଲେଜ, ବିନାୟକ ଆଚାର୍ଯ୍ୟ କଲେଜ, ରାଇରଙ୍ଗପୁର କଲେଜ, ଡିଡି ବିଶ୍ୱବିଦ୍ୟାଳୟ, ବାରିପଦା କଲେଜ, ମାଣିକେଶରୀ ବିଶ୍ୱବିଦ୍ୟାଳୟ ଆଦି ସହ ଅନ୍ୟ ମହାବିଦ୍ୟାଳୟରେ ମଧ୍ୟ ଦସ୍ତଖତ ଅଭିଯାନ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ଏହି ଅଭିଯାନ ରାଜ୍ୟରେ ଜାରି ରହିବ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି ।

## ବୃଦ୍ଧି ହେବ ସରକାରୀ ଯାନ ଚାଳନା ତାଲିମ କେନ୍ଦ୍ର

**ଭୁବନେଶ୍ୱର,୨୫।୮ (ମହାଭାରତ):** ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ ଥିବା ସରକାରୀ ଯାନଚାଳନା ପ୍ରଶିକ୍ଷଣ କେନ୍ଦ୍ର ପ୍ରଥମ ବର୍ଷ ପୂରା କରିଛି । ଏହି ଅବସରରେ ପାଲୁର ହିଲ୍ସ ସ୍ଥିତ ତାଲିମ ପ୍ରତିଷ୍ଠାନରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ବିଭାଗ ପ୍ରାଥମିକତା ଦେଉଛି । ଏ ଦିଗରେ ସୁବାହକ ପ୍ରଶିକ୍ଷଣ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସରକାର ଓ ଘରୋଇ ସହଭାଗିତାରେ ରାଜ୍ୟର ଚାରିଟି ସ୍ଥାନରେ ବିନା ମୂଲ୍ୟରେ ଯାନଚାଳକମାନଙ୍କୁ ପ୍ରଶିକ୍ଷିତ କରାଯାଉଛି । ପୂର୍ବରୁ ଯାଜପୁର ଜିଲ୍ଲା ଛତିଆରେ ପ୍ରଶିକ୍ଷଣ କେନ୍ଦ୍ର ଥିବାବେଳେ ପରବର୍ତ୍ତୀ ସମୟରେ ଗଞ୍ଜାମ ଜିଲ୍ଲାର ପାଲୁର, ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଏବଂ କେନ୍ଦୁଝରରେ ଏଭଳି ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ରହିଛି । ସଡ଼କ ସୁରକ୍ଷା ଦିଗରେ ପଦକ୍ଷେପ ସ୍ୱରୂପ ଆଗକୁ ସରକାରୀସ୍ତରରେ ଏଭଳି ପ୍ରତିଷ୍ଠାନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ କହିଥିଲେ ।




ପାଲୁର ପ୍ରତିଷ୍ଠାନ କେନ୍ଦ୍ରଟି ସଫଳତାର ସହ ପ୍ରଥମ ବର୍ଷ ପୂରା କରିଥିବାରୁ ସମସ୍ତ କର୍ମକର୍ତ୍ତା ଓ ଅନ୍ତେବାସୀଙ୍କୁ ମନ୍ତ୍ରୀ ଶ୍ରୀ ଜେନା ଅଭିନନ୍ଦନ ଜଣାଇଛନ୍ତି । ଏହି ଯୋଜନାର ଅଧିକରୁ ଅଧିକ ପ୍ରଚାରପ୍ରସାର କରି ଅନେକ ଚାଳକଙ୍କୁ ପ୍ରଶିକ୍ଷଣ ପ୍ରକ୍ରିୟାରେ ଯୋଡିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ କମିସନର ଦୀପ୍ତିରଞ୍ଜନ ପାତ୍ର, ଯୁଗ୍ମ ପରିବହନ କମିସନର ପ୍ରଦୀପ କୁମାର ମହାନ୍ତି, ବିକାଶ ଚୌଧୁରୀ, ପରିବହନ ବିଭାଗର ସ୍ୱତନ୍ତ୍ର ଅଧିକାରୀ ଭ୍ରମର ମହାପାତ୍ର, ଗଞ୍ଜାମ ଆରଟିଓ, ଚାରିଟି ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସପାଲ, ପ୍ରଶିକ୍ଷଣ ଦେଉଥିବା ଅଶୋକ ଲେଲାଣ୍ଡ କମ୍ପାନୀର କର୍ମକର୍ତ୍ତାମାନେ ଉପସ୍ଥିତ ଥଲେ । ଏହି ୪ଟି ତାଲିମ କେନ୍ଦ୍ରରୁ ଅଦ୍ୟାବଧି ବିନା ମୂଲ୍ୟରେ ୫ ହଜାରରୁ ଅଧିକ ନୂତନ ଚାଳକ ଓ ୨୨ ହଜାରରୁ ଅଧିକ ଚାଳକ ରିଫ୍ରେଶର କୋର୍ସ କରିସାରିଲେଣି । କେବଳ ପୁରୁଷ ନୁହେଁ, ମହିଳାମାନେ ମଧ୍ୟ ଏହି ତାଲିମ ନେବାରେ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିରୁ ଅନେକ ରାଜ୍ୟ ଓ ଦେଶର ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇଛନ୍ତି । ଏପରିକି ୩୦ ଜଣ ଦକ୍ଷ ଚାଳକ ଉତ୍ତମ ସୁବିଧା ସୁଯୋଗରେ ଜାପାନ ଦେଶରେ ଚାକିରି କରିବାକୁ ଚୟନ ହୋଇଛନ୍ତି । କାର୍ଯ୍ୟକ୍ରମର ସ୍ମୃତି ସ୍ୱରୂପ ମନ୍ତ୍ରୀ ଶ୍ରୀ ଜେନା ବୃକ୍ଷରୋପଣ କରିଥିଲେ । ଅନ୍ତେବାସୀ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ୧୧୩ତମ ମନ୍ କି ବାତ୍ ଶୁଣିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,୨୫।୮ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପୁରୀ ଗସ୍ତ କାଳରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୩ତମ ଅଧ୍ୟାୟ ଶୁଣିଛନ୍ତି । ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ପୁଷ୍ଟିସାଧନ ଉପରେ ଚର୍ଚ୍ଚା କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇବା ସହ ଭାରତକୁ ଅପପୁଷ୍ଟି କବଳରୁ ମୁକ୍ତ କରିବା ପାଇଁ ମୋଦୀ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।



ପ୍ରଧାନମନ୍ତ୍ରୀ ଆଜି ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବାରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନର ଭୂମିକା, ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଯୁବପିଢିଙ୍କ ସଫଳତାର କାହାଣୀ ଉପରେ ବାର୍ତ୍ତା ଓଡ଼ିଶା ସମେତ ଦେଶବାସୀଙ୍କୁ ପ୍ରେରିତ କରିଛି । ମନ୍ କୀ ବାତରେ ବିଶ୍ୱ ସଂସ୍କୃତ ଦିବସର ଉଲ୍ଲେଖ କରି ଦେବ ଭାଷା ସଂସ୍କୃତର ଉତ୍ଥାନ ମୋଦୀ ୩.୦ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ସେହିପରି ପିଲାମାନଙ୍କ ପୁଷ୍ଟିସାଧନ ଉପରେ ଭାରତ ସରକାର ଦେଉଥିବା ପ୍ରାଥମିକତା ଉପରେ ପ୍ରଧାନମନ୍ତ୍ରୀ ମୋଦୀ ମନ୍ କି ବାତରେ ଆଲୋକପାତ କରିଥିବାରୁ ଧନ୍ୟବାଦ । କୁପୋଷଣକୁ ହ୍ରାସ କରିବା ପାଇଁ ପୋଷଣ ଅଭିଯାନ ଭାରତ ସରକାରଙ୍କ ମହତ୍ୱକାଂକ୍ଷୀ ପଦକ୍ଷେପ । ଗତବର୍ଷ ପୋଷଣ ଅଭିଯାନକୁ ନୂଆ ଶିକ୍ଷା ନୀତି ସହ ଯୋଡାଯାଇଛି । 'ପୋଷଣ ଭି, ପଢାଇ ଭି' ଅଭିଯାନ ଦ୍ୱାରା ପିଲାମାନଙ୍କ ସନ୍ତୁଳିତ ବିକାଶ ଉପରେ ପ୍ରାଥମିକତା ଦିଆଯାଉଛି । ସମସ୍ତେ ନିଜ ଅଂଚଳରେ ପୋଷଣକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ହେଉଥିବା ଅଭିଯାନରେ ନିଜକୁ ସାମିଲ କରିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଜାମ୍ମୁ-କାଶ୍ମୀର ସମ୍ପର୍କରେ କଂଗ୍ରେସ ଆଭିମୁଖ୍ୟ ସ୍ପଷ୍ଟ କରୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଜାମ୍ମୁ-କାଶ୍ମୀର ନିର୍ବାଚନ ସମ୍ପର୍କରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ଦଳର ଆଭିମୁଖ୍ୟ ପ୍ରଥମେ ସ୍ପଷ୍ଟ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି ।

ଆଜି ଏଠାରେ ଏକ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଜଳ ବିନା ମାଛ - କ୍ଷମତା ବିନା କଂଗ୍ରେସ ଦଳ' । କ୍ଷମତା ଲୋଭରେ ଅନ୍ଧ କଂଗ୍ରେସ ଦଳ । କ୍ଷମତା ପାଇଁ ଦେଶରେ ଅରାଜକତା, ବିଶୃଙ୍ଖଳା, ଅସ୍ଥିରତା, ବିଦ୍ୱେଷ ସୃଷ୍ଟି କରିବାକୁ ଆଦୌ ପଛଘୁଂଚା ଦିଏ ନାହିଁ କଂଗ୍ରେସ ଦଳ । ଦେଶ ବିଭାଜନକାରୀ ଓ ରାଷ୍ଟ୍ରବିରୋଧୀ ତତ୍ୱ ସହ ହାତ ମିଳାଇ ବାରମ୍ବାର ଦେଶବାସୀଙ୍କ ସ୍ୱାର୍ଥ ଓ ରାଷ୍ଟ୍ରର ସୁରକ୍ଷାକୁ ବିପଦରେ ପକାଇଛି କଂଗ୍ରେସ ଦଳ । ଏପରିକି ଦେଶର ସୁରକ୍ଷା, ସାର୍ବଭୌମତ୍ୱ ଏବଂ ଏକତାକୁ ବିପଦରେ ପକାଇଛି । ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଆଗାମୀ ଜାମ୍ମୁ ଓ କାଶ୍ମୀର ବିଧାନସଭା ନିର୍ବାଚନରେ ଅବଦୁଲ୍ଲା ପରିବାର ଦ୍ୱାରା ପରିଚାଳିତ 'ନ୍ୟାସନାଲ କନଫରେନ୍ସ' ସହ ମେଂଟ କରି ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନ୍ୟାସନାଲ କନଫରେନ୍ସ ନିଜ ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପ୍ରସଙ୍ଗରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ଦେଶବାସୀଙ୍କୁ ସ୍ପଷ୍ଟିକରଣ ଦେବା ଉଚିତ୍ ବୋଲି କହିବା ସହିତ ୧୦ ଟି ପ୍ରଶ୍ନ ପଚାରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

'ଏକ ଦେଶ ଦୋ ନିଶାନ' । ଜାମ୍ମୁ ଓ କାଶ୍ମୀରରେ ପୃଥକ ପତାକା ପାଇଁ ନ୍ୟାସନାଲ କନଫରେନ୍ସର ପ୍ରତିଶ୍ରୁତିକୁ କଂଗ୍ରେସ ଦଳ ସମର୍ଥନ କରୁଛି କି ? ଜାମ୍ମୁ ଓ କାଶ୍ମୀରରେ ପୁଣି ଥରେ ଧାରା ୩୭୦ ଓ ୩୫ (କ)ର ପୁନଃସ୍ଥାପିତ କରିବାକୁ ନ୍ୟାସନାଲ କନଫରେନ୍ସର ପ୍ରତିଶ୍ରୁତିକୁ କଂଗ୍ରେସ ଦଳ ସମର୍ଥନ କରୁଛି କି ? ଏହା ଦ୍ୱାରା ଜାମ୍ମୁ ଓ କାଶ୍ମୀରରେ ପୁଣି ଥରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି କରି, ଅଶାନ୍ତ ବାତାବରଣ ସୃଷ୍ଟି କରାଯିବାକୁ ସମର୍ଥନ କରୁଛି କି? ଜାମ୍ମୁ ଓ କାଶ୍ମୀରବାସିଙ୍କ ସହ କଥାବାର୍ତ୍ତା ହୋଇ ଶାନ୍ତି ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ବଦଳରେ ଚରମ ଶତ୍ରୁ ପାକିସ୍ଥାନ ସହ କଥାବାର୍ତ୍ତା କରି ବିଚ୍ଛିନ୍ନତାବାଦୀଙ୍କୁ ପ୍ରୋତ୍ସାହନ ଦେବା ପ୍ରତି କଂଗ୍ରେସର ସମର୍ଥନ ଅଛି କି ? ପାକିସ୍ଥାନ ସହିତ ବାଣିଜ୍ୟ ଆରମ୍ଭ କରିବା ଆଳରେ ସୀମାରେ ଆତଙ୍କବାଦ କାର୍ଯ୍ୟକଳାପର ପ୍ରୋତ୍ସାହନକୁ କଂଗ୍ରେସ ଦଳ ସମର୍ଥନ କରୁଛି କି ? ଏହାଦ୍ୱାରା ସ୍ଥାନୀୟ ଇକୋସିଷ୍ଟମ ପ୍ରଭାବିତ ହେବ ନାହିଁ କି ? ଆତଙ୍କବାଦୀ ଓ ପଥର ମାଡ କାର୍ଯ୍ୟରେ ସଂପୃକ୍ତ ଲୋକ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କୁ ସରକାରୀ ଚାକିରୀ ଦେବା ନ୍ୟାସନାଲ କନଫରେନ୍ସର ନିଷ୍ପତିକୁ କଂଗ୍ରେସ ଦଳ ସମର୍ଥନ କରୁଛି କି ? ସଂରକ୍ଷଣ ବ୍ୟବସ୍ଥାର ଅନ୍ତ ଘଟାଇବାର ଚକ୍ରାନ୍ତ କରାଯାଉଛି । ଦଳିତ, ଗୁଜ୍ଜର, ବକରବାଲ ଓ ପାହାଡ ଅଂଚଳ ବାସିନ୍ଦାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରି ତାଙ୍କ ପ୍ରତି ଅନ୍ୟାୟ କରିବାକୁ ଯାଉଛି ନ୍ୟାସନାଲ କନଫରେନ୍ସ । ଏହାକୁ କଂଗ୍ରେସ ଦଳ ସମର୍ଥନ କରୁଛି କି ? 'ଶଙ୍କରାଚାର୍ଯ୍ୟ ପର୍ବତ'କୁ 'ତକ୍ତ-ଏ-ସୁଲେମାନ' ଏବଂ 'ହରି ପର୍ବତ'କୁ 'କୋହ-ଏ-ମାରନ' ନାମରେ ପରିଣତ କରିବାର ନ୍ୟାସନାଲ କନଫରେନ୍ସର ଚକ୍ରାନ୍ତକୁ କଂଗ୍ରେସ ଦଳର ସମର୍ଥନ ରହିଛି କି ?

## ଲକ୍ଷପତି ଦିଦି ମହିଳା ସଶକ୍ତିକରଣ କ୍ଷେତ୍ରରେ କ୍ରାନ୍ତି ଆଣିବାରେ ସହାୟକ ହେବ- ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଲକ୍ଷପତି ଦିଦି ମହିଳା ସଶକ୍ତିକରଣ କ୍ଷେତ୍ରରେ କ୍ରାନ୍ତି ଆଣିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଶକ୍ତ ନାରୀ, ସମୃଦ୍ଧ ଭାରତ । ଦେଶରେ ମାତୃଶକ୍ତିଙ୍କ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି କେନ୍ଦ୍ର ସରକାର । ଆଜି 'ଲକ୍ଷପତି ସମ୍ମିଳନୀ'ରେ ଯୋଗଦାନ କରି ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏଥିସହ ମୋଟ ୨୫ ଶହ କୋଟି ଟଙ୍କାର ଅର୍ଥରାଶି ମଧ୍ୟ ମଞ୍ଜୁର କରିଛନ୍ତି କେନ୍ଦ୍ର ସରକାର, ଯଦ୍ୱାରା ଦେଶର ମୋଟ ୪୮ ଲକ୍ଷ ମାତୃଶକ୍ତି ଉପକୃତ ହେବେ । ମୋଟ ୨୬ ଲକ୍ଷ ସ୍ୱୟଂ ସହାୟକ ସଦସ୍ୟାଙ୍କୁ ୫ ହଜାର କୋଟିର ଋଣ ସହାୟତା ମଧ୍ୟ ପ୍ରଦାନ କରାଯାଇଛି । ଏହି ଯୁଗାନ୍ତକାରୀ ପଦକ୍ଷେପ ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ କ୍ରାନ୍ତି ଆଣିବାରେ ନିଶ୍ଚୟ ସହାୟକ ହେବ ।

## ଜେଏସ୍‌ପିକୁ ସିଏସଆର ଟାଇମ୍ସ ପୁରସ୍କାର

**ଭୁବନେଶ୍ୱର,୨୫।୮ (ମହାଭାରତ):** ଅଗ୍ରଣୀ ଇସ୍ପାତ ର୍ନିମାତା ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି) ନିଜର ଉଲ୍ଲେଖନୀୟ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ପାଇଁ ଦୁଇଟି ପୃଥକ ବର୍ଗରେ ସିଏସଆର ଟାଇମ୍ସ ପୁରସ୍କାର ଜିତି ପୁଣି ଥରେ ସମ୍ମାନୀତ ହୋଇଛି । ଗୋଆର ପଞ୍ଜିମଠାରେ ଗତକାଲି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୋଆର ମାନ୍ୟବର ମୁଖ୍ୟମନ୍ତ୍ରୀ ଡ. ପ୍ରମୋଦ ସାୱନ୍ତ ଜେଏସପିର ସଭାପତି ତଥା ଗୃପ ହେଡ୍ (ସିଏସଆର୍) ଶ୍ରୀ ପ୍ରଶାନ୍ତ ହୋତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଆ ସିଏସଆର ଅଥରିଟିର ପ୍ରମୁଖ ପରାମର୍ଶଦାତା ଡ. ଗୁରୁରାଜ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପ ଆଫେୟାରର ପୂର୍ବତନ ମହାନିର୍ଦ୍ଦେଶକ ଡ. ଭାସ୍କର ଚାଟାର୍ଜୀ, ସିଏସ୍ଆର୍ ଟାଇମ୍ସର ସମ୍ପାଦକ ଏବଂ ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବିଭିନ୍ନ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକମାନଙ୍କର ସଶକ୍ତୀକରଣ ଏବଂ ସାମାଜିକ ଦୁର୍ବଳଲୋକଙ୍କ ମଧ୍ୟରେ କ୍ଷୁଧା ନିବାରଣ କ୍ଷେତ୍ରରେ ଜେଏସପିର ଅତୁଳନୀୟ ଅବଦାନ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ଇସ୍ପାତ ନିର୍ମାତା ଏହାର ସାମାଜିକ ସଂସ୍ଥା ଜେଏସପି ଫାଉଣ୍ଡେସନ ମାଧ୍ୟମରେ ବିଭିନ୍ନ ସମନ୍ୱିତ ସାମାଜିକ ବିକାଶ କାର୍ଯ୍ୟକ୍ରମ ପରିଚାଳନା କରୁଛି, ଯାହା ସାମାଜିକ ଦାୟିତ୍ୱ ଏବଂ ନିରନ୍ତର ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

ଏହି ସଫଳତା ସମ୍ପର୍କରେ ଜେଏସପି ଫାଉଣ୍ଡେସନର ଅଧକ୍ଷା ତଥା ପୂର୍ବରୁ ସିଏସଆର ଟାଇମ୍ସ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି ଯେ, ଦୁଇଟି ବର୍ଗରେ ସିଏସଆର ଟାଇମ୍ସ ପୁରସ୍କାର ପାଇବା ଆମ ପାଇଁ ଗୌରବର କଥା । ଜୀବିକା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସଶକ୍ତ କରିବା ପାଇଁ ଆମର ନିରନ୍ତର ପ୍ରୟାସକୁ ଏହି ପୁରସ୍କାର ପ୍ରତିଫଳିତ କରୁଛି । ଜେଏସପିରେ, ଆମେ ବିଶ୍ୱାସ କରୁ ଯେ ଜୀବିକା ଉପାର୍ଜନ ଏକ ମୌଳିକ ଅଧିକାର, ଏବଂ ସମାଜରେ ଜୀବିକା ଅସମାନତାକୁ ଦୂର କରିବା ପାଇଁ ଆମେ କାର୍ଯ୍ୟ କରୁଛୁ ।

ଜନ ଜୀବିକା କେନ୍ଦ୍ର, ଧୋକ୍ରା କଳା, ଟେରାକୋଟା, ଏସଏଚଜି ମାଧ୍ୟମରେ ମହିଳା ସଶକ୍ତୀକରଣ ଭଳି ବିଭିନ୍ନ ଜୀବିକା ପ୍ରୋତ୍ସାହନ କାର୍ଯକ୍ରମ ମାଧ୍ୟମରେ ଲୋକମାନଙ୍କ ଆର୍ଥିକ ଏବଂ ସାମାଜିକ ଉନ୍ନତି ଆଣିବା ପାଇଁ ଜେଏସପି ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଛି । କୁରୁକ୍ଷେତ୍ର ଲୋକସଭାରୁ ତୃତୀୟ ଥର ସାଂସଦ ହୋଇଥିବା ଶ୍ରୀ ନବୀନ ଜିନ୍ଦଲଙ୍କ କ୍ଷୁଧା ମୁକ୍ତ ଭାରତର ଲକ୍ଷକୁ ହାସଲ କରିବା ପାଇଁ ଜେଏସପି ଫାଉଣ୍ଡେସନ ଏହାର ଅଧକ୍ଷ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଦେଶର ଅବହେଳିତ ଏବଂ ଅସହାୟ ବର୍ଗଙ୍କ ପାଇଁ ମିଶନ ଜିରୋ ହଙ୍ଗର କାର୍ଯ୍ୟକାରୀ କରୁଛି । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜେଏସପିର ସିଏସଆର ଗୃପ ହେଡ ଶ୍ରୀ ହୋତା କମ୍ପାନୀର ସିଏସଆର କାର୍ଯ୍ୟକ୍ରମ ଗୁଡିକର କିପରି 'ନିରନ୍ତର ବିକାଶ ଲକ୍ଷ୍ୟ' ସହିତ ସମନ୍ୱୟ କରାଯାଇଛି ତାହା ଉପରେ ଆଲୋକପାତ କରିଥିଲେ । ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ କାର୍ଯ୍ୟ ଏବଂ ମୂଲ୍ୟାଙ୍କନ ମେଟ୍ରିକ୍ସର ଉପରେ ମଧ୍ୟ ସେ ଆଲୋଚନା କରିଥିଲେ ।

## କ୍ରିକେଟ୍ ତାରକା ଋତୁରାଜ ଗାଇକୱାଡଙ୍କ ସହ ବ୍ଲାକବେରିଜ୍ ଟେକ୍ ପ୍ରୋ କଲେକ୍ସନ ଉନ୍ମୋଚନ

**ଭୁବନେଶ୍ୱର,୨୫।୮ (ମହାଭାରତ):** ଭାରତର ପ୍ରମୁଖ ପ୍ରିମିୟମ୍ ମେନ୍ସୱେୟାର ବ୍ରାଣ୍ଡ ବ୍ଲାକବେରିଜ୍ କ୍ରିକେଟ୍ ସେନସେସନ୍ ଋତୁରାଜ ଗାଇକୱାଡଙ୍କ ସହଯୋଗରେ ଏହାର ଟେକପ୍ରୋ କଲେକ୍ସନ୍ ଲଚ୍ କରି ଫ୍ୟାସନ୍ ଅଭିନବତାକୁ ନୂଆ ଉଚ୍ଚତାରେ ପହଂଚାଇଛି । ଟେକପ୍ରୋ କଲେକ୍ସନ ଆଧୁନିକ ବ୍ୟକ୍ତିଙ୍କୁ ସମ୍ମାନିତ କରେ ଯିଏ ଜୀବନର ପ୍ରତ୍ୟେକ ଦିଗରେ ଉତ୍କୃଷ୍ଟ ହେବା ପାଇଁ ସ୍ଥିରତା, ଅଭିଳାଷ ଏବଂ ନିରବଚ୍ଛିନ୍ନ ଅଭିଯାନକୁ ପ୍ରତିଫଳିତ କରେ । ଗତିଶୀଳ ଗତି ଏବଂ ଅତୁଳନୀୟ ଆରାମ ପାଇଁ ଇଞ୍ଜିନିୟର ହୋଇଥିବା ଏହି ସଂଗ୍ରହରେ ଉନ୍ନତ ବୈଶିଷ୍ଟ୍ୟ ଯଥା ଷ୍ଟ୍ରେଚେବିଲିଟି, କୁଜନ ପ୍ରତିରୋଧ ଏବଂ ସ୍ମାର୍ଟ-ଡ୍ରାଇ ଟେକ୍ନୋଲୋଜି ରହିଛି । ଟି-ସାର୍ଟ ଏବଂ ଖାକିଠାରୁ ଆରମ୍ଭ କରି ସାର୍ଟ, ଟ୍ରାଉଜର୍, ବ୍ଲେଜର ଏବଂ ଅଲ-ସିଜନ ଜ୍ୟାକେଟ୍ ପର୍ଯ୍ୟନ୍ତ, ଟେକପ୍ରୋ ରେଞ୍ଜ ଉଭୟ ବୃତିଗତ ଏବଂ ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ଏକ ବହୁମୁଖୀ ୱାର୍ଡରୋବ୍ ପ୍ରଦାନ କରିଥାଏ । ଋତୁରାଜ ଗାଇକୱାଡ କୁହନ୍ତି, 'ଟେକପ୍ରୋ କଲେକ୍ସନରେ ବ୍ଲାକବେରିସ ସହ ସହଯୋଗ କରି ମୁଁ ଆନନ୍ଦିତ, ଯାହାକୁ ମୁଁ ହୃଦୟରୁ ସମର୍ଥନ କରୁଛି । ମୁଁ ସମସ୍ତ ଭାରତୀୟ ପୁରୁଷଙ୍କୁ ବ୍ଲାକବେରି ଷ୍ଟୋରରେ ଟେକପ୍ରୋ କଲେକ୍ସନ କିମ୍ବା ଅନଲାଇନରେ ବ୍ଲାକବେରିଜ୍ ଡଟ୍ କମ୍ ଅନୁସନ୍ଧାନ କରିବାକୁ ଏବଂ ଉଦୀୟମାନ ରଖିବାର ସ୍ୱାଧୀନତା ଅନୁଭବ କରିବାକୁ ଉତ୍ସାହିତ କରୁଛି । ବ୍ଲାକବେରିର ସହ-ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ନୀତିନ ମୋହନ କୁହନ୍ତି, "ଋତୁରାଜ ଗାଇକୱାଡଙ୍କ ସହଯୋଗରେ ଆମର ଟେକପ୍ରୋ କଲେକ୍ସନ ଆରମ୍ଭ କରିବାକୁ ଆମେ ଉତ୍ସାହିତ । ଏହି ଭାଗିଦାରୀ ଭାରତୀୟ ପୁରୁଷମାନଙ୍କୁ ଏପରି ପୋଷାକ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୂଚାଇଥାଏ ଯାହା ଶୈଳୀକୁ କାର୍ଯ୍ୟକାରିତା ସହିତ ନିରବଚ୍ଛିନ୍ନ ଭାବରେ ମିଶ୍ରଣ କରେ । ଋତୁରାଜଙ୍କ ଗତିଶୀଳ ଉପସ୍ଥିତି ଏବଂ ପ୍ରାମାଣିକତା ଆମବ୍ରାଣ୍ଡ ମୂଲ୍ୟବୋଧ ସହିତ ସମ୍ପୂର୍ଣ୍ଣ ଭାବରେ ମେଳ ଖାଉଛି, ଯାହା ତାଙ୍କୁ ଟେକପ୍ରୋ କଲେକ୍ସନ ଆରମ୍ଭ କରିବା ପାଇଁ ଏକ ଆଦର୍ଶ ଅଂଶୀଦାରରେ ପରିଣତ କରିଛି ।"

# ଅୟସ ବିଳାସରେ ଜୀବନ

ଭିଜିଲାନ୍ସ ଚଢ଼ଉ ବେଳେ ଆଖି ଖୋସିହେଲା ଭଳି ସମ୍ପତ୍ତି ଧରାପଡୁଛି। ଉଭା ଯେତେ ପୋତା ସେତେ ଭଳି ଉପରକୁ ଯେତିକି ସମ୍ପତ୍ତି ଠାବ ହେଉଛି, ବେନାମୀ ଭାବେ ତାହାଠାରୁ ଢେର ଅଧିକ ରହିଛି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବେଶ ଅୟସ ବିଳାସରେ ଜୀବନ ବିତାନ୍ତି, ଭଲ ଖାଇବା, ପିନ୍ଧିବା ଏବଂ ବୁଲିବାରେ କାଣି ଭଳି ଖର୍ଚ୍ଚ କରନ୍ତି। ଏହାର ହିସାବ ଭିଜିଲାନ୍ସ ପାଖରେ ନାହିଁ। ଟମାଟୋ ଦର ୧୦୦ ଟଙ୍କା ହେଲେ ବି ସେମାନଙ୍କ ପାଇଁ ବିଶେଷ ଫରକ ନାହିଁ। ପେଟ୍ରୋଲ, ଡିଜେଲ ଦର ବଢ଼ିଲେ ସେମାନେ ନିର୍ଲିପ୍ତ ରହନ୍ତି। କାରଣ ସେମାନେ କଳାଧନର ପାହାଡ଼ ଉପରେ ବସିଥାନ୍ତି। କଳାଟଙ୍କା ଖର୍ଚ୍ଚ କରିବାକୁ ସେମାନଙ୍କୁ ଚିନ୍ତା ଏବଂ ଯୋଜନା କରିବାକୁ ପଡ଼ିଥାଏ। ଅନେକ ସମୟରେ ସେମାନେ ଦରବୃଦ୍ଧିରେ ଖୁସି ହୁଅନ୍ତି। ଏହାର କାରଣ ଦୁଇଟି। ପ୍ରଥମ କାରଣ ହେଲା ନିଜର କଳାଟଙ୍କା ଖର୍ଚ୍ଚ ହେବ। ଦ୍ୱିତୀୟରେ ସାଧାରଣ ଲୋକେ ଯେଉଁ ସାମଗ୍ରୀ କିଣିବାକୁ ଅସମର୍ଥ ହୁଅନ୍ତି, ସେମାନେ ଏହାକୁ ସହଜରେ କିଣି ଆତ୍ମବଡ଼ିମା ଦେଖାନ୍ତି। ବାହାରକୁ ଗଲେ ଏମାନେ ପଞ୍ଚତାରକା ହୋଟେଲରେ ରହିବାକୁ ପସନ୍ଦ କରନ୍ତି। ବିମାନ ଯାତ୍ରାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବାବଦରେ ବିପୁଳ ଖର୍ଚ୍ଚ କରନ୍ତି। ଦାମୀ ଗାଡ଼ି କିଣିବା ଏମାନଙ୍କର ସଉକ। ସବୁଠାରୁ ବଡ଼ କଥା ହେଲା ଏମାନେ ନିର୍ବାଚନ ବେଳେ ନେତାଙ୍କୁ ମୋଟା ଅଙ୍କର ଚାନ୍ଦା ଦିଅନ୍ତି। ଭଲ ଯାଗାରେ ପୋଷ୍ଟି ହେବାକୁ ଉପରିସ୍ଥ ଅଧିକାରୀ ଏବଂ ନେତାଙ୍କୁ ମଧ୍ୟ ଲାଞ୍ଚ ଦିଅନ୍ତି। ଏମାନଙ୍କ ପାଇଁ ମୁଦ୍ରାସ୍ଫୀତି ବଢୁଛି। କୌଣସି ସାମଗ୍ରୀର ଦର ବଢ଼ିଲେ ଏମାନେ ଏହାକୁ ସହଜରେ କିଣିପାରନ୍ତି। ତେଣୁ ବେପାରୀ କାହିଁକି ଦର କମାଇବ ? ଏଥିରେ ଗରିବ ଓ ସାଧାରଣ ବ୍ୟକ୍ତିଟିଏ ଶୋଷଣରୁ ଶିକାର ହୋଇଥାଏ। ଏହା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଥାଏ। ନିକଟରେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଯାଞ୍ଚ ବେଳେ ତାଙ୍କର ଯେଉଁ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି ତାହା ଅବିଶ୍ୱାସନୀୟ। ଜଣେ ଲୋକ ନିଜର ଚାକିରୀ କାଳ ଭିତରେ ନ୍ୟାୟସଙ୍ଗତ ଆୟରୁ ଏତେ ସମ୍ପତ୍ତି ଠୁଳ କରିବା ଅସମ୍ଭବ। ତାଙ୍କର ୩୪ଟି ପ୍ଲଟ, ବିପୁଳ ପରିମାଣର ସୁନା, ଘର, ଫ୍ଲାଟ ଏବଂ ଦାମୀ କାର ତଥା ଫାର୍ମ ହାଉସ ରହିଛି। ସେହିପରି ଜଣେ ଯୁଗ୍ମ ଅବକାରୀ କମିଶନରଙ୍କୁ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ବାନ୍ଧିଛି। ତାଙ୍କ କଳାଧନ ଆଗରେ ଯନ୍ତ୍ରୀ ପଛରେ ପଡ଼ିଯିବେ। ଜଟଣୀର ଜଣେ ମହିଳା ସହକାରୀ ଯନ୍ତ୍ରୀ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ତାଙ୍କ ବିଳାସପୂର୍ଣ୍ଣ ଜୀବନ ସମ୍ପର୍କରେ ବେଶ ରୋଚକ ତଥ୍ୟ ମିଳିଛି। ଠିକାଦାରଙ୍କ ବିଲ୍ ପାସ୍ କରାଇବା ଲାଗି ସେ କେବଳ ପିସି ଆଦାୟ କରୁନଥିଲେ, ଠିକାଦାରଙ୍କୁ ଇଲିସି ମାଛଠାରୁ ଆରମ୍ଭ କରି ବାଲକାଟି ମଟନ ମଧ୍ୟ ମାଗୁଥିଲେ। ସତେ ଯେମିତି ସରକାର ତାଙ୍କୁ ଦରମା ଦେଉନାହାଁନ୍ତି ବା ଏସବୁ କିଣିବାକୁ ତାଙ୍କର ସାମର୍ଥ୍ୟ ନାହିଁ ! ଜଣେ ଠିକାଦାର ଏତେ ଟଙ୍କା ଲାଞ୍ଚ ବାବଦରେ ଖର୍ଚ୍ଚ କଲେ ସେ ନିଜ କାମରେ ନିଶ୍ଚୟ ଠକିବ। ନଚେତ ତାଙ୍କର ଲାଭ କେଉଁଠୁ ବାହାରିବ ? ସେ କିପରି ଚଳିବେ ? ସେ ଯେଉଁ କାମ ପାଇଁ ପ୍ରାପ୍ୟ ପାଉଛନ୍ତି, ତାହା ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଖର୍ଚ୍ଚ ହେଉଛି। ଅର୍ଥାତ ସାଧାରଣ ଲୋକଙ୍କ ଅର୍ଥକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ଅପବ୍ୟୟ କରୁଛନ୍ତି। ସେମାନଙ୍କୁ ଲୁଟେରା ବୋଲି କହିଲେ ଭୁଲ ହେବ ନାହିଁ। ଭିଜିଲାନ୍ସ ଯେତିକି ଲୋକଙ୍କୁ ଧରୁଛି, ତାହାର ଶହେ ଗୁଣ ଲୋକ ଦୁର୍ନୀତି କରି ଖସି ଯାଉଛନ୍ତି। ଯେଉଁମାନେ ଭିଜିଲାନ୍ସ ଦ୍ୱାରା ଧରାପଡୁଛନ୍ତି ଏବଂ ସସପେଣ୍ଡ ହେଉଛନ୍ତି, ସେମାନଙ୍କ ଭିତରୁ ଖୁବ କମ ଲୋକ ଦଣ୍ଡିତ ହେଉଛନ୍ତି।

# କୃଷ୍ଣ ହେଲେ କୃଷ୍ଣ ବୁଝି ହେବ

।। ହେମନ୍ତ କୁମାର ପରିଡ଼ା ।।

*ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ।*

ଭଗବାନ ସଚ୍ଚିଦାନନ୍ଦ ଯେତେବେଳେ ତାଙ୍କର ଲୀଳା କରିବା ପାଇଁ ଇଛା ଉତ୍ପନ୍ନ ହୁଏ ସେତେବେଳେ ସେ ସ୍ୱୟଂ ଜୀବ ରୂପରେ ଶରୀର ଧାରଣ କରିଥାଆନ୍ତି। ଲୀଳା ପାଇଁ ଲୀଳାସଙ୍ଗୀ ମାନଙ୍କର ଆବଶ୍ୟକତା ପଡ଼େ। ତେଣୁ ସେ ସାଥିରେ ଲୀଳା ସଙ୍ଗୀ ମାନଙ୍କୁ ନେଇ ଲୀଳା କରିବା ପାଇଁ ଆସିଥାଆନ୍ତି। ଏହି ଧରଣୀ ବକ୍ଷରେ ସେ ଅନେକବାର ଅବତାର ନେଇଛନ୍ତି। ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ସ୍ୱୟଂ ଅବତାର ନେଇ ପ୍ରେମ ପୁରୁଷ ଶ୍ରୀକୃଷ୍ଣ ରୂପରେ ବିଶେଷ ଲୀଳା ପ୍ରକଟ କରିଥିଲେ। ସେ ଲୀଳା ଯେତିକି ମାର୍ମିକ ସେତିକି ଚିତାକର୍ଷକ। ପରିପୂର୍ଣ୍ଣତାର ପରିଭାଷା ଭଗବାନ ଶ୍ରୀକୃଷ୍ଣ ଲୀଳା ପୁରୁଷୋତ୍ତମ ଭାବରେ ପ୍ରସିଦ୍ଧ। ସେ ସ୍ୱୟଂ ସ୍ୱତନ୍ତ୍ର ପରିପୂର୍ଣ୍ଣ ଅଟନ୍ତି।

ଯେଉଁ ଦିନ ସେ ଆବିର୍ଭାବ ହୋଇଥିଲେ – ସେ ଦିନ ଥିଲା ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ବର୍ଷା ମୁଖର ଘନ ଅନ୍ଧାର ରାତି। ମଥୁରା ଅଧିପତି ଦୁଷ୍ଟ କଂସ ରାଜାର ବନ୍ଦୀଶାଳାରେ ବସୁଦେବଙ୍କ ପତ୍ନୀ ମାତା ଦେବକୀଙ୍କ ଗର୍ଭରୁ ପରମ ପୁରୁଷ ପରମାତ୍ମା ସାକାର ରୂପରେ ସମ୍ଭୁତ ହୋଇଥିଲେ। ତାହା ସାରା ପୃଥିବୀ ପାଇଁ ପରମ ପବିତ୍ର ମୁହୂର୍ତ୍ତ ଥିଲା । ତାଙ୍କ ଜନ୍ମ ସମୟରେ ଅନେକ ଅଦ୍ଭୁତ ଓ ଅଲୌକିକ ଘଟଣାମାନ ଘଟିଲା। ବନ୍ଦୀ ପିତା ମାତାଙ୍କ ବେଢ଼ି ଖୋଲିଗଲା। ବନ୍ଦୀଗୃହ ଦିବ୍ୟ ଆଲୋକରେ ଉଦଭାସିତ ହୋଇ ଉଠିଲା। ଭଗବାନ ଆବିର୍ଭାବ ହୋଇ କହିଲେ ମୋତେ ନେଇ ଗୋପ ପୁରରେ ନନ୍ଦରାଜାଙ୍କ ରାଣୀ ଯଶୋଦାଙ୍କ କୋଳରେ ଛାଡ଼ି ଦେବ ଏବଂ ତାଙ୍କ ସଦ୍ୟଜାତ କନ୍ୟାକୁ ନେଇ ଆସିବ। ତାହାଥିଲା ଅପୂର୍ବ ସଂଯୋଗ। ବିଚିତ୍ର ଭାବରେ ସମସ୍ତ ବ୍ୟବସ୍ଥା ହୋଇଗଲା। ବନ୍ଦୀଶାଳାର ଦ୍ୱାର ଛାଏଁ ଛାଏଁ ଖୋଲିଗଲା। ଦ୍ୱାର ରକ୍ଷକ ଭାବେ ନିଯୁକ୍ତ କଂସଙ୍କ ପିତା ଉଗ୍ରସେନ ବ୍ୟତୀତ ସମସ୍ତ ପ୍ରହରୀ ଥିଲେ ନିଦ୍ରା ଗ୍ରସ୍ତ। ବନ୍ଦୀଶାଳରୁ ପ୍ରଭୁଙ୍କ ଯାତ୍ରା ଆରମ୍ଭ ହେଲା। ଲୋକ ସଂଗ୍ରହର ଯାତ୍ରା, ଲୀଳା ପ୍ରକଟର ଯାତ୍ରା, ପ୍ରେମ ବିତରଣର ଯାତ୍ରା। କଂସ ବନ୍ଦୀଶାଳାରୁ ବାସୁଦେବ କୃଷ୍ଣଙ୍କର ଏହି ଜୀବନ ଯାତ୍ରା ଆରମ୍ଭ।

ଦ୍ୱାର ଦେଶରେ ଭେଟ ହେଲେ ଉଗ୍ରସେନ। ପିତା ବାସୁଦେବ ସଦ୍ୟଜାତ ସନ୍ତାନକୁ ଶିର ଉପରେ ଧାରଣ କରିଛନ୍ତି। ସେହି ଝୁଡ଼ି ଭିତରୁ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ଚତୁର୍ଭୁଜ ନାରାୟଣ ରୂପରେ ଦର୍ଶନ ଦେଲେ। ପଛରେ ବାସୁକି ନାଗ ଛତ୍ରୀ ଭାବରେ ଫଣା ଟେକି ବର୍ଷା ଦାଉରୁ ପ୍ରଭୁଙ୍କୁ ରକ୍ଷା କରୁଛନ୍ତି। ଉଗ୍ରସେନ ପ୍ରଭୁଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଓ ପାଦ ତଳେ ପ୍ରଣାମ କରି ପଥ ଛାଡ଼ିଦେଲେ। ବିଜୁଳି ରାସ୍ତା ଦେଖାଇଲା। ଭରା ଯମୁନାର ଜଳ ଦୁଇ ଭାଗ ହୋଇ ନଦୀପାରି ହେବା ପାଇଁ ରାସ୍ତା ଦେଇଦେଲା। ବସୁଦେବ ପୁତ୍ରକୁ ନେଇ ନନ୍ଦରାଜାଙ୍କ ଘରେ ପହଞ୍ଚିଗଲେ। ଦେଖିଲେ ସମସ୍ତେ ସୁପ୍ତ। ନନ୍ଦ ରାଣୀ ଯଶୋଦ ସଦ୍ୟ କନ୍ୟାଟିଏ ପ୍ରସବ କରି ଅଚେତ। ବସୁଦେବ ଯଶୋଦାଙ୍କ କୋଳରେ ପୁତ୍ରକୁ ଥୋଇ ଦେଇ ତାଙ୍କ କନ୍ୟାକୁ ଧରି ମଥୁରା ଫେରି ଆସିଲେ। ଏକ ଅଦେଖା ଇଙ୍ଗିତରେ ସତେ ଅବା ସବୁକାର୍ଯ୍ୟ ସଠିକ ଭାବେ ସଙ୍ଗଠିତ ହୋଇଗଲା। ସେ କନ୍ୟା ଥିଲେ ସ୍ୱୟଂ ଯୋଗମାୟା। ଯୋଗେଶ୍ୱର କୃଷ୍ଣଙ୍କ ଲୀଳା ସଙ୍ଗୀ ଭାବେ ଯୋଗିନୀ ଯୋଗମାୟା ତାଙ୍କ ନିର୍ଦ୍ଦେଶରେ ଯାଇ ଯଶୋଦାଙ୍କ ଗର୍ଭରେ ଜନ୍ମ ଗ୍ରହଣ କରିଥିଲେ। ଭାଦ୍ରବ କୃଷ୍ଣ ଅଷ୍ଟମୀ ଏକାଧାରାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଯୋଗମାୟାଙ୍କ ଜନ୍ମଦିନ ଅଟେ।

କୃଷ୍ଣଙ୍କୁ ନେଇ ସନାତନ ଶାସ୍ତ୍ର ପୁରାଣ ବହୁ ଭାବେ ରୁଦ୍ଧିମନ୍ତ। କୃଷ୍ଣ କିଏ ? ଶାସ୍ତ୍ରରେ କୁହାଯାଇଛି – 'କର୍ଷତି ଇତି କୃଷ୍ଣ'। ଯାହାଙ୍କ ଆକର୍ଷଣରେ ସାରା ସୃଷ୍ଟି ଆକର୍ଷିତ ସେ ହେଲେ କୃଷ୍ଣ। ବ୍ୟବହାର ଜଗତରେ ଶ୍ରୀକୃଷ୍ଣଙ୍କ ଚରିତ୍ରର ଅନୁଶୀଳନ ଅଦ୍ଭୁତ ହିଁ ଅଦ୍ଭୁତ ଅଟେ। ସୃଷ୍ଟିକୁ ପ୍ରେମର ପ୍ଲାବନରେ ଅବଗାହିତ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରେମ ଶିକ୍ଷାର ଦୀକ୍ଷା ଧାରଣ କରି ତାଙ୍କର ଧରାବତରଣ। ସେ ଏକମାତ୍ର ଦେବତା ଯାହାଙ୍କୁ ଦେଖିଲେ ଶ୍ରଦ୍ଧା ପ୍ରେମରେ ହୃଦୟରୁ ଝରିଆସେ 'ତୁ' 'ତୋର' 'ଆରେ ଧନରେ' ଭଳି ସବୁଠାରୁ ଆପଣାର ଶବ୍ଦ। ସେହିଥି ପାଇଁ ସେ ପ୍ରେମର ଠାକୁର କାହ୍ନା, କାହ୍ନୁ କାଳିଆ ଏହିଭଳି କେତେ କଣ ହୃଦୟ ଭରା ସମ୍ବୋଧନ। ତାଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ପ୍ରେମଭୂମି ଭାବରେ ସମସ୍ତଙ୍କର ପ୍ରିୟ। ସେ ପ୍ରେମ ଭୂମିରେ ପାଦ ଦେଲେ ହୃଦୟ ପ୍ରେମପୂର୍ଣ୍ଣ ହୋଇଯାଏ। ସେହି ଭୂମିରେ ଭକ୍ତିମାତାଙ୍କ ସହିତ ଜ୍ଞାନ ବୈରାଗ୍ୟ ପୁତ୍ରରୂପ ହୋଇ ଲୀଳା କରୁଛନ୍ତି। ସେ ଭୂମିରେ ନିବାସ ପାଇଁ ବଡ଼ ବଡ଼ ଦେବତାମାନେ ମଧ୍ୟ ମନ ବଳାଇ ଥାଆନ୍ତି।

ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ। ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ଆମେ କହିଥାଉ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ'। କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ କୃଷ୍ଣଙ୍କ ଜୀବନର ପର୍ଯ୍ୟାଲୋଚନା କଲେ ଜଣାଯାଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଯେତେ ଦୁଃଖ ତାଙ୍କ ଜୀବନ ଦେଇ ବହି ଯାଇଛି ତାହା ପ୍ରତ୍ୟେକ ମଣିଷକୁ ବ୍ୟଥିତ କରିବ। ଲାଗିବ ସତେ ଅବା ଯନ୍ତ୍ରଣାର ଅନ୍ୟନାମ ହେଉଛନ୍ତି କୃଷ୍ଣ। ଜନ୍ମ ହେଲେ ବନ୍ଦୀଶାଳାରେ। ଜନ୍ମ ହେଉ ହେଉ ପିତାମାତାଙ୍କ ଠାରୁ ବିଚ୍ଛେଦ। କେତେ କେତେ ଘାତ ପ୍ରତିଘାତ, ପ୍ରତିମୁହୂର୍ତ୍ତରେ ତାଙ୍କ ଜୀବନ ପ୍ରତି ବିପଦ। ସେ ଯେତେବେଳେ ମାତ୍ର ତିନି ଦିନର ଶିଶୁ ସେତେବେଳେ ପୁତନାର ଭୟ, ସ୍ତନରେ ବିଷ ଦେଇ ଶିଶୁ ହତ୍ୟାର ଉଦ୍ୟମ, ସେବେ ଠାରୁ ଭୟଙ୍କର ରାକ୍ଷସ ରାକ୍ଷସୀ ମାନଙ୍କ ଆକ୍ରମଣ ଲାଗି ରହିଲା। କିଶୋର ବେଳେ ଖେଳ ସାଥିଙ୍କ ଠାରୁ ବିଚ୍ଛେଦ, ପ୍ରିୟ ପିତା ମାତାଙ୍କ ଠାରୁ ବିଚ୍ଛେଦ। ଜରାସନ୍ଧ ଭୟରେ ଆପଣା ରାଜ୍ୟ ତ୍ୟାଗକରି ସମୁଦ୍ର ଭିତରେ ରାଜଧାନୀ ସ୍ଥାପନା। ଘର ସଂସାର କରି ବିରାଟ ଯାଦବ ବଂଶ ପ୍ରତିଷ୍ଠା କଲେ। ସମୟ କ୍ରମେ ନିଜ ହାତରେ ପ୍ରତିଷ୍ଠିତ ଆପଣା ପରିବାରଙ୍କୁ ଧ୍ୱଂସ କରିଦେଇ ନିଜେ ମଧ୍ୟ ଜରା ଶବର ହାତରେ ନିହତ ହୋଇଗଲେ। ଧର୍ମ ରକ୍ଷା ପାଇଁ କର୍ତ୍ତବ୍ୟ କରିବାରେ ସେ ସଦା ତତ୍ପର। ସର୍ବ ସମର୍ଥ ହୋଇ ମଧ୍ୟ ବେଳେ ବେଳେ ଅସହାୟତାର ଅଭିନୟ କରିଥାନ୍ତି। ଧର୍ମରକ୍ଷା, ସତ୍ୟ ପ୍ରତିଷ୍ଠା ସହିତ ସମାଜ ସୁରକ୍ଷା ପାଇଁ ଅନେକ ସମୟରେ ସେ ଅସହାୟତାର ସମ୍ମୁଖୀନ ହୋଇଛନ୍ତି। ଅଭିଶାପର ଶିକାର ହୋଇଛନ୍ତି, ସବୁ ଅଭିଶାପକୁ ସ୍ୱୀକାର ମଧ୍ୟ କରିଛନ୍ତି। ହସି ହସି ସବୁ ବିଷକୁ ଗ୍ରହଣ କରି ନେଇଛନ୍ତି। ସେ କାହାର ନୁହଁନ୍ତି, ପୁଣି ସମସ୍ତଙ୍କର। ଯେଉଁଠି ସତ୍ୟ, ଯେଉଁଠି ନ୍ୟାୟ, ଯେଉଁଠି ଶରଳତା, ନିଷ୍କପଟତା ସେ ସେଇଠି, ସେହିମାନଙ୍କ ପାଖରେ ସେ ସର୍ବଦା ରହିଛନ୍ତି। ଅନ୍ୟାୟ ପାଖରେ ନ୍ୟାୟର ଧର୍ମ ଧାରଣ କରି ସେ ଉଭା ହୋଇଛନ୍ତି। କାମନା, ଶୂନ୍ୟ ନିସ୍ପୃହ ନିରହଙ୍କାରୀ ଯୋଗୀ ସମ୍ପୂର୍ଣ୍ଣ ନିରପେକ୍ଷ ସମସ୍ତ ଐଶ୍ୱର୍ଯ୍ୟର ସେ ଅଧିକାରୀ। ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବାରୁ ସେ ସ୍ୱୟଂ ଭଗବାନ। ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ତ୍ୟାଗ, ତିତିକ୍ଷା ସେ ପ୍ରତିଭୂ ଅଟନ୍ତି। ସମସ୍ତ ଐଶ୍ୱର୍ଯ୍ୟ ଭିତରେ ଥାଇ ମଧ୍ୟ ସେ ଅତ୍ୟନ୍ତ ଅସଙ୍ଗ ନିସଙ୍ଗ। ପିତା, ପୁତ୍ର, ପରିବାର ବନ୍ଧୁ ପରିଜନ ସେ ସବୁ କାହାର ନୁହଁନ୍ତି। ତାଙ୍କର ପ୍ରିୟ ଅପ୍ରିୟ ପାଖରେ ନାହିଁ, ସମସ୍ତେ ନିଜର। ସେ କେବଳ ନିରଭିମାନ ନିରହଂକାରୀ ସତ୍ୟନିଷ୍ଠ ସମର୍ପିତ ଭକ୍ତର। ଗୋ ବ୍ରାହ୍ମଣ ହିତ ପାଇଁ ସାଧୁ ସନ୍ଥଙ୍କ ସୁରକ୍ଷା ପାଇଁ ଦୁଷ୍ଟ ନିବାରଣ ପାଇଁ, ଧର୍ମ ପ୍ରତିଷ୍ଠା ପାଇଁ ତାଙ୍କର ଅବତାର। ଯିଏ ଯେପରି ଡାକିଛି ସେ ସେପରି ତାଙ୍କର ସହାୟତା ଦେଇଛନ୍ତି। ସେ ଅଚ୍ୟୁତ ଅନନ୍ତ ହେଲେ ମଧ୍ୟ ଭାବଗ୍ରାହୀ ଭାବେ ସମସ୍ତଙ୍କ ଅନ୍ତରବାସୀ ଭକ୍ତ ବତ୍ସଳ। ଶ୍ରୀମଦ୍ ଭଗବତ ଗୀତା ଶ୍ରୀକୃଷ୍ଣଙ୍କର ସାରା ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ବିଶ୍ୱ ପାଇଁ ଅତୁଳନୀୟ ଅନୁଦାନ। ଏହା ତାଙ୍କର ମୁଖ ନିସୃତ ବାଣୀ। ସେଥିରେ ସେ ଘୋଷଣା କରିଛନ୍ତି – ମୋର ଜନ୍ମ କର୍ମ ଦିବ୍ୟ। ଯିଏ ମୋତେ ତତ୍ତ୍ୱତଃ ଜାଣେ ସେ ମୋତେ ପ୍ରାପ୍ତ ହୁଏ। ଶ୍ରୀକୃଷ୍ଣ ସର୍ବ ରହସ୍ୟର ଆଗାର। ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ। ଜଣେ କୃଷ୍ଣଙ୍କୁ ବୁଝିଲେ କୃଷ୍ଣ ହୋଇଯିବ ଅନ୍ୟ ଅର୍ଥରେ କହିଲେ କୃଷ୍ଣ ହେଲେ କୃଷ୍ଣ ବୁଝି ହେବ। ଜନ୍ମାଷ୍ଟମୀରେ ସ୍ୱୟଂ ପରମାତ୍ମା ସାକାର ରୂପରେ ଅବତୀର୍ଣ୍ଣ ହୋଇ ସାରା ସୃଷ୍ଟିର ପରମ କଲ୍ୟାଣ ସାଧନ କରିଛନ୍ତି। ଆନନ୍ଦ ବର୍ଦ୍ଧନ କରିଛନ୍ତି, ସମସ୍ତଙ୍କୁ ଦିବ୍ୟ ଆନନ୍ଦରେ ଆକର୍ଷିତ କରିଛନ୍ତି। ସେ କହିଛନ୍ତି ସାରା ସୃଷ୍ଟି ମୋର ସ୍ୱରୂପ। ମୋର ପରମ ଦିବ୍ୟ ସଚ୍ଚିଦାନନ୍ଦ ଘନ ସ୍ୱରୂପରେ ପ୍ରତିଷ୍ଠିତ ହେବ। ପ୍ରତ୍ୟେକ ଜୀବର ପରମ କର୍ତ୍ତବ୍ୟ ଅଟେ। ବାସୁଦେବ ସର୍ବମ୍। ଆସ କୃଷ୍ଣଙ୍କୁ ବୁଝି କୃଷ୍ଣ ହୋଇ ଯିବା। କୃଷ୍ଣ ହେଲେ ଯାଇ କୃଷ୍ଣଙ୍କୁ ବୁଝିପାରିବା। ସକଳ ଦୁଃଖ, ଶୋକ ମଧ୍ୟରେ ଆନନ୍ଦର ଅନୁଭବ ପାଇଁ, ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ଏ ଧରା ଧାମରେ ଅବତାର ଗ୍ରହଣ। ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଅଧରର ମଧୁର ହସ ଲିଭି ନାହିଁ। ଏ ହେଉଛନ୍ତି କୃଷ୍ଣ, ବିରଳ ବ୍ୟକ୍ତିତ୍ୱ, କେବଳ ଆଉ ଜଣେ କୃଷ୍ଣ ତାହା ଅନୁଭବ କରିପାରିବ। ପବିତ୍ର ଜନ୍ମାଷ୍ଟମୀରେ ଏହା ଅନୁଚିନ୍ତା ହେଉ। କୃଷ୍ଣ ଚେତନାରେ ଆମେ ହଜିଯାଉ, ମଜିଯାଉ, କେବଳ ଆଉ ସ୍ୱୟଂ କୃଷ୍ଣ ହୋଇଯାଉ। ଏକାକାର ହୋଇଯାଉ। ଜୟ ଶ୍ରୀକୃଷ୍ଣ।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

# ସୃଷ୍ଟିର ମହାନାୟକ ଏବଂ ମ୍ୟାନେଜମେଣ୍ଟ ଗୁରୁ ଶ୍ରୀକୃଷ୍ଣ

।। ଗୋପାଳ ମହାପାତ୍ର ।।

ଭଗବାନ ଶ୍ରୀକୃଷ୍ଣ ଆମ ସଂସ୍କୃତିର ଜଣେ ଅଦ୍ଭୁତ ଏବଂ ବିଲକ୍ଷଣ ମହାନାୟକ ଏବଂ ମ୍ୟାନେଜମେଣ୍ଟ ପ୍ରବନ୍ଧନ ଗୁରୁମଧ ଚରିତ୍ର ଏକ ପ୍ରଭାବୀ ଏବଂ ସଫଳ ମ୍ୟାନେଜମେଣ୍ଟ ଗୁରୁଙ୍କର ସମସ୍ତ ଗୁଣ ଥିବା ଲୋକ ନାୟକଙ୍କ ଶ୍ରୀକୃଷ୍ଣଙ୍କ ଚରିତ୍ର ଅଟେ। ସେ ଶାସକ କିନ୍ତୁ କେବେ ତାଙ୍କୁ ରାଜା ଶ୍ରୀକୃଷ୍ଣ ଭାବେ ସମ୍ବୋଧିତ କରାଯାଏ ନାହିଁ। ସେ ତ ବ୍ରଜ ନନ୍ଦନ ଅଟନ୍ତି। କୁଶଳ ପ୍ରବନ୍ଧନର ଦକ୍ଷତା କାରଣରୁ ସମାଜ ଏବଂ ରାଷ୍ଟ୍ରବ୍ୟବସ୍ଥା ତାଙ୍କ ପାଇଁ କର୍ତ୍ତବ୍ୟ ଥିଲା, ଧର୍ମ ତାଙ୍କର ଆତ୍ମନିଷ୍ଠା ପାଲଟିଥିଲା। ସେ ପ୍ରବୃତ୍ତି ଏବଂ ନିବୃତ୍ତି ଉଭୟର ସଂଯୋଜନାରେ ସଚେତନ ଥିଲେ। ଶ୍ରୀକୃଷ୍ଣଙ୍କ ଆଦର୍ଶରେ ହିଁ ଦେଶ ଏବଂ ଦୁନିଆରେ ଶାନ୍ତି ସ୍ଥାପିତ କରିବାର ମାର୍ଗ ପ୍ରଶସ୍ତ ହୋଇପାରିବ। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ରହସ୍ୟକୁ ବୁଝିବା ପାଇଁ ତାଙ୍କର ଆଦର୍ଶ ରାଜନୀତି, ବ୍ୟବହାରିକ ଲୋକତନ୍ତ୍ର, ସାମାଜିକ ବ୍ୟବସ୍ଥା, ଏକାତ୍ମ ମାନବବାଦ ଏବଂ ଅନୁଶାସିତ ସୈନ୍ୟ ଏବଂ ଯୁଦ୍ଧ ସଂଚାଳିତ ବ୍ୟବସ୍ଥା ଜାଣିବାକୁ ପଡିବ। ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ କେଉଁ ପ୍ରକାରର ନୀତି ଏବଂ ନିୟମ ଆବଶ୍ୟକ ସେ ସବୁ ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣଙ୍କ ପ୍ରଭାବୀ ପ୍ରବାନ୍ଧନ ସୁତ୍ରରୁ ମିଳିଥାଏ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଏବଂ କୃତୀତ୍ୱ ନେତୃତ୍ୱ ତଥା ପ୍ରବନ୍ଧନର ସମସ୍ତ ବିଶେଷତା ବହୁରଙ୍ଗୀ ଅର୍ଥାତ୍ ରାଜନୈତିକ କୌଶଳ, ବୁଦ୍ଧିମତା, ଚାତୁର୍ଯ୍ୟ, ଯୁଦ୍ଧନୀତି, ଆକର୍ଷଣ, ପ୍ରେମ ଭାବ, ଗୁରୁତ୍ୱ, ସୁଖ ଦୁଃଖ ଏବଂ ଆହୁରି ଅନେକ କିଛି।

ଜଣେ ଦେଶଭକ୍ତ ପାଇଁ ଶ୍ରୀକୃଷ୍ଣ ଭଗବାନ ତ ଅଟନ୍ତି ଏଥି ସହ ସେ ଜୀବନ ଜିଇଁବାର କଳା ଏବଂ ସଫଳ ନାଗରିକତା କଥା ମଧ୍ୟ ଶିଖାଇଛନ୍ତି। ସେ ନିଜର ବ୍ୟକ୍ତିତ୍ୱର ବିବିଧ ବିଶେଷତାର ଭାରତୀୟ ସଂସ୍କୃତିରେ ଉଚ୍ଚ ମହାପ୍ରବନ୍ଧକର ପଦ ପ୍ରାପ୍ତି କରିଥିଲେ। ଗୋଟିଏ ପକ୍ଷରେ ସେ ରାଜନୀତିର ଜ୍ଞାତା, ତ ଅନ୍ୟ ପକ୍ଷରେ ଦର୍ଶନର ପ୍ରକାଣ୍ଡ ପଣ୍ଡିତ ଥିଲେ। ଧାର୍ମିକ, ରାଜନୈତିକ ଏବଂ ସାମାଜିକ ଜଗତକୁ ମଧ୍ୟ ନେତୃତ୍ୱ ଦେଇଥିଲେ ତଥା ଜ୍ଞାନ-କର୍ମ- ଭକ୍ତିର ସମନ୍ୱୟବାଦୀ ଧର୍ମ ମଧ ପ୍ରବର୍ତ୍ତିତ କରିଥିଲେ। ନିଜର ଯୋଗ୍ୟତାର ଆଧାରରେ ସେ ଯୁଗପୁରୁଷ ଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଯୁଗାବତାର ଭାବେ ସ୍ୱୀକୃତ ହୋଇଥିଲେ। ଆମେ ତାଙ୍କୁ ଜଣେ ମହାନ କ୍ରାନ୍ତିକାରୀ ନାୟକ ଭାବେ ମନେ ରଖିଛେ। ସେ ଦାର୍ଶନିକ, ଚିନ୍ତକ, ଗୀତା ମାଧ୍ୟମରେ କର୍ମ ଏବଂ ସାଂଖ୍ୟଯୋଗର ସଂଦେଶବାହକ ଏପରିକି ମହାଭାରତ ଯୁଦ୍ଧରେ ନୀତି ନିର୍ଦ୍ଦେଶକ ଥିଲେ। କିନ୍ତୁ ସରଳ ନିଛଳ ବ୍ରଜବାସୀ ମାନଙ୍କ ପାଇଁ ସେ ଥିଲେ ରାସ ରଚେତା, ଲହୁଣୀ ଚୋର, ଗୋପୀମାନଙ୍କ ମାଠିଆ ଭାଙ୍ଗୁଥିବା ଦୁଷ୍ଟ କହ୍ନେଇ ଏବଂ ଗୋପୀମାନଙ୍କ ଚିତ୍ତଚୋର। ଗୀତାରେ ଏ ସବୁର ଭାବାଭିବ୍ୟକ୍ତି ରହିଛି – "ହେ ଅର୍ଜୁନ ! ଯେଉଁ ଭକ୍ତ ମୋତେ ଯେଉଁ ଭାବନାରେ ଭଜିଥାଏ ମୁଁ ତାକୁ ସେଇ ପ୍ରକାର ଭଜିଥାଏ"। ଶ୍ରୀକୃଷ୍ଣଙ୍କ ଜୀବନ ଆଦର୍ଶକୁ ଯିଏ ଆତ୍ମସାତ କରି ପାରିବ ସେ ଜଣେ କୁଶଳ ପ୍ରବନ୍ଧିକ ଭାବେ ନିଜକୁ ପ୍ରଦର୍ଶିତ କରିପାରିବ।

ସଠିକ୍ ପ୍ରବନ୍ଧନ ବିନା କୌଣସି କାର୍ଯ୍ୟର ଶ୍ରେଷ୍ଠତମ ପରିମାଣ ମିଳିପାରେ ନାହିଁ। ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇଁ ସଠିକ୍ ପ୍ରବନ୍ଧନ ନିହାତି ଆବଶ୍ୟକ। ସାର୍ଥକ ଜୀବନ ପାଇଁ ମଧ୍ୟ ସଠିକ୍ ପ୍ରବନ୍ଧନ ଜରୁରୀ। ଶ୍ରୀକୃଷ୍ଣ ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ଗୁରୁ ର ଭୂମିକା ନିର୍ବାହକରି ସଫଳ ଏବଂ ସାର୍ଥକ ଜୀବନ ଜିଇଁବାର ପ୍ରବନ୍ଧନ ସୁତ୍ରର ଶିକ୍ଷା ଦେଇଛନ୍ତି ଯାହା ସଂପୂର୍ଣ୍ଣ ମାନବ ଜାତିକୁ ପଥ – ପ୍ରଦର୍ଶନ କରୁଛି। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ନୀତିର ବିଶେଷତ୍ୱ ହେଉଛି ଯେ ତାଙ୍କ ଭାବନା ଏବଂ ବିବେକ ପରସ୍ପରର ପୂରକ ଥିଲେ। ପ୍ରବନ୍ଧନ ଗୁରୁ ଶ୍ରୀକୃଷ୍ଣଙ୍କ ବ୍ୟବହାରିକ କୌଶଳ ଥିଲା ଯେ ସର୍ବ ପ୍ରଥମେ ଅତ୍ୟାଚାରୀ କଂସକୁ ସେ ଆର୍ଥିକ ପରେ ଦୁର୍ବଳ କରି ଦେଇଥିଲେ ଓ ପରେ ତାକୁ ବଧ କରି ଥିଲେ। ପୁରା ମହାଭାରତ ଯୁଦ୍ଧ ସମୟରେ ସେ କେବେ ଦୁଃଖିତ ହୋଇନଥିଲେ କିମ୍ବା ଅତ୍ୟଧିକ ଉତ୍ସାହିତ ମଧ ହୋଇ ନଥିଲେ। ଜଣେ ବ୍ୟକ୍ତି ମଧ୍ୟରେ ଅନେକ ଗୁଣ, ବିଶେଷତାଏବଂ କୌଶଳ 1 ସମାବେଶ ସେତେବେଳେ ହୋଇପାରେ ଯେତେବେଳେ ସେ ପ୍ରବନ୍ଧନରେ ଅଭିକ୍ଷତା ହାସଲ କରି ପାରିଥାନ୍ତି।

ଶ୍ରୀକୃଷ୍ଣ ଏମିତି ଏକ ଆଦର୍ଶ ଚରିତ୍ର ଯିଏ ଅର୍ଜୁନର ମାନସିକ ବ୍ୟଥାର ନିଦାନ କରିବା ସମୟରେ ଜଣେ ମନୋବୈଜ୍ଞାନିକ ଭାବେ ନିଜକୁ ପ୍ରତିପାଦିତ କରିଥିଲେ। କଂସକୁ ସଂହାର ବେଳେ ଜଣେ ଧର୍ମାବତାର ପାଲଟିଥିଲେ। ସ୍ୱାର୍ଥ ପୋଷିତ ରାଜନୀତିର ପ୍ରତିକାର କରି ଜଣେ ଆଦର୍ଶ ରାଜନୀତିଜ୍ଞ, ମୋହନ ବଂଶୀବଜାଇ ଜଣେ ଶ୍ରେଷ୍ଠ ସଙ୍ଗୀତଜ୍ଞ, ବ୍ରଜବାସୀଙ୍କ ଆଗରେ ପ୍ରେମାବତାର, ସୁଦାମା ଆଗରେ ଜଣେ ଆଦର୍ସ ବଂଧୁ ସୁଦର୍ଶନ ଚକ୍ରଧାରୀ ରୂପରେ ଜଣେ ଯୋଦ୍ଧା ଓ ସାମାଜିକ କ୍ରାନ୍ତିର ପ୍ରେରଣାଦାତା ଭାବେ ନିଜକୁ ପ୍ରତିପାଦିତ କରିଥିଲେ। ତାଙକ ଜୀବନର ଅନେକ ଛୋଟ ଛୋଟ ଘଟଣା ମଧ୍ୟ ସମାଜ ପାଇଁ ପ୍ରେରଣାଦାୟୀ। ସେ ଥିଲେ ସର୍ବ ଏଶ୍ୱର୍ଯ୍ୟ ସମ୍ପନ୍ନ। ଧର୍ମର ସାକ୍ଷାତ୍ ମୂର୍ତ୍ତୀ, କୁଶଳ ରାଜନୈତିଜ୍ଞ ଥିଲେ ଶ୍ରୀକୃଷ୍ଣ। ସୃଷ୍ଟି ସଂଚାଳକ ରୂପରେ ସେ ଥିଲେ ଜଣେ ମହା ପ୍ରବନ୍ଧକ। ତାଙ୍କ ପ୍ରବନ୍ଧନର ମନ୍ତ୍ର ଅନୁସାରେ ଶ୍ରେଷ୍ଠ ବ୍ୟକ୍ତି ସର୍ବଦା ପଦବୀ ଏବଂ ଗାରିମା ଅନୁରୂପ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିବା ଉଚିତ। କାରଣ ସେହି ବ୍ୟକ୍ତିମାନେ ଲୋକଙ୍କ ପାଇଁ ଆଦର୍ଶ ଅଟନ୍ତି। ସେମାନଙ୍କୁ ଲୋକ ଅନୁକରଣ କରିଥାନ୍ତି। କୁରୁକ୍ଷେତ୍ରର ଯୁଦ୍ଧଭୂମୀରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ଯେଉଁ ଉପଦେଶ ଦେଇଥିଲେ ତାହା ହେଉଛି ପ୍ରବନ୍ଧନ ବା ମ୍ୟାନେଜମେଣ୍ଟର ଅମରସୁକ୍ତ।

ମୋହବଶ ହୋଇଥିବା ଅର୍ଜୁନ ଯୁଦ୍ଧଭୂମୀରେ ଅସ୍ତ୍ର ତ୍ୟାଗ କରିଦେଇଥିଲେ। ସେତେବେଳେ ଗୀତାର ଉପଦେଶ ମାଧ୍ୟମରେ ଶ୍ରୀକୃଷ୍ଣ ତାଙ୍କୁ ଧର୍ମାନୁସାରେ କର୍ମ କରିବାରେ ପ୍ରେରଣା ଦେଇଥିଲେ। ଉପଦେଶ ମାଧ୍ୟମରେ ସେ ଅର୍ଜୁନଙ୍କୁ ପ୍ରବନ୍ଧନର ସୁତ୍ର ବୁଝାଇଥିଲେ। ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ମନୁଷ୍ୟର ମନରେ ଯଦି କାମନା ଥାଏ ତାଙ୍କୁ କେବେ ସୁଖ ଶାନ୍ତି ମିଳି ନଥାଏ। ତେଣୁ ସୁଖ ଶାନ୍ତି ପାଇବାକୁ ହେଲେ କାମନାକୁ ତ୍ୟାଗ କରିବାକୁ ପଡିବ। ଆମେ କର୍ମକରିବାବେଳେ ତାର ଫଳ କ'ଣ ହେବ ସେକଥା ଭାବିଲେ ଆମେ ଦୁର୍ବଳ ହୋଇଯିବା। ଏଣୁ ଆମେ ପରିଣାମର କଥା ଚିନ୍ତା ନକରି ନିଜର କର୍ମ ପ୍ରତିଧାନ ଦେବା ଆବଶ୍ୟକ ଯାହା ଫଳରେ ଆମେ ଆମ କର୍ତ୍ତବ୍ୟର ପାଳନ କରି ପାରିବା ଓ ଏହା ହେଉଛି ପ୍ରବନ୍ଧନର ଆଦିସୁତ୍ର। ଶ୍ରୀକୃଷ୍ଣଙ୍କ ପ୍ରଶାସନିକ ଏବଂ ରାଜନୈତିକ ଚରିତ୍ର ଅତ୍ୟନ୍ତ ଆଲୌକିକ। ସେଥିରୁ ସମଗ୍ର ବିଚାର ଦର୍ଶନର ସଂକ୍ଷେପ ସଂଦେଶ ହେଉଛି- କର୍ମ। କର୍ମ ମାଧ୍ୟମରେ ହିଁ ସମାଜର ଅନିଷ୍ଟକାରୀ ପ୍ରବୃତ୍ତିକୁ ଦମନକରି ତା ସ୍ଥାନରେ ବରେଣ୍ୟ ପ୍ରବୃତ୍ତିକୁ ସ୍ଥାପନ କରାଯାଇପାରେ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଅସୀମ କରୁଣାରେ ପରିପୂର୍ଣ୍ଣ। କିନ୍ତୁ ଅନୀତି ଏବଂ ଅତ୍ୟାଚାରର ପ୍ରତିକାର କରିବା ଭଳି କଠୋର ବ୍ୟକ୍ତିତ୍ୱ ତାଙ୍କଠାରେ ମଧ୍ୟ ରହିଥିଲା। ଭକ୍ତଙ୍କ ପାଇଁ ଯାହାଙ୍କ ହୃଦୟ ତରଳିଯାଉଥିଲା ସେହି ଶ୍ରୀକୃଷ୍ଣ ଦଣ୍ଡ ଦେବା ପାଇଁ ଅତ୍ୟନ୍ତ କଠୋର ହୋଇଯାଉଥିଲେ। କେବେ ପ୍ରେମ କରିବା, କେବେ ଘୃଣା କରିବା, କେବେ କଠୋର ହେବା ଓ କେବେ ଦୟାବାନ ହେବା ସେ ସବୁ କଥା ଉଚିତ୍ ପ୍ରବନ୍ଧନରେ ହିଁ ସମ୍ଭବ। ନିଜର ଜନ୍ମଠାରୁ ଲୀଳା ସମାପ୍ତି ପୁରା ଅବତାର ସମୟ ମଧ୍ୟରେ ଶ୍ରୀକୃଷ୍ଣ ଅନେକ ସଂଘର୍ଷକୁ ଦେଖିଛନ୍ତି ଓ ସମାପ୍ତି କରିଛନ୍ତି। ପରିସ୍ଥିତିକୁ ଅନୁକୂଳ କରିବାର କଳା ହିଁ ତାଙ୍କ ପାଖରେ ଥିଲା। ତାଙ୍କ ଶିକ୍ଷା ମଧ୍ୟ ଉଚ୍ଚକୋଟୀର ଥିଲା ଯେଉଁଥିପାଇଁ ତାଙ୍କ ବ୍ୟକ୍ତିତ୍ୱର ରଚନାତ୍ମକ ବିକାଶ ଘଟିଥିଲା।

**ରାମଚନ୍ଦ୍ରପୁର, ରଣପୁର**
**ମୋ -୯୪୩୮୪୮୫୦୯୪**

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

।। ପ୍ରଦୀପ କୁମାର ବିଶ୍ୱାଳ ।।

'ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ, ଇନ୍ଦ୍ରାରି ବ୍ୟାକୁଳଂ ମୃଡୟନ୍ତି ଯୁଗେ ଯୁଗେ।' ଶ୍ରୀମଦ୍ ଭାଗବତରେ କୁହାଯାଇଛି 'କୃଷ୍ଣ ହିଁ ସ୍ୱୟଂ ଭଗବାନ'। ବ୍ରହ୍ମବୈବର୍ତ୍ତ ପୁରାଣରେ କୁହାଯାଇଛି କୃଷ୍ଣ ହେଉଛନ୍ତି ସର୍ବୋତ୍ତମ ଉତ୍ସ ଯେଉଁଥିରୁ ବ୍ରହ୍ମା, ବିଷ୍ଣୁ, ଶିବ ଓ ପ୍ରକୃତି ଉତ୍ପତି ହୋଇଥିଲେ। କୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ, ଅନ୍ୟ ଅବତାରମାନେ ତାଙ୍କର ଅଂଶବିଶେଷ। ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଳୋକରେ କହିଛନ୍ତି,

**'ଯଦା ଯଦା ହି ଧର୍ମସ୍ୟ ଗ୍ଲାର୍ନିଭବତି ଭାରତ।**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।।**
**ପରତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍**
**ଧର୍ମସଂସ୍ଥାପର୍ନାଥାୟ ସମ୍ଭବାମି ଯୁଗେ ଯୁଗେ।'**

ଅର୍ଥାତ୍-ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଳାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ। ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ । ଚଳିତ ବର୍ଷ ଜନ୍ମାଷ୍ଟମୀ ବା ହରିଜନ୍ମ ଓଷା ତା ୨୬.୮.୨୦୨୪ରିଖ ସୋମବାର ଦିନ ପାଳନ କରାଯିବ। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ୍ୟ ମୁଖ୍ୟ କର୍ମକାଳ ହେଉଛି ଅର୍ଦ୍ଧରାତ୍ର । ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ଏକ ଦଣ୍ଡ = ୨୪ ମିନିଟ୍ । ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ । ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ପ୍ରଦାୟକ । ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ । ଚଳିତବର୍ଷ ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ସୋମବାର ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉଅଛି । ଏହାକୁ ଜୟନ୍ତୀ କୁହାଯାଏ, ଏହା ଅତ୍ୟନ୍ତ ପୂଣ୍ୟଫଂଳ ପ୍ରଦାୟକ। ଶ୍ରୀମଭାଗବତ୍ ୧୧ଶ ସ୍କନ୍ଦରୁ ଜଣାଯାଏ ଭଗବାନ ଶ୍ରୀକୃ ଲୋକଂ ଷ୍ଣ(ଶ୍ରୀହରି) ୧୨୫ ବର୍ଷ ଜୀବିତ ଥିଲେ। ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ୨୦୨୪ରେ ପାଳନ ହେବ ଶ୍ରୀକୃଷ୍ଣଙ୍କର ୫୨୫୦ତମ ଜନ୍ମତିଥି। ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଚ୍ଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ।


ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ ହେଉଥାଏ। ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୁମଣ୍ଡଳ। ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା 'ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୋର ବିନାଶ କରିବ'। ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରାଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ।

ଭାଦ୍ରକୃଷ୍ଣ ଅଷ୍ଟମୀ ମଧ୍ୟରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୁମିଷ୍ଠ ହୋଇଥିଲେ ଭଗବାନ ବାସୁଦେବ(କୃଷ୍ଣ)। ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ର ବାସୁଦେବଙ୍କୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧ୍ୟରେ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ। ଚାରି ମେଘ ଆବର୍ତ୍ତକ, ସମ୍ବର୍ତ୍ତକ, ଦ୍ରୋଣ ଓ ପୁଷ୍କର ଏକାକାର ହୋଇ ପ୍ରଚଣ୍ଡ ବାଦଲ୍‌ଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ। ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲିଛନ୍ତି। ଏହି ସମୟରେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି। ଘୋର ଅନ୍ଧକାର ମଧ୍ୟରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ୍ୟ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି। ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ୍ୟ ଉଗ୍ରସେନ ନଛୋଡ ବନ୍ଧା। ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି। ସେତେବେଳେ ଲମ୍ବହୋଇ ପଡିଲେ ଉଗ୍ରସେନ। ଶ୍ରୀକୃଷ୍ଣ ତାଙ୍କୁ ମଥୁରାନଗରୀର ଭବିଷ୍ୟତର ରାଜା ହେବାକୁ ପୁଷ୍ପମାଲ୍ୟ ପ୍ରଦାନ କଲେ। ଘନଘୋର ନିଶାରାତିରେ ଏକମାତ୍ର ବଂଶ ପ୍ରଦୀପକୁ ମୁଣ୍ଡଉପରେ ରଖି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ଭିତରକୁ ପାଦ ବଢାଇବାକୁ ସାହସ କରିପାରୁନଥିଲେ। ମାତ୍ର ତାଙ୍କୁ ମୁହୂର୍ତ୍ତକ ପାଇଁ ଆଶ୍ଚର୍ଯ୍ୟ କରିଦେଇ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆର୍ଶିବାଦ ହେତୁ ପୂର୍ଣ୍ଣଗର୍ଭା ନଦୀଟି ବସୁଦେବଙ୍କୁ ବାଟ ଛାଡି ଦେଲା। ବନ୍ଧୁ ନନ୍ଦଙ୍କ ଘରେ ପହଞ୍ଚ ଯଶୋଦଙ୍କ କୋଳରେ ଭଗବାନ କୃଷ୍ଣଙ୍କୁ ଶୁଆଇଦେଇ ଠିକ୍ ଏହିସମୟରେ ସଦ୍ୟଜାତ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଧରି ଫେରି ଆସିଲେ। ଏହାପରେ ଫିଟି ଯାଇଥିବା କବାଟ ପୂର୍ବବତ୍ ବନ୍ଦ ହୋଇ ଗଲା ଓ ହାତ ଓ ପାଦରେ ଶୃଙ୍ଖଳ ପଡିଗଲା। (କ୍ରମଶଃ)



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ନୟାଗଡ଼ର ବିଭିନ୍ନ ଜେଲ୍‌ରେ ପୁଲିସ ପକ୍ଷରୁ ଚଢ଼ଉ

### ବିପୁଳ ପରିମାଣର ନିଶାଦ୍ରବ୍ୟ ଠାବ



**ନୟାଗଡ,(ମହାଭାରତ) :** ନୟାଗଡ଼ ଜିଲ୍ଲାରେ ଥିବା ବିଭିନ୍ନ ଜେଲରେ ଚଢ଼ାଉ। ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲା ର ୪ ଗୋଟି ଜେଲ୍ ଉପରେ ଚଢ଼ାଉ। ନୟାଗଡ଼ ଜିଲ୍ଲା ମୁଖ୍ୟ କାରାଗାର, ଖଣ୍ଡପଡା ଉପ-କାରାଗାର, ଦଶପଲ୍ଲା ଉପ-କାରାଗାର ଓ ରଣପୁର ଉପ-କାରାଗାର ରହିଛି। ଜେଲ ଭିତରେ ନିଶା କାରବାର ହେଉଥିବା ଅଭିଯୋଗ ହେଉଥିଲା। ଆଜି ଭୋର ୪ ଟାରେ ନୟାଗଡ ଏସପି ରାହୁଲ୍ ଜୈନ୍ ଙ୍କ ତତ୍ତ୍ୱାବଧାନରେ ଚାରୋଟି ଜେଲ୍ ରେ ଚଢ଼ାଉ ହୋଇଥିଲା। ନୟାଗଡ ଜିଲ୍ଲା କାରାଗାର ରେ ନୟାଗଡ ଏସପି ରାହୁଲ୍ ଜୈନ୍, ଅତିରିକ୍ତ ଏସପି ସୁବାଷ ପଣ୍ଡା, ଦୁଇ ଜଣ ଏସଡିପିଓ, ଦୁଇ ଜଣ ଆଇଆଇସି ଓ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ଚଢ଼ାଉ କରିଥିଲେ। ନୟାଗଡ ତହସିଲଦାର ରାଜେଶ ସ୍ୱାଇଁ ମଧ ଚଢ଼ାଉ ରେ ସାମିଲ ଥିଲେ। ଜେଲ୍ ରୁ ଖଇନି, ବିଡି, ଲାଇଟର ଓ ବିଭିନ୍ନ ନିଶା ସାମଗ୍ରୀ ବାହାରିବା ସହିତ ୧୪ ହଜାର ଟଙ୍କା ଜବତ ହୋଇଛି। ସେହିପରି ଦଶପଲ୍ଲା ଉପ-କାରାଗାର ଉପରେ ସକାଳୁ ସକାଳୁ ଚଢାଉ କରାଯାଇଛି। ଚଢ଼ାଉ ତଥା ଖାନ-ତଲାସି ସମୟରେ ବିଡି, ଗୁଟଖା, ଖଇନି ସମେତ ନଗଦ ୪୨୨ ଟଙ୍କା ଜବତ ହୋଇଛି। ଏହି ଚଢାଉ ରେ ଦଶପଲ୍ଲା ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଚନ୍ଦ୍ର ଶେଖର ବାରିକଙ୍କ ଉପସ୍ଥିତରେ ଚଢାଉ କରାଯାଇଥିଲା। ଏଥିରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଚଢାଉରେ ଦଶପଲ୍ଲା ଥାନା ଅଧିକାରୀ ମୁକେଶ୍ କୁମାର ବେହେରା ପ୍ରମୁଖ ସାମିଲ୍ ହୋଇଥିଲେ। ଆସିଷ୍ଟାଣ୍ଟ ଜେଲର ସୁଦର୍ଶନ ବାରିକ ଚଢାଉ ସମୟରେ ମଧ ଉପସ୍ଥିତ ଥିଲେ। କଡା ସୁରକ୍ଷା ମଧରେ ଉପ-କାରାଗାର ପରିଚାଳିତ ହେଉଥିବା ଶ୍ରୀ ବାରିକ ମତବ୍ୟକ୍ତ କରିଥିବା ବେଳେ ଏସବୁ ଜିନିଷ ଉପ-କାରାଗାର ମଧ୍ୟରୁ ମିଳିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେହିପରି ଖଣ୍ଡପଡ଼ା ଏସଡିପିଓ ଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ଉପ-କାରାଗାର ଏବଂ ଶରଣକୁଳ ଏସଡିପିଓ ଙ୍କ ତତ୍ତ୍ୱାବଧାନରେ ରଣପୁର ଉପ-କାରାଗାର ରେ ଚଢ଼ାଉ କରି ବିପୁଳ ପରିମାଣର ର ନିଶାଦ୍ରବ୍ୟ ସହ ଟଙ୍କା ଜବତ କରାଯାଇଛି।

## ପୁଲିସ ଅବହେଳାରୁ ଜୀବନ ହାରିଲେ ଅଭିଯୋଗକାରୀ

- ଫେରାର ଅଭିଯୁକ୍ତଙ୍କ ଧମକ ଯୋଗୁ ଆତ୍ମହତ୍ୟା କରିଛନ୍ତି
- ଇନ୍ସପେକ୍ଟରଙ୍କୁ ସୋ-କଜ୍ ଓ ତଦନ୍ତକାରୀଙ୍କ ବିରୋଧରେ ପ୍ରୋସିଡ଼ିଂ



**ନୟାଗଡ଼,(ମହାଭାରତ) :** ଦଶପଲ୍ଲା ଥାନାରେ ଅଭିଯୋଗ କରିଥିବା ପ୍ରାଣାନ୍ତକ ଆକ୍ରମଣର ଶିକାର ଜଣେ ଯୁବକ ଗତ ୨୧ ତାରିଖରେ ଆତ୍ମହତ୍ୟା କରିଛନ୍ତି। ପୁଲିସ ଆଖିରେ ଫେରାର ଥିବା ଅଭିଯୁକ୍ତ ମାନଙ୍କ ଧମକ ଚମକ ସହି ନପାରି ସେ ଆତ୍ମହତ୍ୟା କରିଥିବା ତାଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଛନ୍ତି । ଫଳରେ ପୁଲିସ ଏ ନେଇ ଆଉ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇ ଏସ୍ ?ପି ରାହୁଲ ଜୈନ, ଦଶପଲ୍ଲା ଥାନା ଇନ୍ସପେକ୍ଟର ମୁକେଶ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ବେଳେ ତଦନ୍ତକାରୀ ଅଧିକାରୀ ଜୟଚନ୍ଦ୍ର ବେହେରା ଦଳେଇଙ୍କ ବିରୋଧରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜୋ ?ଦାର୍ ଚର୍ଚ୍ଚା ହୋଇଛି। ମିଳିଥିବା ସୂଚନା ମୁତାବକ, ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଲେ ଦେଢ଼ଶର ଗାଁର ଅରୁଣ କୁମାର ସାହୁ। ଅରୁଣଙ୍କ ପତ୍ନୀ ପୁଷ୍ପଲତା ସାହୁଙ୍କ ଅଭିଯୋଗ ମୁତାବକ, ଗତ ଜୁଲାଇ ୧୯ ତାରିଖରେ ସେ ଘର ବାରଣ୍ଡାରେ ବସିଥିବା ବେଳେ ହଠାତ୍ ଉକ୍ତ ଗାଁର ପ୍ରମୋଦ କୁମାର ସେଠୀ ଓ ପ୍ରହଲ୍ଲାଦ ସେଠୀ ସେଠାରେ ପହଞ୍ଚି ଅରୁଣଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅରୁଣ ଦୀର୍ଘ ଦିନ ଧରି ହସ୍ପିଟାଲ ରେ ଚିକିତ୍ସିତ ହେଉଥିଲେ। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ ମଧ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିପାରିନଥିଲା। ସମସ୍ତେ ଫେରାର୍ ଥିବା ପୁଲିସ ପକ୍ଷରୁ କୁହାଯାଇଥିଲା। ମାତ୍ର ଏପଟେ ଏହି ଘଟଣାକୁ ନେଇ ଅରୁଣ ସର୍ବଦା ମାନସିକ ଅଶାନ୍ତିରେ ରହୁଥିଲେ। ଏମିତିକି ଫେରାର୍ ଥିବା ଅଭିଯୁକ୍ତ ମାନେ ତାଙ୍କୁ ଧମକ ଚମକ ଦେଉଥିବା ପୁଷ୍ପଲତା ଅଭିଯୋଗ କରିଛନ୍ତି। ଆତ୍ମହତ୍ୟା କରିବା ପୂର୍ବଦିନ ଅରୁଣ କୁଆଡ଼େ ପୁଷ୍ପଲତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ପୁଷ୍ପଲତା ତାଙ୍କୁ ଧୈର୍ଯ୍ୟ ଧରିବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ପରଦିନ ଅରୁଣ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏଣୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଏହି ଅଭିଯୁକ୍ତ ମାନେ ହିଁ ଦାୟୀ ଥିବାରୁ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଅରୁଣ କାହିଁକି ଆତ୍ମହତ୍ୟା କଲେ, ଏହା ପରବର୍ତ୍ତୀ କଥା। ମାତ୍ର ମାସେ ହେଲା କେମିତି ଦଶପଲ୍ଲା ପୁଲିସ ଅଭିଯୁକ୍ତ ମାନଙ୍କୁ ଧରିପାରିଲା ନାହିଁ, ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେ ବଡ଼ ଘଟଣା ଘଟିଯିବା ପରେ ପୁଲିସ ଏବେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଛି।


## ମାନବ ସେବାଶ୍ରମ ପ୍ରାଙ୍ଗଣରେ 'ଜିଲ୍ଲା ରୋଗୀ ସେବା ସୁରକ୍ଷା ମଞ୍ଚ' ଗଠିତ

**ଅନୁଗୋଳ,(ମହାଭାରତ) :** ଆଜି ମାଳତୀ ବିହାର ସ୍ଥିତ ମାନବ ସେବାଶ୍ରମ ପ୍ରାଙ୍ଗଣରେ ଅନୁଗୋଳର ବିଭିନ୍ନ ଅନୁଷ୍ଠାନ ର ମୁଖ୍ୟ ଓ କର୍ମକର୍ତ୍ତା ମାନଙ୍କୁ ନେଇ ଏକ ସାଧାରଣ ପ୍ରସ୍ତୁତି ବୈଠକ ହୋଇଯାଇଛି । ସମସ୍ତଙ୍କ ଉପସ୍ଥିତି କ୍ରମେ ଅନୁଗୋଳ ଜିଲ୍ଲାର ନିଃସହାୟ ରୋଗୀ ମାନଙ୍କୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବା ଲାଗି ଜିଲ୍ଲା ରୋଗୀ ସେବା ସୁରକ୍ଷା ମଞ୍ଚ ନାମକ ଏକ ଅନୁଷ୍ଠାନ ଗଠନ ପୂର୍ବକ ଅନୁଷ୍ଠାନ ର ଆବାହକ ଭାବରେ ଚିନ୍ମୟୀ ଦାସ , ସଭାପତି ସୁଧାକର ସାହୁ , ସାଧାରଣ ସମ୍ପାଦକ ହୋମଦ୍ୟୁତି ବେହେରା,ଉପ ସଭାପତି ଶ୍ରୀକାନ୍ତ ସାହୁ, ସହକାରୀ ସଂପାଦକ ଅମ୍ବିକା କୁମାର ଲେଙ୍କା, କୋଷାଧ୍ୟକ୍ ବସନ୍ତ କୁମାର ମହାପାତ୍ର,



ସହକାରୀ କୋଷାଧ୍ୟକ୍ ତନ୍ମୟ ବିଶ୍ୱାଳ, ଉପଦେଷ୍ଟା ଭାବରେ ବିଶ୍ୱ ରଞ୍ଜନ ପଟ୍ଟନାୟକ,ବିଷ୍ଣୁ ଚରଣ ବେହେରା, ନିରଞ୍ଜନ ସାହୁ,ଭୀଷ୍ମ ସାହୁ , ଜିତୁ ନାଏକ, ବୈରାଗୀ ସେଠ, ନିରଞ୍ଜନ ନାଏକ ଓ ମିଡ଼ିଆ ସେଲ ଭାବରେ ଅନନ୍ତ ବାରିକ, ସୁବ୍ରତ ବେହେରା, ଆଇନ ପରାମର୍ଶ ଦାତା ଭାବେ ଲିଟନ , ପତିତପାବନ ବାଡିଆ ଓ ଶ୍ରୀକାନ୍ତ ସାହୁ ଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି। ସୂଚନା ଯେ , ପ୍ରତ୍ୟେକ କୋଣ ଅନୁକୋଣରୁ ଆସୁଥିବା ରୋଗୀ ମାନେ ସରକାରୀ ହେଉ ବା ବେସରକାରୀ ଡ଼ାକ୍ତରଖାନା ହେଉ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସମସ୍ତ ସରକାରୀ ସହାୟତା ଥିଲେ ମଧ ଏମାନେ ସହାୟତା ପାଇବାର ବଞ୍ଚିତ ହେଉଛନ୍ତି। ଅନୁଗୋଳରେ ପ୍ରାୟ ସମୟରେ ରକ୍ତର ଅଭାବ ଦେଖା ଦେଇଥିବାରୁ ଏହା ଏବେ ଅନୁଗୋଳ ବାସୀଙ୍କ ପାଇଁ ବଡ଼ ସମସ୍ୟା। କିଭଳି ଭାବେ ଏହି ସମସ୍ୟା ଦୂର ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ପ୍ରାୟ ୨୦ରୁ ଉର୍ଦ୍ଧ ସଂଗଠନ ଭାଗ ନେଇଥିଲେ । ଏହି ଅବସରରେ ସାମାଜିକ ଅନୁଷ୍ଠାନ ଉତ୍କର୍ଷ ପରିବାର, ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କୋହିନୁର ଯୁବକ ସଙ୍ଘ, ଶେଷ ଜୀବନ ସାଥି, ମା ଫାଉଣ୍ଡେସନ , ଉତ୍ସର୍ଗ ପରିବାର, ସତ୍ୟସାଇ ଅନୁଷ୍ଠାନ, ଛୋଟ ଏକ ପ୍ରୟାସ, ଫ୍ରେଣ୍ଡସ କ୍ଲବ୍, ମାନବ ସେବା ମାଧବ ସେବା ଭଳି ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ଉପସ୍ଥିତି ପୂର୍ବକ ଆଶ୍ରମ ଚତୁର୍ପାଶ୍ୱର ସଫେଇ କରି ବିଭିନ୍ନ ଫଳ ଗଛ ରୋପଣ କରାଯାଇଛି କ୍ଷଆଗାମୀ ଦିନରେ ଅନୁଷ୍ଠାନ ରୋଗୀ ସେବା କାର୍ଯ୍ୟକ୍ରମ ସାମିଲ ସହିତ ଯେଉଁମାନେ ଅନାଥ କିମ୍ୱା ଅସହାୟ ସେମାନଙ୍କୁ ମାନବ ସେବାଶ୍ରମ ରେ ଥଇଥାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି।

## ରାଜ ଫର୍ନିଚର ପରିଦର୍ଶନ କଲେ କୋରେଇ ବିଧାୟକ



**ବ୍ୟାସନଗର,(ମହାଭାରତ) :** ଯାଜପୁର ରୋଡ ଚୋର୍ଦା ଠାରେ ଅବସ୍ଥିତ ରାଜ ଫର୍ନିଚର ଏକ ନୂତନ ବ୍ରାଣ୍ଡେଡ କମ୍ପାନୀ ଫେନେଷ୍ଟା କୁ ନେଇ ତାର ବ୍ୟବସାୟ ଆରମ୍ଭ କରିବାକୁ ଯାଉଛି। ବ୍ୟାସନଗର ସହର ରେ ପ୍ରତିଷ୍ଠିତ ଏହି ଅତ୍ୟାଧୁନିକ ସୋ ରୁମ ଦୀର୍ଘ ବର୍ଷ ଧରି ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବିଭିନ୍ନ କମ୍ପାନୀ ର ଫର୍ନିଚର ଉପକରଣ ଯୋଗାଇ ଦେଇ ଆସୁଅଛି। ଫେନେଷ୍ଟା କମ୍ପାନୀ ରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଡିଜାଇନ ର ଡୋର ଏବଂ ଉଇଁଡୋ ଏଠାରେ ମିଳୁଥିବା ଅନୁଷ୍ଠାନ ର ସ୍ୱତାଧିକାରୀ ସମୀର କୁମାର ରାଜ କହିଛନ୍ତି। ଆଜିର ଏହି ନୂତନ ବ୍ରାଣ୍ଡେଡ କୁ କୋରେଇ ବିଧାୟକ ଆକାଶଦାସ ନାୟକଙ୍କ କରକମଣ୍ଡଳ ରେ ଫିତା କାଟି ବିକ୍ରୟ ର ଶୁଭାରମ୍ଭ କରିଛନ୍ତି। ଏହି ଫେନେଷ୍ଟା ବ୍ରାଣ୍ଡେଡ କମ୍ପାନୀ ର ଘରୋଇ ଉପକରଣ କୁ ଉପଯୋଗ କରିବା ଦ୍ୱାରା ଘରର ସୌନ୍ଦର୍ଯ୍ୟ କୁ ଆକୃଷ୍ଟ କରିବା ସଂଗେ ସଂଗେ ଏହାର ଡିଜାଇନ କୁ ଗ୍ରାହକ ମାନେ ପସନ୍ଦ କରନ୍ତି ବୋଲି ଅନୁଷ୍ଠାନ ର ପରିଚାଳକ ବିଶ୍ୱଭୂଷଣ ଲେଙ୍କା କହିଛନ୍ତି। ଏହି ରାଜ ଫର୍ନିଚର ବ୍ୟାସନଗର ସହର ରେ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ହୋଇଥିବାରୁ ଯାଜପୁରଏବଂ ଅନ୍ୟ ଜିଲ୍ଲା ରୁ ବହୁ ଲୋକ ଆସି ବିଭିନ୍ନ ପ୍ରକାର ଜିନିଷ କ୍ରୟ କରିଥାନ୍ତି।

## ବିଜୁ ଏକ୍ସପ୍ରେସ ୱେ'ର ରଏନଗୁଡା ନିକଟରେ ଘାଇ

**କୋକସରା,(ମହାଭାରତ) :** କୋକସରା ବ୍ଲକ ଆମପାଣି ଠାରୁ ଧର୍ମଗଡ଼ କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ'ର ରଏନଗୁଡା ହାଇସ୍କୁଲ ନିକଟ ରାସ୍ତା ପାର୍ଶ୍ୱରେ ବିରାଟ ଘାଇ ସୃଷ୍ଟି ହୋଇଛି। ଫଳରେ ବିପଦ କୁ ଆମନ୍ତ୍ରଣ କରୁଛି । ଏହି ରାସ୍ତାରେ ଦୈନଦିନ ଭାରି ଯାନ ସହ ଶହଶହ ସଂଖ୍ୟାରେ ଯାନବାହାନ ଚଳାଚଳ କରୁଥିବା ବେଳେ ଦୁର୍ଘଟଣା ନଘଟିବା ପୁର୍ବରୁ ଏହାକୁ ମରାମତି କରାନଗଲେ ଦୁର୍ଘଟଣା ଆଶଙ୍କା ରହିଛି। ବର୍ଷା ଯୋଗୁଁ ଏହି ରାସ୍ତାର ଗୋଟିଏ ପାର୍ଶ୍ୱ ମାଟି ଧସିଯାଇ ଧୀରେ ଧୀରେ ବଡ଼ ଘାଇ ସୃଷ୍ଟି ହେଲାଣି। ଏପଟେ ଯାତାୟତ ବେଳେ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ଅନେକ ସମ୍ଭାବନା ରହିଛି । ତେଣୁ ଏଦିଗରେ ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଡକାୟତି ସମୟରେ ମାଡ଼ି ବସିଲା ଖପ୍ରାଖୋଲ ପୋଲିସ



**ପାଟଣାଗଡ଼,(ମହାଭାରତ) :** ସାନ ଉଡ଼େନ ଗ୍ରାମ ନିକଟ ରୁ ଛଅ ଜଣ ଗିରଫ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ସାନ ଉଡେନ ଗ୍ରାମ ନିକଟ ଗୋଚର ପାଖରୁ ୬ ଜଣକୁ ଖପ୍ରାଖୋଲ ପୋଲିସ ଗିରଫ କରି ରବିବାର ଦିନ କୋର୍ଟ ଚାଲାଣ କରିଥିବା ବୋଲି ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପାଟଣାଗଡ ଥାନା ପଣ୍ଡାମୁଣ୍ଡା ଗ୍ରାମର ଉମାକାନ୍ତ ଡିଲା ( ୨୪ ), ରଖି ମିର୍ଦ୍ଧା ( ୨୪ ), ଅଜୟ ମିର୍ଦ୍ଧା (୨୦), ସୁଜିତ ବରିହା( ୨୩ ), ସୋମନାଥ ମଲ୍ଲିକ ( ୨୨ ) ଓ ଗୋପୀନାଥ ମିର୍ଦ୍ଧା ( ୨୨ ) ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ ଶନିବାର ରାତି ରେ ପେଟ୍ରୋଲିଙ୍ଗ କଲା ବେଳେ ସାନ ଉଡେନ ଗ୍ରାମ ଖେଳପଡିଆ ନିକଟରେ କିଛି ମୋଟର ସାଇକେଲ ସହ ଯୁବକ ମାନେ ଥିବା ଦେଖି ଚଢାଉ କରିଥିଲେ । ଚଢାଉ ବେଳେ ସେମାନେ ଶାନ୍ତିପୁର ଗ୍ରାମରେ ଡକାୟତି କରିବାକୁ ଉଦ୍ୟମ କରୁଥିବା ଜାଣି ସମସ୍ତ ଙ୍କୁ ଗିରଫ କରିଥିଲେ । ତାଙ୍କ ଠାରୁ ଏକ ତାବିଲି,ଏକ ଭୁଜାଲି,୪ ଟି ଲୁହା ରଡ଼, ୪ଟି ଠେଙ୍ଗା,୧୦ ଦେଶୀ ମଦପାଉଚ୍, ଗଞ୍ଜେଇ ଚିଲମ ,୪ ଟି ମୋବାଇଲ ସହ ୨ ଟି ମୋଟର ସାଇକେଲ ଜବତ କରିଥିବା ସୂଚନା ମିଳିଛି ! ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୦୨/୨୪ ରେ ଏକ ମାମଲା ଭାରତୀୟ ନ୍ୟାୟ ସଂହିତା ର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ସମସ୍ତ ୬ ଜଣକୁ କୋର୍ଟ ଚାଲାଣ କରା ଯାଇ ଘଟଣା ର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଲକ୍ଷେପତି ଦିଦି କାର୍ଯ୍ୟକ୍ରମ

**ଅସ୍ତରଙ୍ଗ,(ମହାଭାରତ) :** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଆହ୍ୱାନ ରେ ଆଜି 'ଲକ୍ଷେ ପତି ଦିଦି 'କାର୍ଯ୍ୟକ୍ରମ ଅସ୍ତରଙ୍ଗ ବ୍ଲକ ବୈଠକ ଗୃହ ରେ ଅନୁଷ୍ଠିତ ହୋଇଛି,ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ଭାରତ ସରକାର ବିଭିନ୍ନ ମହିଳା ଙ୍କୁ ଉଦ୍ୟୋଗପତୀ ସହିତ ସ୍ୱାବଲମ୍ବୀ କରିବା, ଆଜି ମହାରାଷ୍ଟ୍ର ର ଜଲଗାଁଓ ରେ ଭାରତ ର ପ୍ରଧାନମନ୍ତ୍ରୀ ୧୧ଲକ୍ଷ ମହିଳା ଙ୍କୁ ସମ୍ବୋର୍ଦ୍ଧିତ କରିଛନ୍ତି ଏହି ଲକ୍ଷେ ପତି ଦିଦି କାର୍ଯ୍ୟକ୍ରମ, ଆଉ ତାଙ୍କ ଆହ୍ୱାନ ରେ ପ୍ରତ୍ୟେକ ବ୍ଲକ, ଏନଏସି ରେ ସିଧାପ୍ରସାରଣ ମାଧମ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପ୍ରତ୍ୟେକ ମହିଳା ଙ୍କୁ ଲକ୍ଷେପତି ହେବାର ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି, ଭାରତ ସରକାର ଙ୍କ ଲକ୍ଷ ପ୍ରତ୍ୟେକ ବର୍ଷ ୧କୋଟି ମହିଳା ଙ୍କୁ ସ୍ୱାବଲମ୍ବି କରାଇବା, ଯାହାକୁ ନେଇ ଆଜି ଅସ୍ତରଙ୍ଗ ବ୍ଲକ ବୈଠକ ସଭା ଗୃହ ରେ ଅସ୍ତରଙ୍ଗ ପଞ୍ଚାୟତସମିତି ଉପାଧକ୍ଷ ଦୁର୍ଜ୍ଜୟ ମିଶ୍ର ଙ୍କ



ସଭାପତିତ୍ୱ ରେ ଏହି କାର୍ଯ୍ୟକ୍ରମ ସିଆରପି, ବ୍ୟାଙ୍କମିତ୍ର, ଏମବିକେ, ଅସ୍ତରଙ୍ଗ ବ୍ଲକ ୧୫ପଞ୍ଚାୟତ ର ମହିଳା ସଙ୍ଘ ର ସଭାନେତ୍ରୀ, ଅନେକ ସରପଞ୍ଚ ଓ ସମିତିସଭ୍ୟଙ୍କୁ ନେଇ ଅନୁଷ୍ଠିତ ହୋଇଛି, ଏହି କାର୍ଯ୍ୟକ୍ରମ ରେ ଅନ୍ୟ ଅତିଥି ରୂପେ ବିପିସି ନିବେଦିତା ଦୀକ୍ଷିତ, ବିଏଲସି ଅନୁପମା କର, ବିଦ୍ୟୁଲତା ପ୍ରଧାନ, ସ୍ମରଣିକା ପରିଡା, ରୋହିତ ସେଠି ଓ ବିପିଏମ ପାର୍ଥ ସାରଥୀ ମହାନ୍ତି ଉପସ୍ଥିତ ରହି ପ୍ରତ୍ୟମ ଏସଏଚଜି ମହିଳା ଗ୍ରୁପ ଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷଣ କରାଇଥିଲେ, ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଆହ୍ୱାନ କୁ ଅନୁସରଣ କରି କିପରି ସବୁ ମା ମାନେ ସ୍ୱାବଲମ୍ବୀ ହେଇପାରିବେ ସେ ବାବଦରେ ଉଦବୋଧନ ଦେଇଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଏହି କାର୍ଯ୍ୟ କୁ ଉପସ୍ଥିତ ମହିଳା ମାନେ ସ୍ୱାଗତ କରିବା ସହ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କଲେ ଆସିକା ବିଧାୟକ

**ଆସିକା,(ମହାଭାରତ) :** ସାର ଦେଶରେ ଆଜି ସ୍ୱୟଂ ସହାୟକ ଗୋଷ୍ଠୀ ର ଲକ୍ଷପତି ମହିଳା ମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ର ର ଜଲଗା ଠାରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ପରିପେକ୍ଷୀରେ ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଙ୍କ ଭରଚୁଆଲ ମୋଡରେ ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରିବା କାର୍ଯ୍ୟକ୍ରମ କୁ ପ୍ରଦର୍ଶିତ କରିବା ସହିତ ଆଜିକାର ଏହି ଅବସରରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଆସିକା ବ୍ଲକର ପ୍ରତି ପଞ୍ଚାୟତରୁ ସଫଳ ବ୍ୟବସାୟୀ ୭ ଜଣମହିଳା ଏହିପରି ଆସିକା ବ୍ଲକର ୨୦୦ ମହିଳାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଆସିକା ବିଡ଼ିଓ ଫକୀର ଚରଣ ପରିଡା, ଆଲିପୁର ସରପଞ୍ଚ ଜ୍ୟୋତିର୍ମୟୀ ନାହାକ, ଓ ଏଲ ଏମ ଅନିତା ମହାରଣା, ଅଙ୍ଗନବାଡି ବୀପିସି ଚନ୍ଦ୍ର ଶେଖର ବେହେରା ଆସିକା ବ୍ଲକ ର ଏମ୍ବୀକେ, ସି ଆର ପି, ବ୍ୟାଙ୍କ ମିତ୍ର, ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଉପସ୍ଥିତ ଥିଲେ ।



## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

**ହିନ୍ଦୋଳ,(ମହାଭାରତ) :** ହିନ୍ଦୋଳ ଉପଖଣ୍ଡ ଠୋକର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଶିବଶକ୍ତି ପାଣ୍ଡବ ସେନା ଚାରିଟେବୁଲ ଟ୍ରଷ୍ଟ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ପ୍ରଚେଷ୍ଟାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଅଛି। ଉକ୍ତ ଶିବିର କୁ ପ୍ରଥମେ ଠୋକର ଗ୍ରାମପଞ୍ଚାୟତ ସରପଞ୍ଚ ରୋଜିତା ମାଝୀ ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ଅନୁଷ୍ଠିତ ଶିବିରରେ ଢ଼େଙ୍କାନାଳ ଜିଲ୍ଲା ରକ୍ତ ଭଣ୍ଡାରର ଟେକ୍ନିସିୟାନ୍ ପରମାନନ୍ଦ ପଣ୍ଡା, ରାକେଶ ସାହୁ, ଆଟେଣ୍ଡାଣ୍ଟ ବରୁଣ ସାହୁ, ଅଜୟ ସ୍ୱାଇଁ, ତପନ ଜେନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସକ ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ନଗେନ ନାୟକ ଶିବିର କୁ ସୁଚାର ରୁପେ ପରିଚାଳିତ କରିଥିଲେ। ଶିବିର ର ପ୍ରଥମ ରକ୍ତ ଦାତା ବିଶ୍ୱଜିତ୍ ସେଠୀ ଓ ଶେଷ ରକ୍ତ ଦାତା ପ୍ରଶାନ୍ତ



କୁମାର ଜେନାମଣି। ଅନ୍ୟ ରକ୍ତ ଦାତା ମାନେ ହେଲେ ରନିନ୍ଦ୍ର ସାମଲ, ଅବନି ବେହେରା, ଉପେନ୍ଦ୍ର ବିଶ୍ୱାଳ, ଗୋପବନ୍ଧୁ ବେହେରା, ନଗେନ୍ଦ୍ର ନାୟକ, ଅରୁଣ ସାମଲ, ବିନୋଦ ସାମଲ, ଉମାକାନ୍ତ ସାହୁ, ଶୁଭେନ୍ଦୁ ସାହୁ, ଆଶିଷ ବେହେରା, ବିକାଶ ମଲ୍ଲିକ, ବୁବୁନା ସାମଲ, ଅରବିନ୍ଦ ବେହେରା, ସୌମ୍ୟକାନ୍ତ ସାହୁ, ଦୀନବନ୍ଧୁ ପ୍ରଧାନ, ଅଭିଷେକ କୁମାର, ନିରଞ୍ଜନ ସାହୁ, ରବିନାରାୟଣ ସାହୁ, ମନୋରଞ୍ଜନ ସାହୁ, ଭକ୍ତ ସେନାପତି, ରଘୁନାଥ ଭୂତିଆ, ଶେଷଦେବ ମାଝୀ, ମୁକେଶ ସାମଲ, ଜଗମୋହନ ପଟ୍ଟନାୟକ, ଅଧେଶ୍ୱର ମାଝୀ, ଜିତେନ୍ଦ୍ର ସାମଲ, ବାସୁଦେବ ସେନାପତି, ଜିତେନ ସାହୁ, ବିକ୍ରମ ନାୟକ, ପିଣ୍ଟୁ ମାଝୀ, ବବୁଲ ସାମଲ, ସୁନିଲ ମହାରଣା, ପିଣ୍ଟୁ ବେହେରା, ଚିନ୍ମୟ ନାୟକ, ଅଖିଳ କୁମାର ମାଝୀ, ଦୁଷ୍ମନ୍ତ କୁମାର ସାହୁ, ଦୀପକ ସାହୁ, ଲରେନ୍ ଦେହୁରୀ, ସୁଜାତା ରାଉତ, ଶତ୍ରୁଘ୍ନ ସାମଲ, ଶୁଭ୍ରାଂଶୁ ସୋହେନ, ଶଶିକାନ୍ତ ସାହୁ, ସୁଶାନ୍ତ ମାଝୀ, ସୌମ୍ୟରଞ୍ଜନ ବେହେରା।

## ପ୍ରଧାନମନ୍ତ୍ରୀଙ୍କ ମନକି ବାତ କାର୍ଯ୍ୟକ୍ରମ

**ଅସ୍ତରଙ୍ଗ,(ମହାଭାରତ) :** ଅସ୍ତରଙ୍ଗ ବ୍ଲକ ସବୁଜଶାଖା ଆନୁକୂଲ୍ୟରେ ରେ ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତା ଦିବାକର ଛାଟୋଇଙ୍କ ନେତୃତ୍ୱ ରେ ପ୍ରଧାନମନ୍ତ୍ରୀଙ୍କ ମନକିବାତ କାର୍ଯ୍ୟକ୍ରମ ସିଧା ପ୍ରସାରଣ ମାଧମ ରେ ଅନୁଷ୍ଠିତ ହୋଇଯାଇଛି, ମାନ୍ୟବର ପ୍ରଧାନମନ୍ତ୍ରୀ ମା କି ନାମ ପେଡ, ପ୍ରତ୍ୟକ ମହିଳା ପରିବେଶ ସରଂକ୍ଷଣ ପାଇଁ ଗୋଟେ ଗୋଟେ ଗଛ ଲଗାଇବାକୁ ଆହ୍ୱାନ ଦେଇଛନ୍ତି, ତା ସହିତ ଶିଶୁ ମାନଙ୍କ ଉତ୍ତମ ବିକାଶ ପାଇଁ ପୋଷଣ ଖାଦ୍ୟକୁ ମୁଖ୍ୟ ଖାଦ୍ୟ ରୂପେ ଦେବା ପାଇଁ ପରାମର୍ଶ କରିବା ସହିତ ଭାରତୀୟ ସଂସ୍କୃତି ର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ପାଇଁ ପରାମର୍ଶ ଦେଇଛନ୍ତି, ଏହି କାର୍ଯ୍ୟକ୍ରମରେ ବିଜେପି ୧ନମ୍ବର ଜୋନ ମଣ୍ଡଳ ସଭାପତି ପ୍ରଭାକର ନାୟକ, ୨ନମ୍ବର ମଣ୍ଡଳ ସଭାପତି ଗାଲେଖ ପ୍ରଧାନ, ବରିଷ୍ଠ ସମାଜସେବୀ କେଳୁ ଚରଣ ଓଝା, ଅନ୍ୟ ମାନଙ୍କ ମଧ ରେ ବଂଶୀଧର ବିଶ୍ୱାଳ, ପ୍ରଶାନ୍ତ ନାୟକ, ପ୍ରସନ୍ନ ବାରିକ, ଉପେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।





# ମହାଭାରତ ଅଞ୍ଚଳ କଥା



ଆପଣା ମାଟିର କଥା ଓ ବ୍ୟଥା




### ଖୋର୍ଦ୍ଧା-ବଲାଙ୍ଗିର ରେଳ ପଥର ନୟାଗଡ଼ ଦଶପଲ୍ଲାରେ

## ବ୍ରେକ୍ ଥ୍ରୋ ହେଲା ୮୦୦ ମିଟର ରେଲୱେ ଟନେଲ୍

**ଦଶପଲ୍ଲା,(ମହାଭାରତ) :** ଖୋର୍ଦ୍ଧା-ବଲାଙ୍ଗୀର ରେଳ ସଂଯୋଗରେ ରେଲୱେ ବିଭାଗ କୁ ମିଳିଛି ଆଉ ଏକ ସଫଳତା। ବୌଦ୍ଧ ପରେ ନୟାଗଡ଼ ଦଶପଲ୍ଲା ଷ୍ଟେସନ ନିକଟରେ ପ୍ରଥମ ଟନେଲର ବ୍ରେକ୍ ଥ୍ରୋ ହୋଇଛି। ଦଶପଲ୍ଲା ରୁ ବାଣୀଗୋଛାକୁ ସଂଯୋଗ କରୁଥିବା ପ୍ରଥମ ଟନେଲ ୮୦୦ ମିଟର ରାସ୍ତାର ବ୍ରେକ୍ ଥ୍ରୋ ହୋଇଛି। ରେଳ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ପ୍ରଥମ ଟନେଲର ବ୍ରେକ୍ ଥ୍ରୋ ହୋଇଛି। ସାତ ମାସ ମଧ୍ୟରେ ଟନେଲ କାର୍ଯ୍ୟ ୯୫% ପ୍ରତିଶତ ଶେଷ ହୋଇଥିବା ରୁ ଉତ୍ସାହିତ ହୋଇଛନ୍ତି ଟନେଲ କାର୍ଯ୍ୟରେ ନିୟୋଜିତ ଇଞ୍ଜିନିୟର, ଶ୍ରମିକ ଏବଂ ରେଳ ବିଭାଗର ଅଧିକାରୀ। ୨୦୨୬ ସୁଦ୍ଧା ଦଶପଲ୍ଲା ରୁ ବାଣୀଗୋଛାକୁ ସଂଯୋଗ କରୁଥିବା ଟ୍ରେନ ଲାଇନ୍‌ର ତିନୋଟି ଯାକ ଟନେଲ କାମ ଶେଷ ହେବା ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି। ଦଶପଲ୍ଲା ଷ୍ଟେସନ ନିକଟରେ ଥିବା ପ୍ରଥମ ଟନେଲ୍ ନିର୍ମାଣ କାର୍ଯ୍ୟ ୯୫% ପ୍ରତିଶତ ଶେଷ ହୋଇଥିବାରୁ ଅନ୍ୟ ଦୁଇଟି ଟନେଲର କାମ ଦୃତ ଗତିରେ ଚାଲିଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି। ରେଳ ବିଭାଗ ପକ୍ଷରୁ କୁହାଯାଇଛି ଦଶପଲ୍ଲାରୁ ବାଣିଗୋଛା ମଧ୍ୟରେ ରହିଛି ୩ ଟନେଲ। କେନ୍ଦ୍ର ଓ ରାଜ୍ୟ





ସରକାରଙ୍କ ସହଯୋଗରେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ହେବାରେ ଆଗେଇ ଚାଲିଛି। ଏଥିପାଇଁ କୋଟିକୋଟି ଟଙ୍କା ବ୍ୟୟବରାଦ ହେଉଛି। ଆସନ୍ତା ୨୦୨୬ ଡିସେମ୍ବର ସୁଦ୍ଧା ଏହି ରେଳପଥ ଖୋର୍ଦ୍ଧା ରୋଡ଼ ଠାରୁ ବଲାଙ୍ଗୀରକୁ ସ୍ୱାଭାବିକଭାବେ ହେବାନେଇ ଘୋଷଣା ରେଳ ବିଭାଗ ପକ୍ଷରୁ କରାଯାଇଛି। ଗୋଟିଏ ପଟେ ରେଳ ପ୍ରକଳ୍ପ କାର୍ଯ୍ୟ ଯଦିଓ ଦ୍ରୁତ ବେଗରେ ଆଗେଇ ଚାଲିଛି ଏଥିରେ ପ୍ରତିବନ୍ଧକ ସାଜିଛି ଟନେଲ ନିର୍ମାଣ କାର୍ଯ୍ୟ। କାରଣ ଦଶପଲ୍ଲାରୁ ବାଣୀଗୋଛା ମଧ୍ୟରେ ଜଙ୍ଗଲ ସହ ବଡ ବଡ ପାହାଡ଼ ରହିଥିବାରୁ ଟନେଲ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଖୋର୍ଦ୍ଧା ରୋଡ୍ ଠାରୁ ଦଶପଲ୍ଲା ମଧ୍ୟରେ କୌଣସି ଟନେଲ୍ ନଥିବା ହେତୁ ଚଳିତ ବର୍ଷ ଜାନୁଆରି ୬ ତାରିଖ ଦିନ ଦଶପଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ଯାହାକି ଦଶପଲ୍ଲା ଠାରୁ ଦୈନିକ ରେଳ ଚଳାଚଳ ସ୍ୱାଭାବକ ରହିଛି। ଏହା ମଧ୍ୟରେ ନୟାଗଡ଼ ଦଶପଲ୍ଲା ରୁ ବୌଦ୍ଧ ପୁରୁଣା କଟକ ୭୫ କିଲୋମିଟର ମଧ୍ୟରେ ମୋଟ ୭ଟି ଟନେଲ୍ ନିର୍ମାଣ ହେଉଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଠାରୁ ବାଣିଗୋଛା ମଧ୍ୟରେ ୩ଟି ଟନେଲ୍ ରହିଛି। ସର୍ବାଧିକ ଲମ୍ୱ ଥିବା ଟନେଲ୍ ବୌଦ୍ଧର ଆଡ଼େଣିଗଡ଼ ଠାରେ ପ୍ରାୟ ୪ କିମିରୁ ଉର୍ଦ୍ଧ ରହିଛି। ଏହା ମଧ୍ୟରେ ଦଶପଲ୍ଲା ଠାରୁ ବାଣିଗୋଛା ମଧ୍ୟରେ ରହିଥିବା ୩ଟି ଟନେଲ୍ ମଧ୍ୟରେ ପ୍ରଥମ ଟନେଲଟି ୮ ଶହ ମିଟର ରହିଥିବା ବେଳେ ଏହାର ଅନତି ଦୂରରେ ରହିଥିବା ଦ୍ୱିତୀୟ ଟନେଲ୍‌ର ଲମ୍ୱ ୧୭୭୫ ମିଟର ରହିଛି। ସେହିଭଳି ବାଣିଗୋଛା ନିକଟରେ ରହିଥିବା ତୃତୀୟ ଟନେଲର ଲମ୍ୱ ୨୬୨୦ ମିଟର ରହିଛି। ପ୍ରଥମ ଟନେଲ କାମ ସାତ ମାସ ମଧ୍ୟରେ ବ୍ରେକ୍ ଥ୍ରୋ ହୋଇଥିବାରୁ ଅନ୍ୟ ଦୁଇଟି ଟନେଲ ନିର୍ମାଣ କାର୍ଯ୍ୟ ରେ କାରିଗର ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବା ପାଇଁ ମିଳିଛି। ଦଶପଲ୍ଲା ରୁ ବାଣୀଗୋଛା ପର୍ଯ୍ୟନ୍ତ ରହିଥିବା ୩ଟି ଟନେଲ ନିର୍ମାଣ ପାଇଁ ୨୦୨୩ ଜୁନ ୯ ତାରିଖ ଦିନ ଟେଣ୍ଡର୍ ହୋଇଥିବା ବେଳେ ଏହାକୁ ପୂର୍ଣ୍ଣାଙ୍ଗ ବା ଶେଷ କରିବା ପାଇଁ ୨୬ ମାସ ସମୟସୀମା ରହିଛି। ୩ ଟି ଯାକ ଟନେଲ କାର୍ଯ୍ୟ ଶେଷ ହେବାକୁ ପ୍ରାୟ ଆଉ ଦୁଇ ବର୍ଷ ସମୟ ଲାଗିଯିବ ବୋଲି କର୍ମଚାରୀ ମାନେ କହିଛନ୍ତି।

## ଆନନ୍ଦପୁର ବିଧାୟକଙ୍କ ଦ୍ୱାରା ପ୍ରଶ୍ନକୁ ଅଞ୍ଚଳରେ ସ୍ୱାଗତ

ହାଟଡିହି ବ୍ଲକ ଅନ୍ତର୍ଗତ ଇଞ୍ଚୋଳ ପଞ୍ଚାୟତ ରୁ ନବ ନିର୍ବାଚିତ ବିଧାୟକ ଅଭିମନ୍ୟୁ ସେଠୀ ପୂର୍ବରୁ କେବେ ବିଧାନସଭା କୁ ଯାଇନଥିଲେ। କିନ୍ତୁ ନୂଆ କରି ବିଧାୟକ ହେବା ପରେ ଅଭିମନ୍ୟୁ ଅଞ୍ଚଳ ରେ ରେଳ ସଂଯୋଗ କରଣ ପାଇଁ ପ୍ରଶ୍ନ କରିଥିବା ବେଳେ ଆନନ୍ଦପୁର କଲେଜ କୁ ୟୁନିଭରସିଟି ମାନ୍ୟତା ଓ



ବୈତରଣୀ ନଦୀର ମୁକ୍ତ ବାମ ପାର୍ଶ୍ୱରେ ମୁକ୍ତ ଥିବା ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପ୍ରଶ୍ନ କରିଥିଲେ। ଯାହାକୁ ନେଇ ବିଭାଗିୟ ଅଧିକାରୀ ମାନେ ମଧ୍ୟ ପ୍ରଶ୍ନ ର ଉତ୍ତର ରଖି ତୁରନ୍ତ ସମାଧାନ ହେବ ବୋଲି ସୂଚନା ଦେଇଛନ୍ତି। ଯାହାକୁ ନେଇ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଅଭିମନ୍ୟୁ ସେଠୀ ଙ୍କ ପ୍ରଶ୍ନ କୁ ନେଇ ଅଞ୍ଚଳ ବାସୀ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

## ମହରାପଦରରେ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ପାଟଣାଗଡ଼(ମହାଭାରତ )** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ମହରାପଦର ଉଚ୍ଚ ବିଦ୍ୟାଳୟ ର ଏନାର୍ଜି କ୍ଲବ ତରଫରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତା ରେ ପରିବେଶ ସୁରକ୍ଷା ଶୋଭାଯାତ୍ରା ସହ ଏକ ପେଡ ମାଁ କେ ନାମ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନବକିଶୋର ନନ୍ଦ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପ୍ରଥମ ଛାତ୍ରୀ ଛାତ୍ର ଙ୍କ ଦ୍ୱାରା ପ୍ଲାଇ କାର୍ଡ ଧରି ବେଳେ ଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଏହି ଅବସରରେ ଶିକ୍ଷକ ଉମାକାନ୍ତ ମାଝୀ,




ଖିରସିନ୍ଧୁ ବେହେରା, କୃପାସିନ୍ଧୁ ସାହା ଓ କିଶୋର କୁମାର ବେହେରା ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ଉପରେ ଆଲୋକପାତ କରିଥିଲେ। ପରେ ଖେଳପଡିଆ ନିକଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ଧରୁଆ, ଅଙ୍କୁର ଚାନ୍ଦ, କଳ୍ପନା ଭୋଇ, ସୁଷମା ଚିରାଗୁଲ, ସୀତା ନିଆଳ, ଯଶୋ ବନ୍ତି ଧରୁଆ, ପ୍ରେମଶିଳା ପୁଟେଲ ପ୍ରମୁଖ ସମେତ ଅବିଭାବିକା ଓ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।

## ଟାୟାରଫାଟି ଶିଶୁ ଶ୍ରମିକ ଗୁରୁତର



**ଯୋଡା,(ମହାଭାରତ) :** ଯୋଡା ସ୍ଥିତ ୫୨୦ ନଂ ଜାତୀୟ ରାଜପଥର କଳାପାହାଡ ଛକ ନିକଟରେ ଏକ ଟାୟାର ମରାମତି ଦୋକାନରେ ଜଣେ ଶିଶୁ ଶ୍ରମିକ ଟାୟାରରେ ପବନ ଭରୁଥିବା ସମୟରେ ହଠାତ୍ ଟାୟାରଟି ଫାଟିଯିବାରୁ ଟାୟାରଟି ଆସି ଶିଶୁଟିର ମୁଣ୍ଡରେ ବାଜିଥିଲା । ଫଳରେ ମୁଣ୍ଡରେ ଗଭୀର କ୍ଷତ ହେବାରୁ ତାକୁ ତୁରନ୍ତ ଏକ ଘରୋଇ ଡାକ୍ତଖାନାକୁ ଅଣାଯାଇ କ୍ଷତସ୍ଥାନର ସିଲେଇପରେ ଘଟଣା ପ୍ରଘଟ ହେବା ଭୟରେ ତରବରିଆଭାବେ ଘରକୁ ନେଇ ଆସିଥିଲେ । ସେଠାରେ ଏକ ଅନଭିଜ୍ଞ କ୍ୱାକ୍ ସହାୟତାରେ ଶିଶୁଟିର ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଥିଲା । ଶିଶୁଟିର ନାମ ଏମ୍ଡି ଖୁସନୂର । ସେ ଯୋଡା ହିନ୍ଦି ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ବୋଲି ଜଣା ପଡିଛି । ରବିବାର ଛୁଟି ଥିବାରୁ ଶିଶୁଟିର ପିତା ତାକୁ କାମରେ ଲଗେଇ ଦେଇ କେଉଁଆଡେ ଯାଇଥିଲେ । ଟାୟାରଟି ଫାଟିବା ସମୟରେ ଶିଶୁ ଶ୍ରମିକ ସମେତ ଜଣେ ଟ୍ରକ ଚାଳକ ମଧ୍ୟ ଆହାତ ହୋଇଥିବା ଜଣାପଡିଛି । ତେବେ ଟାୟାରଟି ଫାଟିବା ସମୟରେ ଏହାର ଶବ୍ଦରେ ସେଠାରେ ଅନେକ ଲୋକ ରୁଣ୍ଡ ହୋଇପଡିଥିଲେ । ଏଠାରେ ସୂଚନାଯୋଗ୍ୟ, ଯୋଡାର ଅନେକ ସ୍ଥାନରେ ଶିଶୁମାନଙ୍କୁ ଟାୟାର ମରାମତି, ବଡ ଗ୍ୟାସ ସିଲିଣ୍ଡରରୁ ଛୋଟ ସିଲିଣ୍ଡରକୁ ଗ୍ୟାସ ଭରିବା, ରାଜମିସ୍ତ୍ରୀ ପାଖାରେ ସହାୟକ କାମ କରିବା ଏପରିକି ଅଟୋ ଚଳାଇବା ଭଳି ବିପଦ ପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କାରାଯାଉଛି । କିଛିଦିନ ପୁର୍ବରୁ ଯୋଡା ବଜାରରେ ଏକ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଫାଟି ଯିବାରୁ ୨ଜଣ ଶିଶୁ ଜଳିଯାଇଥିଲେ । ତଥାପି ଶିଶୁ ଶ୍ରମିକ ପ୍ରଥା ଯୋଡା ଅଞ୍ଚଳରେ ବନ୍ଦକରିବାରେ ପ୍ରଶାସନ ବିଫଳ ହୋଇଥିବା ଦେଖିବାକୁ ମିଳୁଛି ।

## ସୁନା ଚୋରୀ ଘଟଣାରେ ୨ ଗିରଫ

**ଯୋଡା,(ମହାଭାରତ) :** ଗତ ବୁଧବାର ବିଳମ୍ବିତ ରାତିରେ ଯୋଡା ଥାନା ଅନ୍ତର୍ଗତ ଟାଟା କମ୍ପାନିଙ୍କ ସିଗ୍ରିଗେସନ ଫ୍ଲାଟ ନଂ ଜେ-୧୧ରେ ଘରର କବାଟ ଭାଙ୍ଗି ସମସ୍ତ ସୁନା ଅଲଙ୍କାର ଚୋରି କରି ନେଇଥିବା ଅଭିଯୋଗରେ ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫକରି ରବିବାର ଦିନ ବିଚାର ବିଭାଗୀୟ ଅଦାଲତକୁ ପଠେଇ ଦେଇଥିବା ଜଣାପଡିଛି । ଏହି ଘଟଣାଟିରେ ଅନ୍ୟ ଅଭିଯୁକ୍ତମାନେ ଏବେ ମଧ୍ୟ ଫେରାରଥିବା ପୁଲିସ ସୂତ୍ରରୁ ଜଣାପଡିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବନେଇକଳା ନେପାଳି ହାଟିଂ ଅଞ୍ଚଳର ରୂପେଶ ନାଏକ ଓରଫ ଟିକଲି(୨୦) ଓ ୮ନଂ ୱାର୍ଡ ପାତ୍ର ବସ୍ତିର ବିକାଶ ପାତ୍ର(୨୨)। ସେମାନଙ୍କ ନାମରେ କେଶ ନଂ ୨୪୦/୨୪ ରେ ଏକ ଡକାୟତି ମାମଲା ରୁଜୁ ହୋଇଛି । ପୁଲିସ ଅଭିଯୁକ୍ତ ମାନଙ୍କୁ ନେଇ ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ୍



କରାଇ ସମସ୍ତ ତଥ୍ୟ ସଂଗ୍ରହ କରିଛି । ପୁଲିସ ସୂଚନା ମୁତାବକ, ରାମଚନ୍ଦ୍ରପୁର ଥାନା, ନୂଆଗାଁ ଅଞ୍ଚଳର ସତ୍ୟଜିତ ସୁବୁଦ୍ଧି ନାମକ ଜଣେ ବ୍ୟକ୍ତି ଟାଟା କମ୍ପାନିଙ୍କ ଖଣ୍ଡବନ୍ଧ ଖଣିରେ କାର୍ଯ୍ୟ କରନ୍ତି । ସେ ଗତ୧୮ ତାରିଖରେ ନିଜ ଗାଁକୁ ପରିବାର ନେଇ ଯାଇଥିବାବେଳେ ଘରେ ତାଙ୍କର ସାନଭାଇ ବିଶ୍ୱଜିତଙ୍କୁ ଛାଡି ଯାଇଥିଲେ । ତେବେ ବିଶ୍ୱଜିତଙ୍କର ହଠାତ୍ ଦେହ ଖରାପ ହେବାରୁ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏହାରି ସୁଯୋଗରେ ଚୋରମାନେ ତାଙ୍କ ଘରେ ପଶି କଳାକନା ବୁଲେଇଦେଇଥିଲେ । ଏତଲା ମୁତାବକ ଚୋରମାନେ ତାଙ୍କ ଘରୁ ଗୋଟିଏ ସୁନା ହାର, ସୁନା ଚେନ୍, ୧୨ଟି ସୁନା ମୁଦି, ୪ହଳ କାନଫୁଲ, କିଛି ରୂପା ଗହଣା ନେଇ ଚମ୍ପଟ ମାରିଥିଲେ । ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱର୍ ହେବ ବୋଲି ଜଣାପଡିଛି । ଘଟଣା ପରଠାରୁ ପୁଲିସ ସିସିଟିଭି ଫୁଟେଜ ଆଧାରରେ ଚୋରମାନଙ୍କର ସନ୍ଧାନ ଜାରିରଖି ବିଭିନ୍ନ ସ୍ଥାନରେ ଚଢାଉକରି ରବିବାର ଯୋଡା ବସଷ୍ଟାଣ୍ଡ ନିକଟରୁ ସେମାନଙ୍କୁ ଗିରଫ କରିଥିଲା । ସେମାନଙ୍କଠାରୁ ଗୋଟିଏ ସୁନାମୁଦି ଜବତ୍ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନେ ଧରାପଡିଲେ ସମସ୍ତ ଚୋରି ସାମଗ୍ରୀ ଜବତ ହୋଇ ପାରିବ । ରୁପେଶ ନାମରେ ଯୋଡା ଥାନାରେ ୧୦ରୁ ଅଧିକ ଡକାୟତି ମାମଲା ରହିଥିବା ବେଳେ ଅନ୍ୟ ଥାନା ଗୁଡିକରେ ମଧ୍ୟ ଅନେକ ମାମଲା ରହିଛିବୋଲି ଥାନା ଅଧିକାରୀ ଲୋକେଶ ସାହୁ ସୂଚନା ଦେଇଛନ୍ତି ।

## ଚୋରା ମଦ ଚଢ଼ଉ, ୪୫୦୦ ଲିଟର ପୋଚ ସହ ୧୫୦ ଲିଟର ଦେଶୀ ମଦ ଜବତ

**ଆର୍ସିକା, (ମହାଭାରତ) :** ଚିକିଟି ମଦ ମୃତ୍ୟୁ ପରେ ଆସିକା ଅବକାରୀ ବିଭାଗ



ଚୋରା ମଦ କାରବାର ହେଉଥିବା ସ୍ଥାନରେ ଚଢ଼ାଉ ଜାରି ରଖିଛି କ୍ଷଆଜି ସକାଳୁ ସକାଳୁ ଏକ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ବାଲିସିରା ନିକଟ ଏକ ନିକଞ୍ଚନ ପାହାଡ଼ ପାଦଦେଶରେ ଅଚାନକ ଚଢ଼ାଉ କରି ସେଠାରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ୪୫୦୦ ଲିଟର ପୋଚ, ୧୫୦ ଲିଟର ଦେଶୀ ମଦ ଜବତ କରିବା ସହ ଦେଶୀ ମଦ ପ୍ରସ୍ତୁତ ସାମଗ୍ରୀ ଜବତ କରିଛି । ଅବକାରୀ ଚଢ଼ଉର ଖବର ପାଇ ଘଟଣା ସ୍ଥଳରୁ ଚୋରା ମଦ ମାଫିଆ ମାନେ ଭୟରେ ରନ୍ଧା ଭାଟିକୁ ଛାଡି ଯଦିଓ ସେମାନେ ଭୟରେ ଛାତ୍ର ଭଙ୍ଗ ଦେଇଥିଲେ। କିନ୍ତୁ ସେମାନଙ୍କ ହାତରେ ନାନା ଦି ମାରଣାସ୍ତ୍ର ଧରିଥିବା ଦେଖି ଅବକାରୀ କର୍ମଚାରୀ ଦେଖି ଭୟ ପ୍ରକାଶ କରିବା କହିଛନ୍ତି। ମଦ ପ୍ରସ୍ତୁତ ସାମଗ୍ରୀ ଜବତ ହେଲେ ମଧ୍ୟ କେହି ଗିରଫ ହୋଇ ନଥିବା ଜଣା ପଡ଼ିଛି।

## ଜିଲ୍ଲା ଲକ୍ଷ ପତି ଦିଦି ସମ୍ମିଳନୀ

**କଳାହାଣ୍ଡି,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ର ସମ୍ମିଳନୀ ଗୃହ ଠାରେ ବ୍ଲକ ସ୍ତରୀୟ ' ପ୍ରଧାନ ମନ୍ତ୍ରୀ ଲକ୍ଷପତି ଦିଦି ସମ୍ମେଳନ ' ସମାରୋହ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇ ଯାଇଅଛି।



ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଭବାନୀପାଟଣା,ଶ୍ରୀ ଚନ୍ଦନ କୁମାର ଭୋଇ,( ଓଏସ)କାର୍ଯ୍ୟ କ୍ରମରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ. ଏହି ସମାରୋହ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, ଲୋକସଭା ମହୋଦୟା, ଶ୍ରୀମତୀ ମାଳବିକା ଦେବୀ, ଯୋଗ ଦେଇଥିଲେ. ସମ୍ମାନିତ ଅତିଥି ଭାବେ ଅଧକ୍ଷ ଜିଲ୍ଲା ପରିଷଦ, କଳାହାଣ୍ଡି, ଶ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ତନ୍ମୟ ଦରୱାନ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ପରିଚାଳକ , ଓଡିଶା ଜୀବିକା ମିଶନ, ଶ୍ରୀ ଚନ୍ଦନ କୁମାର ବେହେରା ଙ୍କ ସମେତ ଭବାନୀପାଟଣା ବ୍ଲକ ଅଧକ୍ଷ, ବ୍ଲକ ଉପାଧକ୍ଷା, ଜିଲ୍ଲା ପରିଷଦ ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟ କ୍ରମରେ ସମ୍ମାନନୀୟା ସାଂସଦ ଲୋକ ସଭା ମହୋଦୟା ମହିଳା ମାନଙ୍କୁ ଅଧିକ ରୁ ଅଧିକ ରୋଜଗାର କ୍ଷମ ହେବ ନିମନ୍ତେ ପ୍ରବାର୍ତ୍ତାଇ ଥିଲେ ଏବଂ ଏଥି ନିମନ୍ତେ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ସେ ସବୁ ବେଳେ ତତ୍ପର ବୋଲି ଜଣାଇଦେଇଥିଲେ. ଶ୍ରୀମତୀ ପଙ୍କଜିନୀ ତାରାସିଆ , ବ୍ଲକ ପ୍ରକଳ୍ପ ପରିଚାଳିକା, ଓଡିଶା ଜୀବିକା ମିଶନ, ଭବାନୀପାଟଣା, ମଞ୍ଚରେ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଏବଂ ଶ୍ରୀମତୀ ସୋନାଲିଶା ମୁଣ୍ଡ, ବି.ଏ ଲ. ସି ତାଙ୍କୁ ସହଯୋଗ କରିଥିଲେ। ଜାଲେଗାଁ ଠାରୁ ସମ୍ମାନନୀୟ ପ୍ରଧାନ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରା ସିଧାପ୍ରସାରଣ ସମସ୍ତେ ଦେଖିଥିଲେ. ପରିଶେଷରେ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ୬୦୯ ଲକ୍ଷ ପତି ଦିଦି ଏବଂ ୧୦୪ ସି. ଆର. ପି.-ସି. ଏମ. ଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଭବାନୀପାଟଣା ଅନ୍ତର୍ଗତ ସମସ୍ତ ଜି.ପି.ଏଲ୍.ଏଫ୍. ର ସଭାନେତ୍ରୀ, ଏମ. ବି. କେ. ସଭା ରେ ଉପସ୍ଥିତ ରହି ଲକ୍ଷ ପତି ଦିଦି ଙ୍କୁ ଉତ୍ସାହିତ କରିଥିଲେ।

## ଅବକାରୀ ଧରପଗଡ଼,୩୫ ଲିଟର ଦେଶୀ ମହୁଲି ମଦ ଜବତ

**ବିଷମ କଟକ,(ମହାଭାରତ) :** ରାୟଗଡାର ଜିଲ୍ଲାର ଜିଲ୍ଲାପାଳ ପାରୁଲ ପାଟୱାରୀ ମହାଶୟା ଏବଂ ରାୟଗଡା ଅବକାରୀ ଅଧିକ୍ଷକ ଶ୍ରୀ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡା ଅବକାରୀ ଉପ ଅଧିକ୍ଷକ ଶ୍ରୀ ଗୁପ୍ତେଶ୍ୱର ପ୍ରଧାନ ଓ ଅବକାରୀ ନିରୀକ୍ଷକ ଶ୍ରୀମତି ପ୍ରିତିଧାରା ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅଗଷ୍ଟ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ମୁନିଗୁଡ଼ା ଅବକାରୀ ଉପ - ନିରୀକ୍ଷକ ଶ୍ରୀ ପଙ୍କଜ କୁମାର ନାଏକ ଓ କର୍ମଚାରୀ ମାନେ ଚଡାଉ କରି ପାଞ୍ଚ ଗୋଟି ଅବକାରୀ ମାକୋଦ୍ଦମା ରୁଜୁ କରି ତିନିଗୋଟି ପୁରୁଷଙ୍କ ଠାରୁ ମୋଟ ୩୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି ଏବଂ ସମସ୍ତ ମୁଦାଲାଙ୍କୁ କୋର୍ଟ ଚାଲାଣ କରାଯାଇଛି । ମୁଦାଲା ମାନେ ହେଲେ ଖଳିଆଗୁଡ଼କ୍ଷ ଗ୍ରାମର ସନ୍ତୋଷ ନାଗ(୩୨), ସୂର୍ଯ୍ୟ କୁମାର(୨୪) ଏବଂ



ମାଦପଦର୍ ଗ୍ରାମ ର ଶଙ୍କର କୁତ୍ରଉକା (୬୦)। ଏହି ସ୍ପେସିଆଲ ରେଡ୍ ଟା ମୁଖ୍ୟତଃ ମୁନିଗୁଡ଼ା ଥାନା ଓ ଆମ୍ବଡୋଳା ଥାନା ଅର୍ନ୍ତଗତ ଗ୍ରାମ ଆରୀୟ ରେ କରା ଯାଇଛି। ଖୋଲା ସ୍ଥାନ ରେ ମୋଟ୍ ୩୬୫ ଲିଟର ଦେଶୀ ହାତ ରନ୍ଧା ମହୁଲ ମଦ ଓ ୨୦୫୦ ଲିଟର ମହୁଲ ପୋଚ ବିଭିନ୍ନ ଜାଗାରୁ ଯଥା ଝିଗିଡି,ସରମ୍ବି, ଗୁଛା ପଡ଼ା ଗ୍ରାମ ପାଖରୁ ଜବତ କରି ଘଟଣା ସ୍ଥଳ ରେ ନଷ୍ଟ କରାଗଲା ଏହି ଚଢ଼ାଉ ରେ ଅଂଶଗ୍ରହଣ କରିଥିଲେ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥା ର ଅବକାରୀ ଅବକାରୀ ଉପ ନିରୀକ୍ଷକ ଦିନେଶ କୁମାର ଏ. ଏସ୍. ଆଇ. କେ ଭାସ୍କର, ଘନଶ୍ୟାମ ବେହେରା ଏବଂ ଅନ୍ୟାନ୍ୟ ଷ୍ଟାଫ୍ ସାମିଲ ଥିଲେ।

## ବିଧାୟକଙ୍କ ଦ୍ୱାରା, ମିଶନ ତାଳ ହେଲା ରୋପଣ





**କପ୍ତିପଦା,(ମହାଭାରତ) :** ସବୁଜ ସୁନ୍ଦର ଧରଣୀର ସବୁଜିମାକୁ ପୁନରଜୀବିତ କରିବା ତଥା ବିଲୁପ୍ତ ପ୍ରାୟ ଜୀବ ଜନ୍ତୁ ଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ, ତନ୍ମଧ୍ୟରୁ ଏବେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ତାଳ ଟାଙ୍କୁଆ ଲଗାଇ ଧରଣୀକୁ ସବୁଜ ସୁନ୍ଦର କରାଇବା ସହ ପ୍ରାକୃତିକ ବିପର୍ଯ୍ୟୟ ବଜ୍ରାଘାତରୁ ରକ୍ଷା କରିବା ପାଇଁ ବିଭିନ୍ନ ସ୍ଥାନରେ ତାଳ ଟାଙ୍କୁଆ ରୋପଣ ପାଇଁ ଜନ ସାଧାରଣଙ୍କୁ ଉତ୍ସାହିତ କରୁଛନ୍ତି, ନୂତନ ସରକାରଙ୍କ ମୟୁରଭଞ୍ଜ ଜିଲ୍ଲା ଉଦଳା ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ ପୂର୍ବରୁ ଅଂଚଳର ବିଭିନ୍ନ ଜନ ମଙ୍ଗଳ କାଯ୍ୟକ୍ରମରେ ନିଜକୁ ସାମିଲ କରି ଲୋକଙ୍କୁ ଉତ୍ସାହିତ କରୁଥିବା ବେଳେ, ଆଜି ପୁଣି ଅଂଚଳରେ ତାଳ ଟାଙ୍କୁଆ ରୋପଣ କରି ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି, ସର୍ବ ପ୍ରଥମେ ବିଧାୟକ ଭାସ୍କର ମଢେଇଙ୍କ କର କୋମଳରେ ଉଦଳା ସାରଥୀ ପରିବାର ତରଫରୁ ଶିକ୍ଷକ, ହିରଣ୍ୟ କୁମାର ପ୍ରଧାନ,ସନ୍ତୋଷ କୁମାର ସାହୁ, ବିମଲ କୁମାର ମାଇତି (ବାରିପଦା), ମକୁରୁ ବେହେରା, ସର୍ବେଶ୍ୱର ବେହେରା, ସ୍ଥାନୀୟ ୱାର୍ଡ ମେମ୍ବର, ସମିତି ସଭ୍ୟ,ସରଥୀ ଶ୍ରଦ୍ଧାଳୁଙ୍କ ସହଯୋଗରେ ଜିରିଡା ନଦୀ କୁଳରେ ଥିବା ଶୈବ ପୀଠ ପରିସରରେ ଏକ ରୁଦ୍ରକ୍ଷ ବୃକ୍ଷ ରୋପଣ ପରେ ଆରମ୍ଭ ହୋଇଥିଲା ତାଳ ଟାଙ୍କୁଆ ରୋପଣ କାର୍ଯ୍ୟକ୍ରମ, ଏହି ପରିପେକ୍ଷୀରେ ଉଦଳାରୁ ରାଢ଼ ରାସ୍ତାର ଉଭୟ ପାର୍ଶ୍ୱରେ ପାଖା ପାଖି ୪ଶହ ତାଳ ବୃକ୍ଷ ରୋପଣ ହୋଇଥିବା ଦେଖିବାକୁ ମିଳିଥିଲା, ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ, ବରିଷ୍ଠ ନେତା ବିଭୁତି ମହାନ୍ତ, ପୂର୍ବତନ କାଉଁନସିଲର ପ୍ରଭାତ ପରିଡା, ପ୍ରମୁଖ ଉପସ୍ଥିତ ଥିବା ବେଳେ, ଏହି ପ୍ରକାର କାର୍ଯ୍ୟକ୍ରମକୁ ଜନ ସାଧାରଣ ସ୍ୱାଗତ କରିଥିଲେ, ଆଗାମୀ ଦିନରେ ଅଂଚଳରେ ହେଉଥିବା ବଜ୍ରପାତକୁ ରୋକା ଯାଇ ପାରିବ ବୋଲି ବିଧାୟକ ପ୍ରକାଶ କରିଥିବା ବେଳେ, ସାରଥୀ ପରିବାର ଉଦଳାର ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ ।

## ପୂର୍ବତନ ମହିଳା ସରପଞ୍ଚଙ୍କ ବିୟୋଗ

**ବେଗୁନିଆ,(ମହାଭାରତ) :** ବେଗୁନିଆ ବ୍ଲକ ବାଘମାରି ପଂଚାୟତର ପୂର୍ବତନ ମହିଳା ସରପଞ୍ଚ ପ୍ରମିଳା ସୁବୁଦ୍ଧିଙ୍କ(୬୫) ବୟସରେ ହୃଦଘାତ ଯୋଗୁଁ ମୃତ୍ୟୁ ବରଣ କରିଛନ୍ତି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଦୟାଳୁ ଓ ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ରହି ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ କମ୍ୟୁନିଷ୍ଟ ନେତା ବସନ୍ତ ପାଇକରାୟଙ୍କ ସମେତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଏକ ମାତ୍ର ପୁତ୍ର କୃଷ୍ଣ ପ୍ରସାଦ ମୁଖାଗ୍ନି ଦେବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

## ଧର୍ମଗଡ ଦେଶୀ ମଦଭାଟି ସ୍ଥାନାନ୍ତରକୁ ନେଇ ତେଜୁଛି ଅସନ୍ତୋଷ !

**କୁନାଗଡ,(ମହାଭାରତ) :** କଳାହାଣ୍ଡି ଜିଲ୍ଲାର ଧର୍ମଗଡ ସହର ଏକ ଶାନ୍ତିପୂର୍ଣ୍ଣ ସହର ଭାବେ ବେଶ ଜଣାଶୁଣା ।ଏହି ଉପଖଣ୍ଡ ସହରରେ ଉପଖଣ୍ଡ ସ୍ତରୀୟ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ସମସ୍ତ କାର୍ଯ୍ୟାଳୟ ରହିଛି। ସହର ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭରଶୀଳ। ଏହି ସହର ବସଷ୍ଟାଣ୍ଡ ଠାରୁ ମାତ୍ର କେଇ ମିଟର ଦୁରତାରେ ଥିବା ଦେଶୀ ମଦଭାଟି ଯୋଗୁଁ ଲୋକେ ବିଭିନ୍ନ ସମୟରେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି ।ଏହି ଭାଟିରୁ ମଦ ନେଇ ସହରର ପ୍ରମୁଖ ସ୍ଥାନ ସହ ପଡା ପଡାରେ କୁଟିଆ ଦୋକାନ ରହିଛି। ମଦ୍ୟପାନ କରି ମଦ୍ୟପ ମାନଙ୍କ ଦୌରାତ୍ମ୍ୟ ଯୋଗୁଁ ଅନେକ ସମୟରେ ନିରୀହ ବାସିନ୍ଦା, ଛାତ୍ରଛାତ୍ରୀ, ମହିଳା ହଇରାଣ ହେଉଛନ୍ତି। ଅନେକ ଲୋକ



ଏହି ଭାଟିରୁ ମଦ ପିଇ କୁଆଡେ କିଡନୀ, ଜଣ୍ଡିସ, ଟିବି ଭଳି ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ହେଉଛି। ମଦଭାଟିରୁ ମାତ୍ର କେଇ ମିଟର ଦୂରରେ ଶିବମନ୍ଦିର, ବିଦ୍ୟାଳୟ ଆଦି ରହିଛି, ହେକେ ଭାଟି ଜନିତ ମଦ୍ୟପଙ୍କ ଦୌରାତ୍ମ୍ୟ, ଗନ୍ଧମୟ ପରିବେଶକୁ ନେଇ ଲୋକେ ତ୍ରାହି ତ୍ରାହି ଡାକିଲେଣି ।ରାଜ୍ୟ ସରକାର ସମ୍ପ୍ରତି ବେଆଇନ ମଦ କାରବାରକୁ ନେଇ ଶକ୍ତ ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ, ଏହି ଭାଟିକୁ ସ୍ଥାନାନ୍ତର ସହ ବେଆଇନ ମଦ କାରବାରକୁ ରୋକିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି ।

# ରେଳ ବିଭାଗ ଏବଂ ନାଗରିକ ମଞ୍ଚର ମିଳିତ ବୈଠକ



**ନୟାଗଡ଼,(ମହାଭାରତ) :** ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନର ମୁଖ୍ୟ ପରିଚାଳକ ଏଚ୍.ଏସ୍ ବାଜ୍ୱାଙ୍କ ଆମନ୍ତ୍ରଣ କ୍ରମେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜଟଣୀସ୍ଥିତ କାର୍ଯ୍ୟାଳୟ ଠାରେ ଭେଟି ନୟାଗଡ଼ ଜିଲ୍ଲା ରେଳ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ଏଥିରେ ନାଗରିକ ମଞ୍ଚର ଚାରିଜଣିଆ ପ୍ରତିନିଧି ଦଳ ଏବଂ ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ । ରେଳ ବିଭାଗ ଆଗାମୀ ଦିନରେ ନୟାଗଡ଼ ଜିଲ୍ଲାରେ ରେଳ ସେବାରେ ବ୍ୟାପକ ସୁଧାର ଆଣିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଖୋର୍ଦ୍ଧା ରେଳ ଡିଭିଜନ ମୁଖ୍ୟ ପରିଚାଳକ ଶ୍ରୀ ବାଜ୍ୱା । ନିଜେ ନୟାଗଡ଼ ଜିଲ୍ଲା ଗସ୍ତରେ ଆସି ବାସ୍ତବ ସ୍ଥିତି ସମୀକ୍ଷା କରିବା ସହିତ ନାଗରିକ ମଞ୍ଚ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ଏବଂ ସମସ୍ୟା ସମ୍ପର୍କରେ ପଦକ୍ଷେପ ତଥା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଛନ୍ତି । ନୟାଗଡ଼ ଟାଉନ ଷ୍ଟେସନରେ କେବଳ ଗୋଟିଏ ମାତ୍ର ଟିକେଟ କାଉଣ୍ଟର ଥିବାରୁ ପ୍ରବଳ ଗହଳି ହେଉଛି । ଯାତ୍ରୀମାନେ ଟିକେଟ୍ କାଟିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଟିକେଟ୍ କାଟିବା ପାଇଁ ଥିବା ଗୋଟିଏ ମାତ୍ର ମେସିନ୍ ରହିଛି । ଏହା ଅନେକ ସମୟରେ ଖରାପ ହେଉଥିବାରୁ ଅଧିକାଂଶ ସମୟରେ ଯାତ୍ରୀମାନେ ବିନା ଟିକେଟରେ ଯାତ୍ରା କରିବାକୁ ବାଧ୍ୟ ହୋଇଥାନ୍ତି । ସେହିପରି ଟିକେଟ କାଉଣ୍ଟର ଛାତରୁ ବର୍ଷା ସମୟରେ ପାଣି ଗଳୁଥିବାରୁ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ତୁରନ୍ତ ଛାତ ମରାମତି କରିବା ସହିତ ଅଧିକ ଟିକେଟ କାଉଣ୍ଟର ଖୋଲିବା ପାଇଁ ନାଗରିକ ମଞ୍ଚ ପକ୍ଷରୁ ଶ୍ରୀ ବାଜ୍ୱାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଖୁବ୍ କମ୍ ଦିନ ମଧ୍ୟରେ ଆଉ ଗୋଟିଏ ଟିକେଟ୍ କାଉଣ୍ଟର ଖୋଲିବ ବୋଲି କହିଥିଲେ । ସେହିପରି ଅନ୍ୟାନ୍ୟ ଦାବି ଗୁଡ଼ିକ ମଧ୍ୟରେ ଦଶପଲ୍ଲା ପୁରୀ ମଧ୍ୟରେ ଚାଲୁଥିବା ପାସେଞ୍ଜର ଟ୍ରେନକୁ ବଦଳାଇ ମେମୁ ଟ୍ରେନ୍ ଚଳାଇବା ତଥା ଯାତ୍ରୀ ସଂଖ୍ୟାବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏବଂ ପୁରୀ ଯାଉଥିବା ଟ୍ରେନ୍ ଗୁଡ଼ିକରେ ବଗି ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ ଖୁବ୍‌ଶୀଘ୍ର ବଗି ସଂଖ୍ୟା ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ନୟାଗଡ଼ରୁ ହାୱଡ଼ା ଏବଂ ବିଶାଖାପଟଣାକୁ ରେଳ ସଂଯୋଗ କରାଯିବା, ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନ୍‌କୁ ପାରାଦୀପ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, କେନ୍ଦୁଝର-ଖୋର୍ଦ୍ଧା ରୋଡ୍ ପାସେଞ୍ଜର ଟ୍ରେନକୁ ନୟାଗଡ଼ ପର୍ଯ୍ୟନ୍ତ ଚଳାଇବା, ଜିଲ୍ଲାବାସୀ କଟକ ବଡ଼ ମେଡିକାଲ୍ ଏବଂ ହାଇକୋର୍ଟ ଆଦି କାର୍ଯ୍ୟରେ ଦୈନିକ ଯା'ଆସ କରୁଥିବା ପରିପ୍ରେକ୍ଷୀରେ ଦଶପଲ୍ଲାରୁ କଟକ ପର୍ଯ୍ୟାପ୍ତ ଏକ ସ୍ୱତନ୍ତ୍ର ଟ୍ରେନ୍ ସାମିଲ୍ କରିବା ଆଦି ଦାବି କରାଯାଇଥିବା ବେଳେ ଏଗୁଡ଼ିକ ରେଳବାଇ ବୋର୍ଡ ଏବଂ ରେଳ ମନ୍ତ୍ରଣାଳୟର ନୀତିଗତ ନିଷ୍ପତ୍ତି ହୋଇଥିବାରୁ ସେ ସବୁକୁ ଧୀରେ ଧୀରେ ପୂରଣ କରାଯିବ ବୋଲି କୁହାଯାଇଥିଲା । ଏହି ଆଲୋଚନା ଚକ୍ରରେ ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ, ଉପଦେଷ୍ଟା ତ୍ରିନାଥ ସାହୁ, ସମ୍ପାଦକ ଲକ୍ଷ୍ମୀଧର ସାହୁ ଏବଂ ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

'ଉନ୍ନୟନ ପୃଥିବୀ ନିର୍ମାଣ ସବୁଜ ଖନନ'

# ୩୩ତମ ଖଣି ଉନ୍ନୟନ ସଚେତନତା କାର୍ଯ୍ୟକ୍ରମ



**ଯୋଡା,(ମହାଭାରତ) :** ୩୩ତମ ଖଣି ଉନ୍ନୟନ ସଚେତନତା କାର୍ଯ୍ୟକ୍ରମ ରବିବାର ଟାଟା ଷ୍ଟିଲ ଯୋଡା ଭ୍ୟାଲି କ୍ଲବରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୨୩ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ହେଲା 'ଉନ୍ନୟନ ପୃଥିବୀ ନିର୍ମାଣ ସବୁଜ ଖନନ'। ଏହା ଛାତ୍ରଛାତ୍ରୀ ମାନଙ୍କର ସୃଜନଶୀଳ ପ୍ରତିଭାକୁ ବିକଶିତ କରିବା ସହ ନୂତନ ଖନନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା । ସୋସାଇଟି ଅଫ ଜିଓ ସାଇଣ୍ଟିଷ୍ଟ ଏଣ୍ଡ ଏଲାଇଡ ଟେକ୍ନୋଲୋଜିଷ୍ଟ (ଏସଜିଏଟି) ଦ୍ୱାରା ଏହି କାର୍ଯ୍ୟକ୍ରମ ପ୍ରତି ବର୍ଷ ଅନୁଷ୍ଠିତ ହୋଇଆସୁଅଛି । ଖଣିଜ ସମ୍ପଦର ପ୍ରଚାର ଓ ପ୍ରସାର ନିମନ୍ତେ ଭୂବିଜ୍ଞାନର ଜ୍ଞାନ କୌଶଳ ଭାରତ ଓ ସ୍ୱତନ୍ତ୍ର ଭାବେ ଓଡିଶାରେ ବିକଶିତ କରିବା ନିମନ୍ତେ ଏସଜିଏଟି ପ୍ରତିଶ୍ରୁତିବଦ୍ଧ ବୋଲି ଆୟୋଜକ ମାନେ ମତବ୍ୟକ୍ତ କରିଛନ୍ତି । ୨୦୨୧-୨୨ ଆର୍ଥିକ ବର୍ଷରେ ସମଗ୍ର ଭାରତ ବର୍ଷର ଖଣିଜ ଉତ୍ପାଦନ କେବଳ ଓଡିଶାରୁ ୪୪.୧୧ ପ୍ରତିଶତ ଉତ୍ପାଦିତ ହୋଇଅଛି । ଓଡିଶାରେ ୯୦% ପ୍ରତିଶତ ଅଣ ଆୟକର ରାଜସ୍ୱ ଆଦାୟ ହୋଇ ରାଜ୍ୟରେ ଚାକିରି ସୃଷ୍ଟି କରିବାରେ ସମର୍ଥ ହୋଇଅଛି ବୋଲି ଆୟୋଜକ ମାନେ ଦାବି କରନ୍ତି । ଏହି ଖଣି ସଚେତନତା କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ସାଧାରଣ ପରିଚାଳକ ଅତୁଲ ଭଟ୍ଟନାଗର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରୁଙ୍ଗଟା ସନ୍ସର ଉପସଭାପତି (ଭୂତତ୍ତ୍ୱ) ଅଭିଜିତ୍ ସେନ ଓ ଖଣି ଉପନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲା ଯୋଗ ଦେଇଥିଲେ । ଶ୍ରୀ ଭଟ୍ଟନାଗର ନିଜ ଅଭିଭାଷଣରେ ଏସଜିଏଟି ର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ଟାଟା ଇସ୍ପାତ ତରଫରୁ କରାଯାଉଥିବା ସବୁଜ ଖନନ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଅଭିଜିତ ସେନ ଛାତ୍ରଛାତ୍ରୀମାନଙ୍କୁ ନିଜର ଶିକ୍ଷାକୁ କ୍ଷେତ୍ର ଅଭିଜ୍ଞତାର ଉପଯୋଗ କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ଶ୍ରୀ ଅଗ୍ରୱାଲ ଯୋଡା ତଥା ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଖଣିଜ ସମ୍ପଦ ସମ୍ପର୍କରେ ଏବଂ ରାଜ୍ୟରେ ଗଠିତ ଜିଲା ଖଣିଜ ପାଣ୍ଠି ର ଅବଦାନ ସମ୍ପର୍କରେ ସମ୍ୟାକ ସୂଚନା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ନିକଟସ୍ଥ ଲୁହା ଓ ମାଙ୍ଗାନିଜ ଖଣି, ଟାଟା ଇସ୍ପାତ ସ୍ପଞ୍ଜ କାରଖାନା ବୁଲି ଦେଖିଥିଲେ । ନିଜର ଲୁକାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ଶିଳା, ଧାତବ ଏବଂ ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ ଚିହ୍ନଟ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଆଇଆଇଟି ଭୁବନେଶ୍ୱର, ଧାନବାଦ, ଖଡଗପୁର, ଏନ୍ଆଇଟି ରାୟପୁର, ରାଉରକେଲା ଏବଂ ଅନ୍ୟାନ୍ୟ ପ୍ରମୁଖ ବିଶ୍ୱବିଦ୍ୟାଳୟ ଯଥା କଲିକତା, ଆଲାହାବାଦ, ଆନ୍ଧ୍ର, ସାତନା, ମଧ୍ୟପ୍ରଦେଶ, କାକତିଆ-କୋଥାଗୁଡାମ, ଆଇଆଇଇଏସଟି ଶିବ୍ପୁର, ଉତ୍କଳ, ସମ୍ବଲପୁର, ରେଭେନ୍ସା, ଫକିରମୋହନ, କେନ୍ଦୁଝର, ବାରିପଦା, ସରାଙ୍ଗ, ସୁନ୍ଦରଗଡ ପ୍ରଭୃତି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରକାଶ ଥାଉକି ଏହି କାର୍ଯ୍ୟକ୍ରମରେ ସୁଦାନର ଏକ ଛାତ୍ରୀ ମାଧ ଅଂଶଗ୍ରହଣ କରିଛନ୍ତି ।ଏହି କାର୍ଯ୍ୟକ୍ରମ ମୂଳତଃ ଏସଜିଏଟି ଏବଂ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ଉଦ୍ୟମରେ ଟାଟା ଷ୍ଟିଲ ସହିତ ରୁଙ୍ଗଟା ଏଣ୍ଡ ସନ୍ସ, ଟାଟା ଷ୍ଟିଲ ସ୍ପଞ୍ଜ ଆଇରନ, ଏସ.ଏନ. ମହାନ୍ତି, ଏମ୍ଏମ୍ ମିନେରାଲ୍ସ, ଏମଜି ମହାନ୍ତି, କେ.ସି. ପ୍ରଧାନ, ଶାରଦା ମାଇନ୍ସ, ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର, ଜଏସ୍ଡବ୍ଲ୍ୟୁ ଷ୍ଟିଲ ଙ୍କର ସହାୟତାରେ କାର୍ଯ୍ୟକ୍ରମ ସଫଳ ରୂପେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଏସଜିଏଟି ର ଆଲୋକ ବିହାରୀ ପାଣିଗ୍ରହୀ (ଉପସଭାପତି), ସୁଜିତ୍ କୁମାର ମହାନ୍ତି (ଉପସଭାପତି), ତ୍ରିଲୋଚନ ମହନ୍ତ (ସାଧାରଣ ସମ୍ପାଦକ), ଜାଦବା ନନ୍ଦ ଦାସ (ସହ ସମ୍ପାଦକ), ଅନୁପ କୁମାର ରାଉତ (କୋଷାଧ୍ୟକ୍ଷ)ଙ୍କ ସହିତ କାର୍ଯ୍ୟକାରି ସଦସ୍ୟ ଗୁରୁଚରଣ ଦାସ, ମୟାଧର ବେହେରା, କ୍ଷିତୀଶ ପଟ୍ଟନାୟକ ଓ ତାପସ କୁମାର ରଥ (ସହାୟକ ଅଧିକାରୀ) ପ୍ରମୁଖ ସଂଚାଳନ କରିଥିଲେ ।

# ଏଆଇପିଏଫ୍‌ର ଓଡିଶା ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ



**କଣିହାଁ,(ମହାଭାରତ) :** ଏଆଇୟୁଟିୟୁସି ସହବନ୍ଧିତ ଅଲ୍ ଇଣ୍ଡିଆ ପାୱାରମେନସ୍ ଫେଡେରେସନ୍ (ଏ.ଆଇ.ପି.ଏଫ) ର ଦ୍ୱିତୀୟ ଓଡିଶା ରାଜ୍ୟ ସମ୍ମିଳନୀ ରବିବାର ଦିନ ଗଦାଶିଳାସ୍ଥ ବାଜିରାଉତ ସ୍ମୃତି ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ରାଜ୍ୟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀର ପ୍ରାରମ୍ଭରେ ସଂଗଠନର ରକ୍ତ ପତାକା ଉତ୍ତୋଳନ ସହିତ ସହିଦ୍ ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା । ଏ.ଆଇ.ପି.ଏଫ୍ ଓଡିଶା ରାଜ୍ୟ ସଭାପତି କାହ୍ନୁ ବିଶ୍ୱାଳ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ଶ୍ରମିକ କର୍ମଚାରୀ ଓ ଜନବିରୋଧୀ ବିଦ୍ୟୁତ ଆଇନ ୨୦୦୩ ସଂଶୋଧନ ବିଲ ୨୦୨୩ କୁ ବାତିଲ କରିବା, ବିଦ୍ୟୁତ କ୍ଷେତ୍ରର ଘରୋଇ କରଣ ବନ୍ଦ କରିବା, ଫିକ୍ସଡ୍ ଟର୍ମ ଏମ୍ପ୍ଲୋଇମେଣ୍ଟ ବନ୍ଦ କରିବା, ସବୁଦିନିଆ କାମରେ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା, ସମାନ କାମକୁ ସମାନ ମଜୁରୀ ପ୍ରଦାନ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୮ ହଜାର ଟଙ୍କା ପ୍ରଦାନ କରିବା, ଆଦି ଦାବି ନେଇ ଆହୁତ ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବକୁ ଦୁଃଖିଶ୍ୟାମ ମଲ୍ଲିକଙ୍କ ଦ୍ୱାରା ଆଗତ ପରେ ପ୍ରତିନିଧିମାନଙ୍କ ସମର୍ଥନ ଓ ମତାମତ ପରେ ଏହା ସର୍ବ ସମ୍ମତିକ୍ରମେ ଗୃହିତ ହୋଇଥିଲା । ଏଆଇୟୁଟିୟୁସି ସର୍ବଭାରତୀୟ ସାଧାରଣ ସଂପାଦକ ଶଙ୍କର ଦାଶଗୁପ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନୀ ବକ୍ତବ୍ୟ ପ୍ରଦାନ କରିବା ସହିତ ଶ୍ରମିକ ଶ୍ରେଣୀ ଉପରେ ହେଉଥିବା ଆକ୍ରମଣ ବିରୁଦ୍ଧରେ ଦୀର୍ଘସ୍ଥାୟୀ ଶକ୍ତିଶାଳୀ ଶ୍ରମିକ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଏ.ଆଇ.ପି.ଏଫ ର ସର୍ବଭାରତୀୟ ସାଧାରଣ ସଂପାଦକ ସମର କୁମାର ସିହ୍ନା ଯୋଗ ଦେଇ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାରମାନେ ଘରୋଇ ବିଦ୍ୟୁତ କଂପାନୀମାନଙ୍କ ସ୍ୱାର୍ଥରେ ଗ୍ରହଣ କରିଥିବା ଶ୍ରମିକ କର୍ମଚାରୀ ବିରୋଧୀ ଓ ଜନବିରୋଧୀ ନୀତିର ପରିଣାମ ସଂପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ବକ୍ତାଭାବେ ଏ.ଆଇ.ପି.ଏଫ ର ରାଜ୍ୟ ଉପସଭାପତି ଭିରାରୀ ପ୍ରଧାନ, ସଂପାଦକ ମଣ୍ଡଳୀ ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ ଓ ଏଆଇୟୁଟିୟୁସି ଓଡିଶା ରାଜ୍ୟ ସଂପାଦକ ଜୟସେନ ମେହେର ଯୋଗ ଦେଇଥିଲେ । ବିଦ୍ୟୁତ ଶ୍ରମିକ କର୍ମଚାରୀଙ୍କ ଶକ୍ତିଶାଳୀ ମିଳିତ ଆନ୍ଦୋଳନ ସଂଗଠିତ କରିବା ସହିତ ଏ.ଆଇ.ପି.ଏଫକୁ ଓଡିଶା ରାଜ୍ୟରେ ଶକ୍ତିଶାଳୀ କରି ଗଢିତୋଳିବା ପାଇଁ କାହ୍ନୁ ବିଶ୍ୱାଳ ସଭାପତି, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଭିକାରୀ ପ୍ରଧାନ, ଜୟସେନ ମେହେର, କୈଳାସ ଚନ୍ଦ୍ର ମାଝି ଓ ଦୀପକ କୁମାର ସିଂହ ଉପସଭାପତି, ଦୁଃଖିଶ୍ୟାମ ମଲ୍ଲିକ ସଂପାଦକ, ଟୁନା ନାଏକ, ପ୍ରଦୀପ କୁମାର ପ୍ରଧାନ, ସଦାଶିବ ସିଂହ, ଦୁଃଶାସନ ବେହେରା, ଗୌତମ ସେଠୀ, ରବିନ୍ଦ୍ର ପଣ୍ଡା, ଦିଲ୍ଲିପ କୁମାର ସାମନ୍ତ ଓ କାର୍ତ୍ତିକେଶ୍ୱର ସେଠୀ ସଂପାଦକ ମଣ୍ଡଳୀ ସଦସ୍ୟ, ନକୁଳ ଚନ୍ଦ୍ର ସାହୁ କୋଷାଧକ୍ଷ ଙ୍କ ସମେତ ଏକ ୩୭ ଜଣିଆ ରାଜ୍ୟ କମିଟିକୁ ଏହି ସମ୍ମିଳନୀରେ ଗୃହିତ କରାଯାଇଥିଲା । ରାଜ୍ୟର ବିଭିନ୍ନ ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ଶତାଧିକ ଶ୍ରମିକ କର୍ମଚାରୀ ଏହି ସମ୍ମିଳନୀରେ ପ୍ରତିନିଧି ଭାବେ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ଆଡ଼ଭାନ୍ସଡ଼ ଟ୍ରେନିଂରେ ମୟୂରଭଞ୍ଜରୁ ୧୪ ସାମିଲ



**ବାରିପଦା,(ମହାଭାରତ) :** ଭୁବନେଶ୍ୱରର, ୟୁନିଟ -୩ ସ୍ଥିତ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ହେଡ୍‌କ୍ୱାଟର ପରିସରରେ ରାଜ୍ୟସ୍ତରୀୟ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ କ୍ୟାପଟେନ ମାନଙ୍କ ଆଡ୍‌ଭାନ୍ସଡ଼ ଟ୍ରେନିଙ୍ଗ ଚଳିତ ଅଗଷ୍ଟ ମାସ ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଛି. । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନଅ ଜଣ ସ୍କାଉଟ୍ସ ମାଷ୍ଟର ଓ ପାଞ୍ଚ ଜଣ ଗାଇଡ୍ କ୍ୟାପଟେନ ପ୍ରଶିକ୍ଷଣ ନେଇଛନ୍ତି । ସ୍କାଉଟ୍ସ ମାଷ୍ଟର ଦୀପକ ରାମ,ପ୍ରଦୀପ ଚୌଧୁରୀ, ଶାନ୍ତନୁ କୁମାର ଦାଶ, ଅମରେନ୍ଦ୍ର ମହାରଣା, ବିଷ୍ଣୁ ପ୍ରସାଦ ମହାନ୍ତ ଓ ଗାଇଡ୍ କ୍ୟାପଟେନ ଇତିଶ୍ରୀ ମିଶ୍ର, ରାଜକିଶୋର ବଦ୍ରା ଓ ଗାଇଡ୍ କ୍ୟାପଟେନ ପଦ୍ମିନୀ ପରିଡା, କ୍ଷିତୀଶ କୁମାର ଦାସ ଓ ଗାଇଡ୍ କ୍ୟାପଟେନ ଆରତୀ ରାୟ , ମହମ୍ମଦ ଫାରହନ, ନିର୍ମଳ ମହାଳିକ, ପ୍ରିୟଙ୍କା ମଲ୍ଲିକ, ଜୟନ୍ତୀ ପାଣିଗ୍ରାହୀ ପ୍ରମୁଖ ପ୍ରଶିକ୍ଷଣ ନେଇ ପ୍ରମାଣ ପତ୍ର ହାସଲ କରିଛନ୍ତି । ଏହି ସାତ ଦିନ ତାଲିମ କାର୍ଯ୍ୟକ୍ରମରେ ଟେଣ୍ଟ ତିଆରି, ଗେଜେଟ ତିଆରି, ମୋଙ୍କି ବ୍ରିଜ ତିଆରି, ନଟିଙ୍ଗ, ଲେସିଂ, ଡ୍ରିଲ ଓ ମାର୍ଚ୍ଚ ଫାଷ୍ଟ, ଦୁର୍ଘଟଣା ରେ ଆହତ ବ୍ୟକ୍ତି ଙ୍କ ପାଇଁ ଗୋଲଡେନ ଓଉରା ମଧ୍ୟ ରେ ପ୍ରାଥମିକ ଚିକିତ୍ସା ଓ ବେଣ୍ଡେଜ, ବ୍ୟାୟାମ ଓ ଯୋଗାସନ, ଫ୍ଲାଗ ପ୍ରସିଡ଼ିଅର, ମେପିଙ୍ଗ, ଦିଗ ସୂଚକ ଯନ୍ତ୍ର ଦ୍ୱାରା ସ୍ଥାନ ର ଅବସ୍ଥିତ ନିରୂପଣ ଆଦି ପ୍ରଶିକ୍ଷଣ ନେଇଛନ୍ତି । ଏହା ଦ୍ୱାରା ମୟୂରଭଞ୍ଜ ଜିଲ୍ଲାରେ ସ୍କାଉଟ୍ସ ଓ ଗାଇଡ୍ ପିଲାମାନେ ରାଜ୍ୟ ପୁରସ୍କାର ପରୀକ୍ଷା ଦେଇ ପାରିବେ ଓ ଭବିଷ୍ୟତରେ ସେମାନେ ବିଭିନ୍ନ ସ୍କାଉଟ୍ସ କୋଟାରେ ଥିବା ସରକାରୀ ଓ ବେସରକାରୀ ଚାକିରି ରେ ଯୋଗ ଦେବା ସହିତ ନିଜକୁ ସୁନାଗରିକ ରୂପେ ଗଢି ତୋଳିବେ ବୋଲି ଜଣା ଯାଇଛି ।

# ୧୭୬୦ଲିଟରର ଦେଶୀ ମଦ ସହ ତିନି ଗିରଫ


**ଚିଲିକା,(ମହାଭାରତ) :** ଗଞ୍ଜାମ ଜିଲ୍ଲା ବିଷାକ୍ତ ମଦ ମୃତ୍ୟୁ ମାମଲା ଏବେ ସାରା ରାଜ୍ୟରେ ଚହଳ ପକାଇଥିବାବେଳେ ,ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶକ୍ରମେ ପ୍ରତିଦିନ କେଉଁଠି ନା କେଉଁଠି ହଜାର ହଜାର ଲିଟର ସଂଖ୍ୟାର ଦେଶୀ ମଦ ସହିତ ବେପାରୀ ଗିରଫ ଏବଂ ପୋଚ ନଷ୍ଟ କରିବା ଆଦି କାର୍ଯ୍ୟ ଅବକାରୀ ବିଭାଗ ପକ୍ଷରୁ ଜାରି ରହିଛି । ଇତି ମଧ୍ୟରେ ରବିବାର ଅପରାହ୍ଣରେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅନେକ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ୧୭୬୦ ଲିଟର ଦେଶୀ ମଦ, ଗୋଟିଏ ମୋଟରସାଇକେଲ, ଗୋଟିଏ ଚାରିଚକିଆ ଗାଡି ସହ ପୃଥକ ପୃଥକ ମାମଲାରେ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅବକାରୀ ସଚିବ ଶ୍ରୀ ନାର୍ସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଅବକାରୀ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସୁମିତି ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ସ୍ମିତା ପଣ୍ଡା ଏବଂ ବାଣପୁର ଥାନାର ମିଳିତ ଉଦ୍ୟମରେ ବାଣପୁରସ୍ଥିତ ନାରଣଦେଇପୁର,ନଛିପୁର ଓ ସାନସିରେଇପୁରଠାରୁ ମଦ ସହ ବେପାରୀଙ୍କୁ ଗିରଫ କରାଯାଇଛି । ବର୍ତ୍ତମାନ ସମୟରେ ଦେଶୀମଦକୁ ସମୁଳେ ନାଶ କରିବାକୁ ନେଇ ସରକାର ଏବଂ ବିଭାଗକୁ ସ୍ଥାନୀୟ ଅଞ୍ଚଳରେ ବେସ୍ ପ୍ରଶଂସା କରାଯାଉଥିବାବେଳେ , ଚୋରା ବିଦେଶୀ ମଦ କାରବାର କରୁଥିବା ବ୍ୟକ୍ତି ସରକାର ନା ବିଭାଗର ପୋଷ୍ୟପୁତ୍ର ବୋଲି କି ବୁଦ୍ଧିଜୀବୀ ମହଲରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମର ବୈତରଣୀ ନଦୀ ପୀଠ ରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଯୁବ ଇଂ ପ୍ରଦୀପ ରାଜ ଙ୍କ ନେତୃତ୍ୱରେ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ସଂମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ର ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା , ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର ଯୋଗଦେଇ ବୃକ୍ଷ ରୋପଣ କରିଥିଲେ ।ବୈତରଣୀ ତଟ କୂଳରେ ସମୁଦାୟ ୧୦୧ ଟି ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିବାବେଳେ ଆଗାମୀ ଦିନରେ ନଦୀ ର ଉଭୟ ପାର୍ଶ୍ୱରେ ୩ କି ମି ପର୍ଯ୍ୟନ୍ତ ବୃକ୍ଷ ରୋପଣ କରାଯିବ ବୋଲି ଉପସ୍ଥିତ ଥିବା ଗ୍ରାମବାସୀ ମାନେ କହିଥିଲେ ।ଏହି କାର୍ଯ୍ୟକ୍ରମ ରେ ରମେଶ ଚନ୍ଦ୍ର ରାଜ୍,ପ୍ରହଲ୍ଲାଦ ମହାପାତ୍ର,ସତ୍ୟ ନାରାୟଣ ନାଏକ,କୈଳାସ ଚନ୍ଦ୍ର ପରିଡା, ଅମୀୟ କୁମାର ପରିଡା, ସାରଥୀ ମୁଦୁଲି , ପୀତବାସ ପୋହି, କିରଣ ପ୍ରସାଦ ସାମଲ, ଅବିନାଶ ରଞ୍ଜନ ରାଜ, ପ୍ରମୁଖ ଉପସ୍ଥିତ ରହି ମା ପାଇଁ ଗଛ ଟିଏ ବାଣୀ କୁ ଆଧାର କରି ବୃକ୍ଷ ରୋପଣ କରିଥିଲେ । ଏଥିରେ ଆମ୍ବ, ପଣସ, ଲିଚୁ, ଜାମୁକୋଳି ପରି ବହୁ ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଥିଲା ।

# ହୃଦ୍‌ଘାତରେ କର୍ମୀଙ୍କୁ ସମବେଦନା ଜଣାଇଛନ୍ତି ନେତା



**ହାଟଡିହି,(ମହାଭାରତ) :** ଓରାଳୀ ଗ୍ରାମପଞ୍ଚାୟତ ର ଶ୍ରୀଯୁକ୍ତ ଗୋଲଖ ଚନ୍ଦ୍ର ମଲ୍ଲିକଙ୍କ ପୁତ୍ର ଶ୍ରୀ ଅଭୟ କୁମାର ମଲ୍ଲିକ ଙ୍କ ହୃଦଘାତ ଖବର ପାଇ ଓରାଳି ସ୍ଥିତ ବାସ ଭବନ ରେ ପହଁଚି ଥିଲେ କଂଗ୍ରେସ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା । ରବିବାର ଦିନ ତାଙ୍କ ଘରେ ପହଁଞ୍ଚି ଶୋକସନ୍ତପ୍ତ ପରିବାରବର୍ଗ ଙ୍କୁ ସାକ୍ଷାତ କରି ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଛନ୍ତି । ଶ୍ରୀ ଅଭୟ କୁମାର ମଲ୍ଲିକ ଜଣେ ସଚୋଟ କଂଗ୍ରେସ ପ୍ରେମୀ ଥିଲେ ଏବଂ ଗତ ନିର୍ବାଚନ ରେ ଜୟଦେବ ଜେନା ଙ୍କୁ ବିଜୟୀ କରିବାକୁ ବହୁତ ପ୍ରୟାସ କରିଥିଲେ । ଜଗତର ନାଥ ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦଗତି ହେଉ ବୋଲି ସମ୍ ବେଦନା ଜଣାଇ ଛନ୍ତି । ଏହି ସମବେଦନା ଜଣାଇବା ବେଳେ ଓରାଳି ପଞ୍ଚାୟତ ର ଅନେକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

# ମହିଳା ହୋମଗାର୍ଡଙ୍କୁ ଆକ୍ରମଣ ଅଭିଯୋଗରେ କନେଷ୍ଟବଲ ଗିରଫ

**ନୟାଗଡ଼,(ମହାଭାରତ) :** ଆଇନ ସମସ୍ତଙ୍କ ପାଇଁ ସମାନ । ଅପରାଧ ଯିଏ ବି କରିବ, ସେ ଏହାର ଦଣ୍ଡ ଭୋଗିବାକୁ ପଡ଼ିବ । ଏହି ନ୍ୟାୟରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ ଦୁଇ ଜଣ ପୁଲିସ କର୍ମଚାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇ ଚର୍ଚ୍ଚାକୁ ଆସିଛନ୍ତି । ଦୁଇ ଦିନ ତଳେ ଖଣ୍ଡପଡ଼ା ଥାନାରେ କାର୍ଯ୍ୟରତ ଜଣେ ହୋମ୍‌ଗାର୍ଡ ଜିତେନ୍ଦ୍ର ନାୟକଙ୍କୁ ଦାଦାବଟି ମାମଲାରେ ଗିରଫ କରାଯାଇଥିଲା । ଆଜି ନୟାଗଡ଼ ଟାଉନ ଥାନା ପୁଲିସ କନେଷ୍ଟବଳ ଭାବେ କାର୍ଯ୍ୟରତ ଆଲୋକ ଶତପଥୀଙ୍କୁ ଗିରଫ କରିଛି ନୟାଗଡ଼ ପୁଲିସ । ଆଲୋକଙ୍କ ବିରୋଧରେ ମହିଳା ପୁଲିସ ହୋମଗାର୍ଡଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଦୁଇ ଜଣଙ୍କୁ ଏସ୍‌ପି ନିଲମ୍ବିତ କରିଥିବା ବେଳେ ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି । ଗିରଫ ହୋଇଥିବା କନେଷ୍ଟବଳ ଆଲୋକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ମାମଲା ରହିଛି । ନିର୍ଦ୍ଦିଷ୍ଟ ଭାବେ ତାଙ୍କର କୌଣସି ଥାନାରେ ନିଯୁକ୍ତି ନଥିଲା । ଯେତେବେଳେ ଯେଉଁଠି ଆବଶ୍ୟକ ପଡ଼େ ଆଲୋକଙ୍କୁ ସେଠାରେ ଡ୍ୟୁଟି କରିବାକୁ ହୁଏ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଡ୍ୟୁଟିରେ ଥିବା ଜଣେ ବରିଷ୍ଠ ମହିଳା ହୋମ୍‌ଗାର୍ଡଙ୍କୁ ସେ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିଥିଲେ । ମହିଳା ଜଣକ ଏହାର ବିରୋଧ କରିବାରୁ ସେ ତାଙ୍କ ହାତକୁ ଜୋରରେ ଘୋଷାଡ଼ି ଦେଇଥିଲେ । ଫଳରେ ତାଙ୍କର ଅଙ୍ଗୁଳି ଭାଙ୍ଗି ଯାଇଥିଲା । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଆଉ ଜଣେ କନେଷ୍ଟବଳ ଏହାର ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆଲୋକ ଆକ୍ରମଣ କରିବାକୁ ପଛେଇ ନଥିଲେ । ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ ମହିଳା ହୋମଗାର୍ଡ । ଘଟଣାର ତଦନ୍ତ କରି ପୁଲିସ ଆଜି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଲୋକଙ୍କ ନାଁରେ ପୂର୍ବରୁ ୭ଟି ପ୍ରୋସିଡିଂ ହୋଇଛି । ଏମିତିକି ଫତେଗଡ଼ ଥାନା ପୁଲିସ ମଦ ପିଇ ଗାଡ଼ି ଚଳାଉଥିବା ଅଭିଯୋଗରେ ତାଙ୍କ ନାଁରେ ମାମଲା ରୁଜୁ କରିଛି । ଏଥିରୁ ଆଲୋକ କେତେ ବିବାଦୀୟ ତାହା ସ୍ପଷ୍ଟ ଭାବେ ଅନୁମାନ କରି ହେଉଛି । ଅନ୍ୟପଟେ ଉନ୍ନୟନମୂଳକ କାର୍ଯ୍ୟକୁ ଅଟକାଇବା ସହ ଠିକାଦାରଙ୍କୁ ଆକ୍ରମଣ କରିବା ଓ ଦାଦାବଟି ଆଦାୟ କରିବା ଅଭିଯୋଗରେ ଖଣ୍ଡପଡ଼ା ଥାନା ପୁଲିସ ୫ ଜଣ ଯୁବକଙ୍କୁ ଗିରଫ କରିଥିଲା । ବାଲୁଗାଁ ଅଞ୍ଚଳର ସୁଜିତ କୁମାର ଦଳବେହେରା ଏକ ପାଣି ଟାଙ୍କି କାମ କରୁଥିବା ବେଳେ ଗତ ରବିବାର ନାଟୁଗାଁର ସୁଧାକର ବିଶ୍ୱାଳ (ଇତୁ), ଜିତେନ୍ଦ୍ର ନାୟକ, ମନୁଆ ନାଏକ, ନିରଞ୍ଜନ ବେହେରା ଏବଂ ସଜନାପଡ଼ା ଗ୍ରାମର ପ୍ରକାଶ ସ୍ୱାଇଁ ପ୍ରମୁଖ ସେଠାରେ ପହଞ୍ଚି ଦାଦାବଟି ମାଗିବା ଅଭିଯୋଗ ହୋଇଥିଲା । ତେବେ କାମ ହାତେଇଥିବା ଠିକାଦାରଙ୍କ ବାପା ଶଙ୍କର୍ଷଣ ଦଳବେହେରା ଏଥିରେ ପ୍ରତିବାଦ କରିବାରୁ ସେମାନେ ମିଳିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ କରିଥିଲେ । ଆହତ ଶଂକର୍ଷଣ ମେଡିକାଲରେ ନିଜର ଚିକିତ୍ସା କରାଇବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ ।

# ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଅଭିଭାବକ

**କପ୍ତିପଦା,(ମହାଭାରତ) :** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷ ଅବହେଳାକୁ ନେଇ ଉଦଳା-ବାରିପଦା ୧୯ନଂ ରାଜ୍ୟ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଛାତ୍ରୀଙ୍କ ଶରୀର ଅସୁସ୍ଥତାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଅବହେଳା ପ୍ରତିବାଦରେ ଅଭିଭାବକମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ସୂଚନାଯୋଗ୍ୟ,ଖୁଣ୍ଟା ବ୍ଲକ ଅଧିନ ବଡ଼ପଥରା ଗ୍ରାମ ପଞ୍ଚାୟତ ଅଧୀନ କୁସୁମଘାଟି ଅଞ୍ଚଳର ପ୍ରଭାକର ବେହେରାଙ୍କ ଝିଅ ମଧୁସ୍ମିତା ବେହେରା(୧୨) ଖୁଣ୍ଟା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ହଷ୍ଟେଲ୍ ?ରେ ରହି ପାଠ ପଢୁଥିଲେ ।ମଧୁସ୍ମିତା ଙ୍କୁ ଶନିବାର ଦିନ ଜ୍ୱର ଆସିଥିବା ବେଳେ ପେଟ ବଥା କରୁଥିଲା ଏବାବଦରେ ନେଇ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଜଣାଇଥିଲେ ।ପରିବାର ଲୋକେ ସ୍କୁଲରେ ପହଞ୍ଚିବା ପରେ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡାକିଥିଲେ । ମାତ୍ର ଆମ୍ବୁଲାନ୍ସ ନ ମିଳିବାରୁ ଏକ ବାଇକ୍ ଯୋଗେ ଖୁଣ୍ଟା ଡାକ୍ତରଖାନାକୁ ଆଣିଥିଲେ ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ତେବେ ସ୍କୁଲ ପକ୍ଷରୁ ଅବହେଳା କରାଯାଇଥିବା ନେଇ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜପଥ ଅବରୋଧ କରିଥିଲେ । ଫଳରେ ସକାଳ ୯ଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ଘଟଣା ସ୍ଥଳରେ ଉଦଳା ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଏ ଡି ଏମ ଓ ପ୍ରତୀକ ପଣ୍ଡା, ଗୋପବନ୍ଧୁ ନଗର ବି ଇ ଓ ଅଭିମନ୍ୟୁ ସେଠି, ବି ଆର ସି ସି କୁଳମଣି ନାୟକ, ଗୋପବନ୍ଧୁ ନଗର ବିଡ଼ିଓ କରୁଣା କର ଧୀନ୍ଦା, ଗୋପବନ୍ଧୁ ନଗର ବ୍ଲକ ତହସିଲଦାର ଓମ ପ୍ରକାଶ ମହାନ୍ତି, ଖୁଣ୍ଟା ତହସିଲଦାର ପହଞ୍ଚି ସେମାନଙ୍କୁ ବୁଝା ସୁଝା କରିଥିଲେ ।ତାଙ୍କ ପରିବାରର ଯାହାକୁ ହେଲେ କେଉଁଠି ନିଯୁକ୍ତି ଦେବା ପ୍ରତି ସ୍ୱୃତି ଦେବେ ଉପଜିଲ୍ଲାପାଳ । ଏହା ସହିତ ସ୍ୱଟ ଉପରେ ୱାଡେନର ବହିଷ୍କାର ସହିତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ସେଠି ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ସେଠୀଙ୍କ ନିଲମ୍ବନ ପାଇଁ ଡାଇରେକ୍ଟର ଅଫ ସେକେଣ୍ଡାରୀ କୁ ଲେଖିଛନ୍ତି କ୍ଷ ନିଜର ଦାଇତ୍ୱ ହୀନତା ପାଇଁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯିବ ବୋଲି ଡି ଇ ଓ କହିଛନ୍ତି ।ଏତଦ୍ ବ୍ୟତୀତ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ତହସିଲ ପକ୍ଷରୁ ୧୦ହଜାର ଟଙ୍କା,ବ୍ଲକ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୦ହଜାର ଟଙ୍କା,ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୦ହଜାର ଟଙ୍କାର ଅନୁକମ୍ପା ମୂଳକ ଅର୍ଥ ରାଶି ପ୍ରଦାନ କରାଯାଇଛି । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ଅର୍ଥ ରାଶି ମିଳିବା ସହ ମୃତଙ୍କ ପରିବାରରୁ ଜଣଙ୍କୁ ଚାକିରି ଦିଆଯିବ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ଣରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

# ପାକିସ୍ତାନ ବିପକ୍ଷରେ ବାଂଲାଦେଶର ଐତିହାସିକ ବିଜୟ

ରାଓ୍ୱଲପିଣ୍ଡି, ୨୫।୮ (ଏଜେନ୍ସି): ରାଓ୍ୱଲପିଣ୍ଡିରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ର ଶେଷ ଦିନରେ ବାଂଲାଦେଶ କମାଲ କରି ଦେଇଛି ନାଟକୀୟ ଢଙ୍ଗରେ ଦଳ ପାକିସ୍ତାନକୁ ୧୦ ଓ୍ୱିକେଟରେ ହରାଇ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ। ହୋଇଯାଇଛି।

ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟକୁ ନାଟକୀୟ ଢଙ୍ଗରେ ଜିତି ଇତିହାସ ରଚିଛି।ବାଂଲାଦେଶ ପାକିସ୍ତାନକୁ ଘରୋଇ ପରିବେଶରେ ଧୂଳି ଚଟାଇଛି।ବାଂଲାଦେଶ ଏହା ପାକିସ୍ତାନ ବିପକ୍ଷରେ ବାଂଲାଦେଶର ପ୍ରଥମ ଟେଷ୍ଟ ବିଜୟ ଏହାପୂର୍ବରୁ ଦୁଇ ଦଳ ୧୫ ଥର ଟେଷ୍ଟ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିବା ବେଳେ ସବୁ ଥର ପାକିସ୍ତାନ ଜିତୁଥିଲା କିମ୍ବା ମ୍ୟାଚ୍ ଡ୍ର ହେଉଥିଲା।

ହେଲେ ରାଓ୍ୱଲପିଣ୍ଡିରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ର ଶେଷ ଦିନରେ ବାଂଲାଦେଶ କମାଲ କରି ଦେଇଛି। ନାଟକୀୟ ଢଙ୍ଗରେ ଦଳ ପାକିସ୍ତାନକୁ ୧୦ ଓ୍ୱିକେଟରେ ହରାଇ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି।

ଶେଷ ଦିନରେ ପାକିସ୍ତାନ ୨୩/୧ରୁ ଖେଳ ଆରମ୍ଭ କରିଥିଲା। ଲାଗୁଥିଲା ମ୍ୟାଚ୍ ଡ୍ର ରହିବ। କାରଣ ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ଠାରୁ ପାକିସ୍ତାନ ୯୪ ରନ ପଛରେ ରହିଥିଲା। ହେଲେ ଶେଷ ଦିନରେ ବାଂଲାଦେଶର ସ୍ପିନ ଯୋଡ଼ି ମେହିଦୀ ହାସନ ମିରାଜ ଓ ଅଭିଜ୍ଞ ସାକିବ ଅଲ ହାସନ ନିଜର ଯାଦୁ ଦେଖାଇଥିଲେ।

ମିରାଜ ୪ଟି ଓ ସାକିବ ୩ଟି ଓ୍ୱିକେଟ ନେବାରୁ ପାକିସ୍ତାନ ୧୪୬ ରନରେ ଅଲଆଉଟ ହୋଇଯାଇଥିଲା। ନାହିଦ ରାଣା, ଶୋରିଫୁଲ ଇସଲାମ ଓ ହାସନ ମହମ୍ମଦ ମଧ୍ୟ ଗୋଟିଏ ଲେଖାଏ ଓ୍ୱିକେଟ ନେଇଛନ୍ତି ।



- ଶେଷ ଦିନରେ ହେଲା କମାଲ
- ଦ୍ୱିତୀୟ ଇଂନିସରେ ପାକିସ୍ତାନ ୧୪୬ରେ ଅଲ୍‌ଆଉଟ୍
- ୧୦ ଓ୍ୱିକେଟରେ ବାଂଲାଦେଶ ବିଜୟୀ

ଲଞ୍ଚ ପରେ ବାଂଲାଦେଶକୁ ୩୦ ରନର ଟାର୍ଗେଟ ମିଳିଥିଲା। ବାଂଲାଦେଶର ଦୁଇ ଓପନର ଜାକିର ହାସନ ଓ ଶଦନାମ ଇସଲାମ ବିନା କୌଣସି ବିପର୍ଯ୍ୟୟ ଘଟାଇ ନିଜ ଦେଶକୁ ଐତିହାସିକ ବିଜୟ ଭେଟି ଦେଇଛନ୍ତି।

ଆଜି ହେଉଛି ବାଂଲାଦେଶର ଅଧିନାୟକ ନଜମୁଲ ହୁସେନ ସାଣ୍ଟୋଙ୍କ ୨୬ତମ ଜନ୍ମଦିନ। ସେ ଜନ୍ମ ଦିନରେ ବାଂଲାଦେଶର ପ୍ରଥମ କ୍ୟାପ୍ଟେନ ଭାବେ ପାକିସ୍ତାନକୁ କୌଣସି ଟେଷ୍ଟ ମ୍ୟାଚ୍‌ରେ ହରାଇବାର ରେକର୍ଡର ଅଧିକାରୀ ହୋଇଛନ୍ତି। ମ୍ୟାଚ କଥା ବିଚାରକୁ ନେଲେ ପ୍ରଥମ ଇନିଂସରେ ପାକିସ୍ତାନର ଦବଦବା ଦେଖାଇଥିଲା। ମହମ୍ମଦ ରିଜଓ୍ୱାନଙ୍କ ଅପରାଜିତ ୧୭୧ ଓ ସୌଦ ସକୀଲଙ୍କ ୧୪୧ ରନ ବଳରେ ପାକିସ୍ତାନ ୬ ଓ୍ୱିକେଟ ହରାଇ ୪୪୮ ରନ କରିବା ପରେ ପାଳି ଘୋଷଣା କରିଥିଲା। ଏହାର ଦୃଢ଼ ଜବାବ ବାଂଲାଦେଶ ଦେଇଥିଲା।

ଶଦମାନ ଇସଲାମଙ୍କ ୯୩, ମୌମିନୁଲଙ୍କ ୫୦, ମୁସ୍ତଫିକର ରହିମଙ୍କ ୧୯୧, ଲିଟନ ଦାସଙ୍କ ୫୬ ଓ ମେହିଦ ହାସନ ମିରାଜଙ୍କ ୭୭ ରନ ବଳରେ ବାଂଲାଦେଶ ପ୍ରଥମ ଇନିଂସରେ ୫୬୫ ରନ କରି ଅଲଆଉଟ ହୋଇଯାଇଥିଲା।

ବାଂଲାଦେଶକୁ ଗୁରୁତ୍ୱପୂର୍ଣ୍ଣ ୧୧୭ ରନ ଲିଡ ମିଳି ଯାଇଥିଲା। ପାକିସ୍ତାନ ୪ର୍ଥ ଦିନରେ ବେଶ କିଛି ସମୟ ବ୍ୟାଟିଂ କରିବା ସହ ଗୋଟିଏ ଓ୍ୱିକେଟ ହରାଇ ୨୩ ରନ କରି ନେଇଥିଲା। ଦଳ ୯୪ ରନ ପଛରେ ଥିବା ବେଳେ ଆଜି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

ବାଂଲାଦେଶ ସ୍ପିନର ଜବାବ ପାକିସ୍ତାନ ବ୍ୟାଟର ଦେଇ ପାରି ନଥିଲେ। ଶେଷରେ ପୂରା ଟିମ ୧୪୬ ରନରେ ଅଲଆଉଟ ହୋଇଯିବାରୁ ବାଂଲାଦେଶକୁ ଐତିହାସିକ ବିଜୟ ପାଇଁ ମାତ୍ର ୩୦ ରନର ଟାର୍ଗେଟ ମିଳିଥିଲା। ଏହାକୁ ଦଳ ବିନା କୌଣସି ଓ୍ୱିକେଟ ହରାଇ ହାସଲ କରିନେଇଛି।

# ସୂର୍ଯ୍ୟକୁମାରଙ୍କଠୁ ଟେକନିକ ଶିଖିଲେ ମନୁ

ନୂଆଦିଲ୍ଲୀ, ୨୫।୮: ପ୍ୟାରିସ ଅଲିମ୍ପିକ୍ସ -୨୦୨୪ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିବା ଭାରତର ଯୁବ ସୁଟର ମନୁ ଭାକର ବର୍ତ୍ତମାନ କ୍ରିକେଟର ହେବାକୁ ମନ ବଳାଇଛନ୍ତି ମନୁ ଅନେକ ଖେଳ ଖେଳିଛନ୍ତି ଏବଂ ବର୍ତ୍ତମାନ କ୍ରିକେଟରେ ଭାଗ୍ୟ ପରୀକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ସେ ସୂର୍ଯ୍ୟକୁମାର ଯାଦବଙ୍କୁ ମଧ୍ୟ ଭେଟିଥିଲେ ମନୁ ସୋସିଆଲ ମିଡିଆରେ ପୋଷ୍ଟ କରି ଭାରତର ଟି -୨୦ ଅଧିନାୟକଙ୍କୁ ଭେଟିବା ବିଷୟରେ ସୂଚନା ଦେଇଥିଲେ ଏବଂ କହିଥିଲେ ଯେ ସେ ମିଷ୍ଟର ୩୬୦ଡିଗ୍ରୀ ନାମରେ ଜଣାଶୁଣା ଏହି ବ୍ୟାଟ୍ସମ୍ୟାନଙ୍କଠାରୁ ନୂତନ ଖେଳ ବିଷୟରେ ବୈଷୟିକ ଜ୍ଞାନ ନେଉଛନ୍ତି। ମନୁ ବର୍ତ୍ତମାନ ତିନି ମାସର ବିରତିରେ ଅଛନ୍ତି ପ୍ୟାରିସ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ୧୦ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ତଥା ମିଶ୍ରିତ ଦଳ ଇଭେଣ୍ଟରେ ମନୁ ବ୍ରୋଞ୍ଜ ପଦକ ଜିତିଥିଲେ ସମାନ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ସେ ହେଉଛନ୍ତି ପ୍ରଥମ ଭାରତୀୟ ଖେଳାଳି।

ବିରତି ସମୟକୁ ସେ ସମ୍ପୂର୍ଣ୍ଣ ଉପଯୋଗ କରୁଛନ୍ତି। ସେ ଭାରତୀୟ ଟି -୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାରଙ୍କୁ ଭେଟି ଇନଷ୍ଟାଗ୍ରାମରେ ଏହାର ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋ ସହିତ ମନୁ ଲେଖିଛନ୍ତି, ଭାରତର ମିଷ୍ଟର ୩୬୦ଡିଗ୍ରୀଙ୍କୁ ଭେଟି ଏକ ନୂତନ ଖେଳର କୌଶଳ ଶିଖିଛନ୍ତି।




# ଟି-୨୦ରେ ୩ ସୁପର ଓଭର୍

ଭୁବନେଶ୍ୱର, ୨୫।୮: ଟି-୨୦ କ୍ରିକେଟ ଇତିହାସରେ ଘଟିଛି ନୂଆ। ଘଟଣା ସୃଷ୍ଟି ହୋଇଛି। ରେକର୍ଡ ଗୋଟିଏ କିମ୍ବା ଦୁଇଟି ନୁହେଁ, ମ୍ୟାଚ୍ ରେଜଲ୍ଟ ପାଇଁ ଖେଳା ଯାଇଛି ୩ଟି ସୁପର ଓଭର। ୩ଟି ଯାକ ସୁପର ଓଭର ଖେଳା ଯିବା ପରେ ବାହାରିଛି ମ୍ୟାଚ୍ ରେଜଲ୍ଟ। ଏମିତି ଏକ ଘଟଣା ଭାରତରେ ଚାଲିଥିବା ମହାରାଜ ଟ୍ରଫିରେ ଦେଖିବାକୁ ମିଳିଛି।

ବେଙ୍ଗାଲୁରୁ ବ୍ଲାଷ୍ଟର୍ସ ଓ ହୁବଲି ଟାଇଗର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ରେକର୍ଡ ବୁକରେ ସବୁଦିନ ପାଇଁ ଲିପିବଦ୍ଧ ହୋଇଯାଇଛି। ପ୍ରଥମ ଥର ପାଇଁ ଟି-୨୦ କ୍ରିକେଟରେ ଖେଳା ଯାଇଛି ୩ଟି ସୁପର ଓଭର।

ଦୁଇଟି ସୁପର ଓଭର ପରେ ମନୀଷ ପାଣ୍ଡେଙ୍କ ହୁବଲି ଟାଇଗର୍ସ ଶେଷରେ ତୃତୀୟ ସୁପର ଓଭରରେ ଜିତିବାକୁ ସକ୍ଷମ ହୋଇଛି ମୟଙ୍କ ଅଗ୍ରାଲଙ୍କ ବେଙ୍ଗାଲୁରୁ ବ୍ଲାଷ୍ଟର୍ସକୁ ହାରିବାକୁ ପଡ଼ିଛି।

ମ୍ୟାଚ୍ କଥା ବିଚାରକୁ ନେଲେ ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ୧୬୪ ରନ କରିଥିଲା ଦଳ ପକ୍ଷରୁ ମନୀଷ ପାଣ୍ଡେ ୩୩ ରନର ଇନିଂସ ଖେଳିଥିଲେ। ୧୬୫ ରନର ବିଜୟ ଲକ୍ଷ୍ୟକୁ ବ୍ଲାଷ୍ଟର୍ସ ଚେଜ କରୁଥିବା ବେଳେ ମୟଙ୍କ ୫୪ ରନ କରିଥିଲେ। ହେଲେ ଦଳ ୨୦ ଓଭରରେ କେବଳ ୧୬୪ ରନ କରିପାରିଥିଲା।ମ୍ୟାଚ୍ ଟାଇ ହେବାରୁ ପ୍ରଥମ ସୁପର ଓଭର ଖେଳାଯାଇଥିଲା ବ୍ଲାଷ୍ଟର ୧୦ ରନ କରିଥିବା ବେଳେ ଟାଇଗର୍ସ ମଧ୍ୟ ସମାନ ୧୦ ରନ କରିଥିଲା। ଦ୍ୱିତୀୟ ସୁପର ଓଭରରେ ଟାଇଗର୍ସ ୯ ରନର ଟାର୍ଗେଟ ଦେଇଥିଲା। ବ୍ଲାଷ୍ଟର୍ସ ୮ ରନ କରିଥିଲା। ଏହା ପରେ ମ୍ୟାଚ୍‌ର ରେଜଲ୍ଟ ପାଇଁ ପ୍ରଥମଥର ପାଇଁ ଟି-୨୦ କ୍ରିକେଟରେ ଖେଳା ଯାଇଥିବା ତୃତୀୟ ସୁପର ଓଭର ବ୍ଲାଷ୍ଟର୍ସ ମ୍ୟାଚ୍ ଜିତିବାକୁ ଟାଇଗର୍ସ ଆଗରେ ୧୩ ରନର ଟାର୍ଗେଟ ରଖିଥିଲା ଶେଷ ବଲରେ ଚୌକା ମାରି ଟାଇଗର୍ସକୁ କ୍ରାନ୍ତୀ କୁମାର ବିଜୟ ଭେଟି ଦେଇଥିଲେ।



## ଗାଙ୍ଗୁଲି ଭଲ ଅଧିନାୟକ : ଶୋଏବ

ନୂଆ।ଦିଲ୍ଲୀ, ୨୫।୮ : ସବୁବେଳେ ନିଜ ୟୁଟ୍ୟୁବ ଚ୍ୟାନେଲରେ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖନ୍ତି ପାକିସ୍ତାନର ପୂର୍ବତନ ଷ୍ଟାର ବୋଲର ଶୋଏବ ଅଖତର। ଭାରତ ହେଉ କି ପାକିସ୍ତାନ, ଦେଶକୁ ସମର୍ଥନ ନକରି କ୍ରିକେଟକୁ ନେଇ ସେ ସବୁବେଳେ ନିଜର ଭିନ୍ନ ପ୍ରତିକ୍ରିୟା ରଖୁଥିବା ଦେଖାଯାଏ। ଏବେ ସେ ଏକ ସାକ୍ଷାତକାରରେ ଭାରତର ଶ୍ରେଷ୍ଠ ଅଧିନାୟକ କିଏ, ସେ ବିଷୟରେ କହିଛନ୍ତି ସ୍ପୋର୍ଟସକିଡାକୁ ସାକ୍ଷାତକାର ଦେଇ ଭାରତୀୟ କ୍ରିକେଟ୍ ଦଳର ଶ୍ରେଷ୍ଠ ଅଧିନାୟକ ଥିବା ଖେଳାଳିଙ୍କ ନାମ ପ୍ରକାଶ କରିଥିଲେ ସାକ୍ଷାତକାରରେ ଯେତେବେଳେ ଅଖତରଙ୍କୁ ପଚରାଯାଇଥିଲା ଯେ ବିରାଟ କୋହଲି, ଏମଏସ ଧୋନି ଏବଂ ସୌରଭ ଗାଙ୍ଗୁଲିଙ୍କ ମଧ୍ୟରେ ଭାରତର ଶ୍ରେଷ୍ଠ ଅଧିନାୟକ କିଏ? ରାଓ୍ୱଲପିଣ୍ଡି ଏକ୍ସପ୍ରେସ ଶୋଏବ ଅଖତାର ଧୋନି ଏବଂ କୋହଲିଙ୍କ ଅପେକ୍ଷା ସୌରଭ ଗାଙ୍ଗୁଲିଙ୍କୁ ଶ୍ରେଷ୍ଠ ଅଧିନାୟକ ବୋଲି କହିଥିଲେ। ଅଖତରଙ୍କ ଏହି ଉତ୍ତର ଏବେ ସୋସିଆ।ଲ ମିଡିଆ।ରେ ବହୁତ ଭାଇରାଲ ହୋଇଛି।ମ୍ୟାଚ୍ ଫିକ୍ସିଂ ବିବାଦ ପରେ ଗାଙ୍ଗୁଲି ୨୦୦୦ମସିହାରେ ଭାରତର ଅଧିନାୟକତ୍ୱ ଗ୍ରହଣ କରିଥିଲେ ।ତାଙ୍କ ନେତୃତ୍ୱରେ ଭାରତ ବିଦେଶରେ ଟେଷ୍ଟ ମ୍ୟାଚ୍ ଜିତିବା ଆ।ରମ୍ଭ କରିଥିଲା ଗାଙ୍ଗୁଲିଙ୍କ ଅଧିନାୟତ୍ୱରେ ଭାରତୀୟ ଦଳ ୨୦୦୩ରେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା ଗାଙ୍ଗୁଲି ଭାରତୀୟ କ୍ରିକେଟକୁ ଏକ ନୂତନ ଜୀବନ ଦେଇଥିଲେ ଏହା ବ୍ୟତୀତ ଗାଙ୍ଗୁଲିଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ୨୦୦୨ଚାମ୍ପିଅନ୍ସ ଟ୍ରଫିରେ ଶ୍ରୀଲଙ୍କା ସହିତ ମିଳିତ ବିଜେତା ହୋଇଥିଲେ।

# ମା’ ରାଙ୍ଗତାଣ୍ଡୀଠାରେ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ



ବାରିପଦା, ୨୫।୮: କୁଳିଅଣା ବ୍ଲକ ଅନ୍ତର୍ଗତ ମାରାଙ୍ଗତାଣ୍ଡୀ ଗ୍ରାମରେ ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆ।ଲ କ୍ଲବ ତରଫରୁ ଦୁଇଦିନିଆ। ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇ ଯାଇଛି। ଏହି ଟୁର୍ନାମେଣ୍ଟରେ ସର୍ବ ମୋଟ ୧୬ଟି ଟିମ ଅଂଶଗ୍ରହଣ କରିଥିବା ବେଳେ, ଆ।ଜି ପ୍ରଥମ ଦିବସରେ ୮ ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଅବସର ରେ ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଆ।ଜି ଅନୁଷ୍ଠିତ ସେମିଫାଇନାଲ ଖେଳ ଶର୍ଟ ଅନ ଟାର୍ଗେଟ ଏଫସି ଏବଂ ମା ସୁନାମୁହିଁ ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମା ସୁନାମୁହିଁ ଏଫସି ଫାଇନାଲ ଖେଳକୁ ଉତୀର୍ଣ୍ଣ ହୋଇଥିଲା ଏବଂ ଶର୍ଟ ଅନ ଟାର୍ଗେଟ ଏଫସି ଚତୁର୍ଥ ପୁରସ୍କାର ୭୦୦୦ ଟଙ୍କା ମୁଖ୍ୟ ଅତିଥିଙ୍କ ପାଖରୁ ଗ୍ରହଣ କରିଥିଲେ। କ୍ଲବର ସଭାପତି ପାଲଟନ ଟୁଡୁ , ସମ୍ପାଦକ ରାମଚନ୍ଦ୍ର ଟୁଡୁ , ଉପସଭାପତି ପାଇତୁ ସୋରେନ, ବାଇଧର ସୋରେନ, ରାଇସେନ ମାର୍ଣ୍ଡି, ଲାଲମୋହନ ମାର୍ଣ୍ଡି, ସାଇବ ହାଁସଦା, ଈଶ୍ୱର ମୁର୍ମୁ, ରଜତ ହାଁସଦା, ସମାୟା ମୁର୍ମୁ, ଧାନ ହାଁସଦା ସୁକୁଲ ହେମ୍ବ୍ରମ ପ୍ରମୁଖ ଖେଳ ପରିଚାଳନା କରିଥିଲେ. ଟୁର୍ନାମେଣ୍ଟ ର ପ୍ରଥମ ପୁରସ୍କାର ୩୦ହଜାର , ଦ୍ୱିତୀୟ ପୁରସ୍କାର ୨୦ହଜାର , ତୃତୀୟ ଏବଂ ଚତୁର୍ଥ ପୁରସ୍କାର ୭ହଜାର ଟଙ୍କା ରହିଥିବାର କମିଟି ତରଫରୁ କୁହା ଯାଇଛି।

# ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛନ୍ତି କରୁଣ

ନୂଆ।ଦିଲ୍ଲୀ ୨୫।୦୮: ଟିମ୍ ଇଣ୍ଡିଆ। ପ୍ଲେୟର ଯାହାଙ୍କୁ ଭୁଲି ଯାଇଛନ୍ତି ଭାରତୀୟ କ୍ରିକେଟ ଫ୍ୟାନ୍ସ ।ଟେଷ୍ଟ କ୍ରିକେଟରେ ତ୍ରିଶତକ ଲଗାଇଥିବା ୨ୟ ପ୍ଲେୟର ଇଂଲଣ୍ଡ ବିପକ୍ଷରେ କରିଥିଲେ ୩୦୩ ରନ୍ ।କିନ୍ତୁ ଏତେପରେ ବି ଅସ୍ତିତ୍ୱକୁ ନେଇ କରୁଛନ୍ତି ସଂଘର୍ଷ ।ତ୍ରିଶତକ ଲଗାଇବା ପରେ ମଧ୍ୟ ଟେଷ୍ଟରେ ମିଳୁନି କୌଣସି ସୁଯୋଗ। ଆ।ଉ ଟିମରୁ ହୋଇଛନ୍ତି ପୁରା ଆ।ଉଟ୍। ଟିମରୁ ବାହାରିବା ପୂର୍ବରୁ ସେ ଖେଳିଥିଲେ ମାତ୍ର ୩ଟି ଟେଷ୍ଟ ମ୍ୟାଚ।ଏମିତିକି ୩୨ ବର୍ଷୀୟ ଏହି ପ୍ଲେୟରଙ୍କୁ ଆ।ଇପିଏଲରେମଧ୍ୟ ମିଳୁନି ସ୍ଥାନ।

ଭାରତୀୟ କ୍ରିକେଟ ଇତିହାସରେ ୨ଟି ତ୍ରିଶତକ ଲଗାଇଥିବା ପ୍ଲେୟର ପ୍ରଥମରେ ରହିଥିଲେ। ବୀରେନ୍ଦ୍ର ସେହଓ୍ୱାଗ ଯିଏକି ତ୍ରିଶତକ ଲଗାଇଛନ୍ତି ୨ଥର କିନ୍ତୁ ଦ୍ୱିତୀୟ ବ୍ୟକ୍ତି କିଏ ? ପ୍ଲେୟର ଜଣକ ହେଉଛନ୍ତି କରୁଣ ନାୟର। ସେହବାଗଙ୍କ ବ୍ୟତୀତ ଟେଷ୍ଟ କ୍ରିକେଟରେ ତ୍ରିଶତକ କରିଥିବା ସେ ଏକମାତ୍ର ପ୍ଲେୟର ।୨୦୧୬ରେ ସେ ଚେନ୍ନାଇରେ ଇଂଲଣ୍ଡ ବିପକ୍ଷରେ ଲଗାଇଥିଲେ ୩୦୩ ରନର ଐତିହାସିକ ପାରି। କିନ୍ତୁ ଏହାପରେ ସେ ନିଜ ଅସ୍ତିତ୍ୱ ପାଇଁ ଲଢୁଛନ୍ତି। କରୁଣଙ୍କୁ ସେହି ତ୍ରିଶତକୀୟ ପରେ ମଧ୍ୟ ଆ।ଗାମୀ ଟେଷ୍ଟରେ ମିଳିନି ମୌକା ବାସ୍ତବରେ ସେ ଟିମ୍ରୁ ବାହାର ହେବା ପୂର୍ବରୁ ଖେଳିଥିଲେ। ମାତ୍ର ୩ଟି ଟେଷ୍ଟ ମ୍ୟାଚ୍ ଏହାପରଠାରୁ ସେ କ୍ରମାଗତ କରିଚାଲିଛନ୍ତି ସଂଘର୍ଷ ।ସବୁଠାରୁ ବଡ କଥା ହେଉଛି କରୁଣଙ୍କ ପାଖରେ ବର୍ତ୍ତମାନ କୌଣସି ଆ।ଇପିଏଲ୍ ଟିମ୍ ମଧ୍ୟ ନାହିଁ ଆ।ଇପିଏଲ୍ ଲିଗ୍ରେ ତାଙ୍କର ଶେଷ ପ୍ରଦର୍ଶନ ୨୦୨୨ରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିଥିଲେ। ସେ ଆ।ଇପିଏଲରେ କିଛି ସିଜିନରେ ଖେଳିଛନ୍ତି ମାତ୍ର ୮ଟି ମ୍ୟାଚ୍। ଭାରତ ପାଇଁ ଶେଷ ମ୍ୟାଚ୍ ମାର୍ଚ୍ଚ ୨୦୧୭ରେ ଖେଳିଥିଲେ। ସେ ୨୦୨୨-୨୩ରେ ମଧ୍ୟ କର୍ଣ୍ଣାଟକ ଟିମରେ ସ୍ଥାନ ମଧ୍ୟ ମିଳିନଥିଲା କିନ୍ତୁ କରୁଣ ନାୟାର ଏହି ସମୟ ମଧ୍ୟରେ ମାନିନାହାନ୍ତି ହାର ସେ ବିଦର୍ଭକୁ ଯାଇ ଗତ ସିଜିନରେ ରଣଜୀ ଟ୍ରଫିରେ କରିଛନ୍ତି ୬୯୦ ରନ ତାଙ୍କର ହ୍ୱାଇଟ-ବଲ୍ ଫର୍ମ ଶ୍ରେଷ୍ଠ ଶ୍ରେଣୀର ନଥିଲା, କିନ୍ତୁ ସେ ସୟଦ ମୁସ୍ତାକ ଅଲି ଟ୍ରଫି ଏବଂ ବିଜୟ ହାଜାରେ ଟ୍ରଫିରେ କରିଥିଲେ ଚମତ୍କାର ପ୍ରଦର୍ଶନ।



ଟି-୨୦ କ୍ରିକେଟରେ ତାଙ୍କର ପ୍ରାସଙ୍ଗିକ ରହିବାର କ୍ଷମତା ଅଛି ବୋଲି ପ୍ରମାଣ କରିବା ପାଇଁ ସେ ମହାରାଜା ଟି-୨୦ ଟ୍ରଫିରେ ମଇସୋର ଓ୍ୱାରିୟର୍ସ ପାଇଁ ୧୬୨.୬୯ ଷ୍ଟ୍ରାଇକ୍ ରେଟ୍ରେ ୧୨ପାରିରେ କରିଥିଲେ ୫୩୨ ରନ୍। ଏହି ସମୟରେ କରଣ କାଉଣ୍ଟି ଚାମ୍ପିଅନସିପରେ ନର୍ଥମ୍ପଟାୟଶାୟର୍ ସହିତ ଦୁଇଟି ଛୋଟ ଇନିଂସ ଖେଳିଥିଲେ। ତାଙ୍କର ପ୍ରଥମ ଇନିଂସରେ ସେ ମାତ୍ର ୩ଟି ଇନିଂସରେ କରିଥିଲେ ୨୪୯ ରନ୍ ସ୍କୋର କରିଥିଲେ ଏହାପରେ ସେ ଦ୍ୱିତୀୟ ଇନିଂସରେ ୧୧ ଇନିଂସରେ ୪୮୭ ରନ୍ ସ୍କୋର କରିବାର ସୁଯୋଗ ପାଇଥିଲେ

ଯେଉଁଥିରେ ସେ ୨୦୨ର ଶ୍ରେଷ୍ଠ ଇନିଂସର ଶ୍ରେଷ୍ଠ ପାରି ମଧ୍ୟ ଅନ୍ତର୍ଭୁକ୍ତ ରହିଥିଲା । ୩୨ ବର୍ଷିୟ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ଭାରତୀୟ ଟିମର କୌଣସି ସ୍ଥାନରେ ନଜର ଆ।ସୁନାହାନ୍ତି ଏହାର ସବୁଠାରୁ ବଡ ପ୍ରମାଣ ହେଉଛି ଯେ ତାଙ୍କୁ ଦିଲ୍ଲୀପ୍ ଟ୍ରଫି ଟିମ୍ରେ ସ୍ଥାନ ମିଳିନି ତେବେ କରୁଣ ନାୟାର୍ ସିଲେକ୍ଟରଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି।

# ରାଜ୍ୟ ଫିଜିଓଥେରାପିଷ୍ଟ ବ୍ୟାଡମିଣ୍ଟନ ଲିଗ ଆରମ୍ଭ



ଭୁବନେଶ୍ୱର: ସ୍ୱାସ୍ଥ୍ୟ ହିଁ ସମ୍ପଦ, ଆ।ଉ କ୍ରୀଡା ଦ୍ୱାରା ହିଁ ସ୍ୱାସ୍ଥ୍ୟ ଠିକ ରହେ କିଛି ଏଭଳି ବାର୍ତ୍ତା ନେଇ ଆ।ଜିଠାରୁ ଭୁବନେଶ୍ୱରରେ ଆ।ରମ୍ଭ ହୋଇଯାଇଛି। ରାଜ୍ୟ ଫିଜିଓଥେରାପିଷ୍ଟ ବ୍ୟାଡମିଣ୍ଟନ ଲିଗ ଭୁବନେଶ୍ୱରର ପ୍ୟାର ସଟଲର ବ୍ୟାଡମିଣ୍ଟନ ଏକାଡେମୀଠାରେ ଏହି କ୍ରୀଡା ପ୍ରତିଯୋଗିତା ଆ।ରମ୍ଭ ହୋଇଥିବାବେଳେ ଆ।ଜି ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଆ।ସନ୍ତା ସେପ୍ଟେମ୍ବର ୮ ତାରିଖରେ ବିଶ୍ୱ ଫିଜିଓଥେରାପି ଦିବସ ଭାବେ ପାଳନ ହେବାକୁ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଫିଜିଓଥେରାପିଷ୍ଟ ବ୍ୟାଡମିଣ୍ଟନ ଲିଗ ଆ।ଜିଠାରୁ ଆ।ରମ୍ଭ ହୋଇଛି।

ଏହି କ୍ରୀଡା ପ୍ରତିଯୋଗିତାରେ ଶତାଧିକ ଫିଜିଓଥେରାପିଷ୍ଟ ଯୋଗ ଦେଇଥିଲେ । ଏହି ଅବସରରେ ମେୟର ସୁଲୋଚନା ଦାସ କହିଥିଲେ ଯେ ଆମର ସ୍ୱାସ୍ଥ୍ୟ କ୍ଷେତ୍ରରେ ଫିଜିଓଥେରାପିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ଆ।ଉ ଏହାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଫିଜିଓଥେରାପିଷ୍ଟମାନେ ଆବାଳବୃଦ୍ଧବନିତାଙ୍କ ସେବାରେ ନିଜକୁ ନିୟୋଜିତ କରିଥାନ୍ତି। ତେଣୁ ସେହି ଫିଜିଓଥେରାପିଷ୍ଟମାନେ ଫିଟ ରହିଲେ ହିଁ ଅନ୍ୟକୁ ଫିଟ କରିପାରିବେ। ଆ।ଉ ଫିଟ ରହିବା ପାଇଁ ବ୍ୟାଡମିଣ୍ଟନର ବଡ ଭୂମିକା ରହିଛି। ଏହି ବ୍ୟାଡମିଣ୍ଟନ ଲିଗକୁ ଡ଼.ଦୀପକ ସାମନ୍ତରାୟ, ଡ଼.ବିଶ୍ୱଜିତ ସାହୁ, ଡ଼.ସୌମେନ୍ଦ୍ର କୁମାର ପଣ୍ଡା, ଡ଼.ବିଭୁତି ଭୂଷଣ ଜେନା, ଡ଼.ଚିନ୍ମୟ କୁମାର ପାତ୍ର, ଡ଼.ସାଗର ଦୀକ୍ଷିତ, ଡ଼.ପି।ଲା କିଶୋର, ଡ଼.ତାପସ ମିତ୍ର ପ୍ରମୁଖ ଆ।ୟୋଜନ କରିଥିଲେ।

# ବିଶ୍ୱକପ୍ କଥା ଭୁଲିବାକୁ ପଡ଼ିଛି : ମାକ୍ରମ

ନୂଆଦିଲ୍ଲୀ : ପ୍ରେସ୍ କନଫରେନ୍ସରେ ଦ. ଆଫ୍ରିକା ଅଧିନାୟକ ଆ।ଡମ ମାକ୍ରମଙ୍କୁ ଟି-୨୦ ବିଶ୍ୱକପର ପରାଜୟ ନେଇ ପ୍ରଶ୍ନ ପଚରା ଯାଇଥିଲା। ଯାହାର ଉତ୍ତର ଦେଇ ସେ କହିଥିଲେ କି, ଫାଇନାଲ୍ ମ୍ୟାଚରେ ପରାସ୍ତରେ ମୁଁ ଭାଙ୍ଗିପଡିଥିଲି ।ତାହା ଆ।ମ ପାଇଁ ବହୁତ କଠିନ ସମୟ ଥିଲା । ଆ।ମେ ସମସ୍ତେ ସେହି ସମୟରୁ ବାହାରିବାକୁ ଉଦ୍ୟମ କରୁଥିଲେ। ସେଥିପାଇଁ ମୁଁ କିଛି ଦିନ ଛୁଟିରେ ରହିଥିଲି ।ଏପିକି କ୍ରିକେଟ୍ ଠାରୁ ମଧ୍ୟ ଦୂରେଇ ଯାଇଥିଲା। ଯଦି ଆ।ମେ କ୍ରିକେଟ୍ ଠାରୁ ଦୂରେଇ ରହିବା , ତେବେ ଯାଇ ଆ।ମେ ସେହି କଠିନ ପରିସ୍ଥିତିରୁ ବାହାରି ପାରିବା। ଏଥିପାଇଁ ମୁଁ ଛୁଟିରେ ରହି ନିଜକୁ ରିଫ୍ରେଶ୍ କରିଥିଲି ।ଆ।ଉ ଏବେ ମୁଁ ଠିକ୍ ଅଛି। ଆଗାମୀ ଭବିଷ୍ୟତ ଏବଂ କ୍ରିକେଟ୍ ନେଇ ଆ।ମେ ଆ।ଗକୁ ବଢୁଛୁ।ସୂଚନାଯୋଗ୍ୟ ଯେ, ଟି-୨୦ ବିଶ୍ୱକପ୍ ୨୦୨୪ର ଫାଇନାଲ ମ୍ୟାଚ୍ ଭାରତ ଏବଂ ଦକ୍ଷିଣ ଆ।ଫ୍ରିକା ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ବ୍ୟାଟିଂ କରି ଭାରତ ୧୭୬ ରନ୍ କରିଥିଲା ଜବାବରେ ଦକ୍ଷିଣ ଆ।ଫ୍ରିକା ମୋଟ ୨୦ ଓଭର ଖେଳି ୧୯୬ ରନ୍ କରିବାର ସକ୍ଷମ ହୋଇଥିଲା ।ଶେଷରେ ଭାରତ ଏହି ମ୍ୟାଚକୁ ୭ରନରେ ବିଜୟୀ ହୋଇଥିଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.comEditor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ